بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 19-20

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

09-16 ମଇ 2019 09-16 ହିଜରତ୍ 1398 ହି.ଶ 03-10 ରମଜାନ୍ 1440 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

اِنَّ الَّذِیۡنَ یَشۡتَرُوۡنَ بِعَہۡدِ اللّٰہِ وَاَیۡمَانِہِمۡ ثَمَنًا قَلِیۡلًا اُولٰٓئِکَ لَا خَلَاقَ لَہُمۡ فِی الۡاٰخِرَۃِ وَلَا یُکَلِّمُہُمُ اللّٰہُ وَلَا یَنۡظُرُ اِلَیۡہِمۡ یَوۡمَ الۡقِیٰمَۃِ وَلَا یُزَکِّیۡہِمۡ وَلَہُمۡ عَذَابٌ اَلِیۡمٌ ۝

ଅନୁବାଦ- ବାସ୍ତବରେ ଯେଉଁମାନେ ଅଲ୍ଲାଃଙ୍କ ସହିତ ନିଜ ଅଙ୍ଗୀକାର ଓ ଶପଥ ଗୁଡ଼ିକ ବିନିମୟରେ ଅଳ୍ପ ମୁଲ୍ୟ ଗ୍ରହଣ କରନ୍ତି, ସେମାନଙ୍କ ପାଇଁ ପରକାଳରେ କୌଣସି ଭାଗ ନାହିଁ; ଏବଂ କୟାମତ ଦିନ ଅଲ୍ଲାଃ ସେମାନଙ୍କ ସହିତ କଥା କହିବେ ନାହିଁ ଓ ସେମାନଙ୍କ ପ୍ରତି ଦୃଷ୍ଟି ଦେବେ ନାହିଁ କି ସେମାନଙ୍କୁ ପବିତ୍ର ବୋଲି ବିଚାରିବେ ନାହିଁ; ଏବଂ ସେମାନଙ୍କ ପାଇଁ ଯନ୍ତ୍ରଣାଦାୟକ ଶାସ୍ତି (ନିୟତ) ଅଛି ।

*(ଆଲେ ଇମରାନ୍: ୭୮)*

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର ଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ୱ ବାରିକ୍‌ଲନା ଫି’ଉମ୍‌ରିହି ୱ୍ୱ ଅମ୍‌ରିହି ॥

**ପବିତ୍ର କୋରାନ୍ ଯେଉଁ ଭଳି ତକ୍‌ୱ୍ୱା (ଅର୍ଥାତ୍ ଧର୍ମପରାୟଣତା)ର ମାର୍ଗକୁ ଗ୍ରହଣ କରିଛି ଓ ପ୍ରତ୍ୟେକ ସ୍ୱଭାବର ମନୁଷ୍ୟ ଏବଂ ବିଭିନ୍ନ ବୁଦ୍ଧି ସଂମ୍ପନ୍ନ ଜ୍ଞାନ ରଖିଥିବା (ଲୋକମାନଙ୍କର) ସଂସ୍କାର ନିମନ୍ତେ ଶୈଳୀ ଶିଖାଇଛି ।**
**ଜଣେ ମୁର୍ଖ, ଜ୍ଞାନୀ ଏବଂ ଦାର୍ଶନିକର ମାର୍ଗ ଦର୍ଶନର ରାସ୍ତା, ପ୍ରତ୍ୟେକ ଗୋଷ୍ଠୀଙ୍କ ପ୍ରଶ୍ନର ଉତର ସୁତରାଂ ଏପରି କୌଣସି ଗୋଷ୍ଠୀକୁ ସେ ଛାଡ଼ି ନାହିଁ ଯାହାର ସୁଧାର ପାଇଁ ସେ ମାର୍ଗଦର୍ଶନ ନ କରିଥିବ ।**

## ହଜରତ ମସିହ ମଉଦ ଆ.ସଙ୍କ ନୀତି ବାଣୀ

### ମତ୍‌ତକି କିଏ ?

ଈଶ୍ୱରଙ୍କ ବାଣୀରୁ ଏ କଥା ମିଳୁଛି ଯେ, ମୁତ୍‌ତକି (ଅର୍ଥାତ୍ ଧର୍ମନିଷ୍ଠ / ଧର୍ମପରାୟଣ ବ୍ୟକ୍ତି) ହେଉଛନ୍ତି ସେମାନେ ଯେଉଁମାନେ ଉଦାର ମନୋଭାବ ରଖି ସହିଷ୍ଣୁତା ଓ ନିଃସ୍ୱ ଜୀବନ ଜାପନ କରିଥାନ୍ତି । ସେମାନେ ଅଂହଙ୍କାର ଦେଖାଇ କଥା ହୁଅନ୍ତି ନାହିଁ । ସେମାନଙ୍କର ବାର୍ତାଳପ ଏପରି ହୋଇଥାଏ ଯେପରି ଛୋଟ, ବଡ଼ (ବୟସର ଲୋକ) ସହିତ କରିଥାଏ ଆମକୁ ପ୍ରତ୍ୟେକ ଅବସ୍ଥାରେ ତାହା କରିବା ଉଚିତ, ଯେଉଁଥିରେ ଆମକୁ ସଫଳତା ମିଳିବ । ଅଲ୍ଲାଃତାଲା କାହାର ଠେକେଦାର ନୁହଁନ୍ତି । ସେ ପୂର୍ଣ୍ଣ ତକ୍‌ୱ୍ୱା ଚାହେଁ । ଯିଏ ତକ୍‌ୱ୍ୱା ଗ୍ରହଣ କରିବ ସେ ଉଚ୍ଚସ୍ଥାନରେ ପହଂଚିବ । ଆଁ ହଜ୍‌ରତ୍ ସ:ଆ:ସ ତଥା ହଜ୍‌ରତ୍ ଇବ୍ରାହୀମ୍ ଆ:ସ କୌଣସି ଉତରାଧିକାରୀ ରୂପେ ସମ୍ମାନ ପାଇନାହାନ୍ତି । ଯଦିଚ ଆମର ଇମାନ୍ ଅଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମାନୀୟ ପିତା ଅବ୍‌ଦୁଲ୍ଲାଃ ମୁଶ୍‌ରିକ୍ (ଅର୍ଥାତ୍ ପିତୁଳା ପୁଜକ) ନଥିଲେ, କିନ୍ତୁ ସେ ନବୁଓ୍ୱତ୍ ତ ଦେଇନାହାନ୍ତି । ଏହାତ ଈଶ୍ୱରଙ୍କ କୃପାଥିଲା, ସେହି ସତ୍ୟତା ଯୋଗୁଁ ଯାହା ତାଙ୍କ ସ୍ୱଭାବରେ ନିହିତ ଥିଲା । ଏହା କୃପାର ଆଧାର ଥିଲା । ହଜ୍‌ରତ୍ ଇବ୍ରାହୀମ୍ ଆ:ସ ଯିଏ ସବୁ ନବିମାନଙ୍କର (ଆଧାତ୍ମିକ) ବାପା ଥିଲେ, ସେ ନିଜର ସତ୍ୟତା ଓ ତକ୍‌ୱ୍ୱା ଦ୍ୱାରା ହିଁ ପୁତ୍ରକୁ କୁର୍ବାନ (ଅର୍ଥାତ୍ ବଳୀ) ଦେବାକୁ ପଛାଇଲେ ନାହିଁ । ନିଜେ ନିଆଁରେ ପଡ଼ିଲେ । ଆମ ସୟଦ୍ ଓ ମୌଲା ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ସତ୍ୟନିଷ୍ଠା ଓ ଭକ୍ତିକୁ ଦେଖନ୍ତୁ ! ଆପଣ ସ:ଆ:ସ ପ୍ରତ୍ୟେକ ପ୍ରକାରର କୁପ୍ରଥାର ମୁକାବିଲା କଲେ । ଭଳି ଭଳିକା ଦୁଃଖ କଷ୍ଟ ଉଠାଇଲେ କିନ୍ତୁ ପରବାଏ କଲେ ନାହିଁ । ଏହି ସତ୍ୟନିଷ୍ଠା ଓ ଭକ୍ତିଭାବ ଥିଲା ସେଥିଯୋଗୁଁ ଅଲ୍ଲାଃ ତାଲା କରୁଣା କଲେ । ସେଥିପାଇଁ ତ ଅଲ୍ଲାଃ ତାଲା କହିଲେ: **ଇନ୍ନଲ୍ଲାହା ୱ୍ୱ ମଲାଇକତହୁ ୟୁସଲ୍ଲୁନା ଅଲନ୍ ନବିୟି ୟା ଅୟୋହଲ୍ ଲଜିନା ଆମନୁ ସଲ୍ଲୁ ଆଲୈହେ ୱ୍ୱ ସଲ୍ଲିମୁ ତସ୍‌ଲିମା (ଅହ୍‌ଜାବ:୫୭)** ଅନୁବାଦ- ଅଲ୍ଲାଃ ଓ ତାହାଙ୍କ ସମସ୍ତ ଦେବଦୁତଗଣ ଏହି ନବିଙ୍କ ପ୍ରତି ଦରୁଦ ପ୍ରେରଣ କରୁଛନ୍ତି (ଅର୍ଥାତ୍ ଦରୁଦ୍ ଶରିଫ୍ ପାଠ କର): ଓ ତାହାଙ୍କ ପାଇଁ ପ୍ରାର୍ଥନା କର ଓ ମନୋଯୋଗ ପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷାକର ।

ଏହି ଆୟତ୍‌ରୁ ପ୍ରକାଶ ହେଉଛି ଯେ ରସୁଲେ ଅକ୍‌ରମ୍‌ଙ୍କ କାର୍ଯ୍ୟନମୁନା ଏପରି ଥିଲା ଯେ ଅଲ୍ଲାଃ ତାଲା ପ୍ରଶଂସା ବା ଗୁଣାବଳୀକୁ ପରିପ୍ରକାଶ / ସୀମାବଦ୍ଧ କରିବା ପାଇଁ କୌଣସି ବିଶେଷ ଶବ୍ଦ ରଖି ନାହାନ୍ତି । ଶବ୍ଦ ତ ମିଳିପାରିଥାନ୍ତା କିନ୍ତୁ ନିଜେ ବ୍ୟବହାର କଲେ ନାହିଁ । ଅର୍ଥାତ୍ ଆପଣ ସ:ଆ:ସଙ୍କ ଆମାଲେ ସ୍ୱାଲେହା (ଅର୍ଥାତ୍ ଉତମ କାର୍ଯ୍ୟନମୁନା)ର ପ୍ରଶଂସା ସୀମା ବାହାର ଥିଲା । ଏହି ପ୍ରକାରର ଆୟତ ଅନ୍ୟ କୌଣସି ନବିଙ୍କ ସମ୍ବନ୍ଧରେ ବ୍ୟବହାର କଲେ ନାହିଁ । ଆପଣ ସ:ଆ:ସଙ୍କ ଆତ୍ମାରେ ସେହି ସତ୍ୟନିଷ୍ଠା ଓ ସ୍ୱଚ୍ଛତା ଥିଲା ଓ ଆପଣ ସ:ଆ:ସଙ୍କ କାର୍ଯ୍ୟ ନମୁନା ଖୁଦାଙ୍କ ଦୃଷ୍ଟିରେ ଏତେମାତ୍ରାରେ ପସନ୍ଦ ଯୋଗ୍ୟ ଥିଲା ଯେ ଅଲ୍ଲାଃ ତାଲା ସବୁଦିନ ପାଇ ଏ ନିର୍ଦ୍ଦେଶ ଦେଲେ ଯେ ଆସନ୍ତାକୁ ଲୋକମାନେ କୃତଜ୍ଞତା ଜ୍ଞାପନ କରିବା ପାଇଁ ଦରୁଦ୍ ପ୍ରେରଣ କରନ୍ତୁ । ତାଙ୍କର ସାହାସ ଓ ସତ୍ୟତା ଏପରି ଥିଲା ଯେ ଯଦି ଆମେ ଉପରୁ ତଳ ପର୍ଯ୍ୟନ୍ତ ଦୃଷ୍ଟି ନିକ୍ଷେପ କରୁଛନ୍ତି, ତେବେ ତାହାର ଦୃଷ୍ଟାନ୍ତ ମିଳୁ ନାହିଁ । ସ୍ୱୟଂ ହଜ୍‌ରତ୍ ମସିହ୍‌ଙ୍କ ସମୟରେ ଦେଖି ନିଅନ୍ତୁ ଯେ ତାଙ୍କ ସାହାସ ବା ଅଧାତ୍ମିକ ସତ୍ୟନିଷ୍ଠା କେତେ ମାତ୍ରାରେ ତାଙ୍କ ଅନୁଗାମୀମାନଙ୍କ ଉପରେ ପଡ଼ିଛି । ପ୍ରତ୍ୟେକ (ଏ କଥା) ବୁଝି ପାରୁଥିବେ ଯେ ଜଣେ ଅମହଣିଆକୁ ଠିକ୍ କରିବା କେତେ କଷ୍ଟକର (ବ୍ୟାପାର) । ଦୃଢ଼ ଓ ପରିପକ୍ୱ ସ୍ୱଭାବରେ ପଶିବା କେତେ ଅସାଧ କିନ୍ତୁ ଆମ ପବିତ୍ର ନବି ସ:ଆ:ସ ହଜାର ହଜାର ମନୁଷ୍ୟକୁ ଠିକ୍ କଲେ ଯେଉଁମାନେ ପଶୁଠାରୁ ମଧ୍ୟ ହୀନ ଥିଲେ । କିଛି ଲୋକେ ମା’ ଓ ଭଉଣୀମାନଙ୍କ ମଧ୍ୟରେ ପଶୁମାନଙ୍କ ସଦୃଶ ଫରକ କରୁ ନଥିଲେ ଅନାଥଙ୍କ ଧନ ଖାଉଥିଲେ, ମୁର୍ଦ୍ଦାରଙ୍କ ମାଲ୍ ଖାଉଥିଲେ । କିଛି ନକ୍ଷତ୍ର ପୂଜକ, କିଛି ନାସ୍ତିକ, କିଛି ଭୌତିକବାଦୀ ଥିଲେ । । ଆରବ ଉପଦ୍ୱୀପ କଣ ଥିଲା, ଗୋଟିଏ ଧର୍ମର ସମାହାର ନିଜ ଭିତରେ ଧରି ରଖିଥିଲା ।

### ପବିତ୍ର କୋରାନ୍ ହେଉଛି ସଂମ୍ପୂର୍ଣ୍ଣ ହିଦାୟତ୍

ଏଥିରୁ ବଡ଼ ଲାଭ ଏହା ହେଲା ଯେ, ପବିତ୍ର କୋରାନ୍ ପ୍ରତ୍ୟେକ ପ୍ରକାରର ଶିକ୍ଷାକୁ ନିଜ ଭିତରେ ରଖିଅଛି । ପ୍ରତ୍ୟେକ ପ୍ରକାରର ଅପସଂସ୍କୃତି ବା କୁଶିକ୍ଷା ଯାହା ସଂସାରରେ ସମ୍ଭାବ୍ୟ, ସେ ସବୁର ମୁଳୋତ୍ପାଟନ ନିମନ୍ତେ ସେଥିରେ ଯଥେଷ୍ଟ ଶିକ୍ଷା ମହଜୁଦ୍ ରହିଛି । ଏହା ଅଲ୍ଲାଃ ତାଲାଙ୍କ ଗଭୀର ନୀତି ଓ କାର୍ଯ୍ୟ ।

ଯେହେତୁ କାମିଲ୍ (ଅର୍ଥାତ୍ ସଂମ୍ପୁର୍ଣ୍ଣ) ପୁସ୍ତକ ଆସି ସଂମ୍ପୁର୍ଣ୍ଣ ଇସ୍‌ଲାହ (ଅର୍ଥାତ୍ ସଂସ୍କାର) କରିବାର ଥିଲା । ତେଣୁ ଏହା ନିଶ୍ଚିତ ଥିଲା ଯେ ତାହା ଯେଉଁ ସ୍ଥାନରେ ଅବତୀର୍ଣ୍ଣ ହେବ, ସେଠାରେ ରୋଗ ମଧ୍ୟ ପୂର୍ଣ୍ଣମାତ୍ରାରେ ଥିବ ଯଦ୍ୱାରା ପ୍ରତ୍ୟେକ ରୋଗର ପୂର୍ଣ୍ଣ ଉପଚାର ଯୋଗାଇ ଦିଆଯିବ । ସୁତରାଂ ଏହି ଉପଦ୍ୱୀପରେ ସମ୍ପୂର୍ଣ୍ଣ ମାତ୍ରାରେ ରୋଗୀମାନେ ଥିଲେ ଓ ତାଙ୍କ ଠାରେ ସେହି ସମସ୍ତ ଆଧାତ୍ମିକ ରୋଗ ମହଜୁଦ ଥିଲା ଯାହା ସେ ସମୟରେ ବା ଆସନ୍ତା ପିଢ଼ିକୁ ଗ୍ରାସ କରିବାକୁ ଥିଲା । ଏହି କାରଣ ଯୋଗୁଁ ପବିତ୍ର କୋରାନ ସମସ୍ତ ଶରିୟତ୍ (ଅର୍ଥାତ୍ ଆଧାତ୍ମିକ ଐଶି ପୁସ୍ତକ) କୁ ସମ୍ପୁର୍ଣ୍ଣ କଲା । ଅନ୍ୟ ସମସ୍ତ ପୁସ୍ତକ ଗୁଡ଼ିକ ଅବତୀର୍ଣ୍ଣ ହେବା ସମୟରେ ନା ତ ଏହାର ଆବଶ୍ୟକତା ଥିଲା ନା ସେଥି ମଧ୍ୟରେ ଏପରି ସଂମ୍ପୁର୍ଣ୍ଣ ଶିକ୍ଷା ରହିଛି ।

### ନବି କରିମ୍ ସ:ଆ:ସଙ୍କ ମହାନ ଚମତ୍କାରିତା

ଆମ ନବି ଅକ୍‌ମଲ ସ:ଆ:ସଙ୍କ ବର୍‌କାତ (ଅର୍ଥାତ୍ ବୈଭବ) ଯେତେ ମାତ୍ରାରେ ପରିପ୍ରକାଶ ହୋଇଛି ଯଦି ସମସ୍ତ ଐଶ୍ୱରୀକ ଚମତ୍କାରିତାକୁ ଅଲଗା କରିଦିଆଯାଏ, ତେବେ ଆପଣ ସ:ଆ:ସଙ୍କ ସଂସ୍କାର ହିଁ ଏକ ମହାନ ଚମତ୍କାର । ଯେବେ ଆପଣ ସ:ଆ:ସ ଆସିଲେ, ଯଦି କେହି ସେ (ସମୟର) ଅବସ୍ଥା ଉପରେ ଅନୁଧ୍ୟାନ କରେ, ପୁଣି ଆପଣ ସ:ଆ:ସଙ୍କ ଦ୍ୱାରା ଛାଡ଼ିଯାଇଥିବା ଅବସ୍ଥାକୁ ଦେଖେ, ତେବେ ତାକୁ ମାନିବାକୁ ପଡ଼ିବ ଯେ ଏହି ପ୍ରଭାବ ସ୍ୱୟଂ ଏକ ଚମତ୍କାର ଥିଲା । ଯଦିଚ ସମସ୍ତ ଅମ୍ବିୟା (ଅର୍ଥାତ୍ ଅବତାରଗଣ) ସମ୍ମାନଯୋଗ୍ୟ କିନ୍ତୁ **ଜାଲିକା ଫଜ୍‌ଲୁଲ୍ଲାହି ୟୁତିହି ମଇଁ ୟଶାଓ (ଯୁମାଃ:୫)**

ଯଦି ଆଁ ହଜ୍‌ରତ୍ ସ:ଆ:ସ (ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ) ନ ଆସିଥାନ୍ତେ ତେବେ ନବୁଓ୍ୱତ୍‌କୁ ଛାଡ଼ନ୍ତୁ ଈଶ୍ୱରଙ୍କ ପ୍ରମାଣ ମଧ୍ୟ ଏପରି ମିଳି ନଥାନ୍ତା । ଆପଣ ସ:ଆ:ସଙ୍କ ଶିକ୍ଷାରୁ **କୁଲ୍ ହୁୱ୍ୱଲ୍‌ଲ୍ଲାହୁ ଅହଦ୍ । ଅଲ୍ଲାହୁସ୍ ସମଦ୍ ଲମ୍ ୟଲିଦ୍ ୱ୍ୱ ଲମ୍ ୟୁଲଦ୍ । ୱ୍ୱଲମ୍ ୟକୁଲ୍ଲହୁ କୁଫୁୱ୍ୱନ୍ ଅହଦ୍ (ଇଖ୍‌ଲାସ୍: ୨ ରୁ ୫)** ଜଣାପଡ଼ିଲା । ଯଦି ତୌରିୟତ୍‌ରେ ଏପରି କିଛି ଶିକ୍ଷା ଥାଆନ୍ତା ଓ ପବିତ୍ର କୋରାନ୍ ତାହା ବ୍ୟାଖ୍ୟା କରିଥାନ୍ତା ତେବେ ନସାରା (ଅର୍ଥାତ୍ ଖ୍ରୀଷ୍ଟିୟାନ୍) ମାନଙ୍କ ଅସ୍ତିତ୍ୱ କାହିଁକି ସୃଷ୍ଟି ହୋଇଥାଆନ୍ତା ।

### ପବିତ୍ର କୋରାନ୍‌ରେ ସବୁ ସତ୍ୟ ରହିଛି

ସୁତରାଂ ପବିତ୍ର କୋରାନ୍ ଯେତେ ମାତ୍ରାରେ ସତ୍ୟନିଷ୍ଠାର ମାର୍ଗକୁ ଆପଣେଇଛି ଓ ପ୍ରତ୍ୟେକ (ସ୍ୱଭାବର) ମନୁଷ୍ୟ ଓ ଭିନ୍ନ ଭିନ୍ନ ବୁଦ୍ଧି ସମ୍ପର୍ଣ୍ଣ ଲୋକମାନଙ୍କୁ ସୁଧାରିବାର ଶୈଳି ଶିଖାଇଛି (ଅର୍ଥାତ୍) ମୁର୍ଖ, ଜ୍ଞାନୀ ଏବଂ ଦାର୍ଶନୀକଙ୍କୁ ପଥପଦର୍ଶନ କରିବାର ମାର୍ଗ, ପ୍ରତ୍ୟେକ ଗୋଷ୍ଠିର ପ୍ରଶ୍ନର ଉତର, ସୁତରାଂ କୌଣସି ଗୋଷ୍ଠିକୁ ଏପରି ଛାଡ଼ି ନାହାନ୍ତି ଯାହାଙ୍କୁ ଇସ୍‌ଲାହ୍ (ଅର୍ଥାତ୍ ସୁଧାର)ର ଶୈଳୀ/ ମାର୍ଗ ନ ବତାଇଥିବ । ଏହା ସମୟର ରହସ୍ୟ ଥିଲା । ଯେପରିକି (ଅଲ୍ଲାଃ ତାଲା) କହୁଛନ୍ତି ଫିହା କୁତୁବୁନ୍ କୟେମାଃ (ବୟନାଃ:୪) ଅର୍ଥାତ୍ ଏହା ହେଉଛି ଏପରି ବିଧାନ ଯାହା ମଧ୍ୟରେ ସଂପୂର୍ଣ୍ଣ ସତ୍ୟତା ଭରି ରହିଛି । ସୁତରାଂ ଏହା କିପ୍ରକାରର ପବିତ୍ର ପୁସ୍ତକ ଯେ ତାହା ମଧ୍ୟରେ ଉଚ୍ଚ ସ୍ତରକୁ ପହଂଚିବାର ସମସ୍ତ ଜିନିଷ ମହଜୁଦ୍ ଅଛି ।

***(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ-୩୧ ରୁ ୩୪, ମୁଦ୍ରଣ ୨୦୧୮ କାଦିୟାନ୍)***

⌘⌘⌘ ⌘⌘⌘ ⌘⌘⌘

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୭ ର ଅବଶିଷ୍ଟାଂଶ ......*

କରୁନଥିଲେ । ଜନସେବା କାର୍ଯ୍ୟରେ ବୁଡ଼ି ରହୁଥିଲେ ।

ସେହିପରି ତାଙ୍କ ପୁତ୍ର ସୁଲ୍‌ତାନ୍ ମୁହମ୍ମଦ ଖାନ୍ କହୁଛନ୍ତି ଯେ ମୋ ବାପା ଅନେକ ସୋସିଆଲ୍ ୱାର୍କ (ଜନସେବାମୁଳକ କାର୍ଯ୍ୟ) କରିଛନ୍ତି । ଆଠଟି ସ୍କୁଲ୍ ନିର୍ମାଣ କରିଛନ୍ତି । ଦୁଇଟି କବ୍ରସ୍ଥାନ ପାଇଁ ଜାଗା ଦେଇଛନ୍ତି । ଆଠଟି ସ୍କୁଲ୍ ପାଇଁ ମଧ୍ୟ ଜମି ଦେଇଛନ୍ତି । ଅଗଣତି ଲୋକଙ୍କୁ, ଗରୀବମାନଙ୍କୁ ଚାକିରି କରାଇଦେଇଛନ୍ତି ଓ ସେମାନଙ୍କୁ ସାହାଯ୍ୟ କରିଛନ୍ତି । ଅଲ୍ଲାଃ ତାଲା ତାଙ୍କ ସହିତ ରହ୍‌ମତ୍ ଏବଂ ମଗ୍‌ଫିରତ୍ (କରୁଣା ଓ କ୍ଷମା ପ୍ରଦାନ)ର ବ୍ୟବହାର କରନ୍ତୁ । ତାଙ୍କ ସନ୍ତାନମାନଙ୍କ ମଧ୍ୟ ପୂଣ୍ୟ କାର୍ଯ୍ୟ ଉପରେ ପ୍ରତିଷ୍ଠିତ କରନ୍ତୁ । ଯମାଜ୍ ଓ ଖିଲାଫତ୍ ସହିତ ସଂଲଗ୍ନ ରଖନ୍ତୁ । ଯେପରି ମୁଁ କହିସାରିଛି ଯେ ନମାଜ ପାଠ ପରେ ମୁଁ ତାଙ୍କର ନମାଜ ଯନାଜାଃ ପଢ଼ାଇବି ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଅମଲେକ୍ ସାହେବା କହିଲେ ହଜୁର ଅନଓ୍ୱରଙ୍କୁ ସାକ୍ଷାତ କରିବା ସମୟରେ ମୋର ନିଜ ଭାବନା ଉପରେ ନିୟନ୍ତ୍ରଣ ନଥିଲା । ଆଉ ଜଣେ ମହିଳା Arlynn Mission ସାହେବା କହିଲେ ସାକ୍ଷାତ ସମୟରେ ମୋ ଚକ୍ଷୁରୁ ଅନବରତ ଅଶ୍ରୁ ବହିଚାଲିଥିଲା ।

ଜଣେ ବନ୍ଧୁ Renny Luther କୁହନ୍ତି ଆଜି ଖଲିଫାଙ୍କ ସହ ମୋର ପ୍ରଥମ ସାକ୍ଷାତ ମୋ ଜୀବନର ଅତ୍ୟନ୍ତ ସୁନ୍ଦର ମୂହୁର୍ତ ଥିଲା । ଆଉ ଜଣେ ସାହେବ ଶ୍ରୀମାନ Anton Marquez କହିଲେ ମୁଁ ହଜୁର ଅନଓ୍ୱରଙ୍କୁ ଚାହିଁ ରହିଲି ଏବଂ ନିଜ ସ୍ଥାନରେ ସ୍ତବ୍ଧ ହୋଇ ରହିଗଲି । ହଜୁର ଅନଓ୍ୱରଙ୍କୁ କିଛି କହିପାରିଲି ନାହିଁ ।

ଆଜିର ଏହି ସାକ୍ଷାତ ସେହି ଲୋକମାନଙ୍କୁ ହଜୁର ଅନଓ୍ୱରଙ୍କ ସହ ସେମାନଙ୍କର ସମ୍ପର୍କକୁ ଦୃଢତା ପ୍ରଦାନ କରିଥିଲା । ଏହି ମୂହୁର୍ତ ସେମାନଙ୍କୁ ସଦେବ ମନେରହିବ ।

⌘⌘⌘⌘⌘⌘⌘⌘⌘⌘

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahemadiya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahemadiya, Kerang (Odisha)*

# ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୱରଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡ଼ିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡ଼ିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

## ବୈଷୟିକ ସଂସ୍ଥା ଦାରୁସ୍ ସନାଅତ୍ କାଦିଆନ୍‌ରେ ୨୦୧୯-୨୦ ପାଇଁ ନାମଲେଖା

## Ahmadiyya Vocational (Technical) Training Centre, Qadian

**ବୈଷୟିକ ଶିକ୍ଷା ବ୍ୟତୀତ କାଦିଆନ୍‌ର ପରିବେଶରେ ନମାଜ, ଦରସ୍ ଓ ତଦ୍‌ରିସ୍‌ରୁ ଲାଭ ଉଠାଇବା ପାଇଁ ଉତ୍କୃଷ୍ଟତମ ସୁଯୋଗ**

ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ୧୯୩୪ ମସିହାରେ କାଦିଆନ୍‌ର ପବିତ୍ର ବସ୍ତିରେ ଯୁବକମାନଙ୍କୁ କୌଶଳ ଶିଖାଇବା ଓ ସେମାନଙ୍କୁ ଉତମ ନାଗରିକ ରୂପେ ଗଢ଼ି ତୋଳିବା ପାଇଁ ଦାରୁସ୍ ସନାଅତ୍ ବିଭାଗର ମୂଳଦୁଆ ରଖିଥିଲେ । ଯାହା ଦେଶ ବିଭାଜନ ପରେ ଅନୁକୁଳ ଅବସ୍ଥା ନହେବା ଯୋଗୁ ବନ୍ଦ୍ ହୋଇଯାଇଥିଲା । ଏବେ ଅଲ୍ଲାଃତାଲାଙ୍କ ଅସୀମ ଦୟା ଓ କରୁଣାରୁ ଦାରୁସ୍ ସନାତ୍ ପୁନର୍ବାର ୨୦୧୦ରେ ପ୍ରିୟ ଆକା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ମଞ୍ଜୁରୀ ଓ ମାର୍ଗଦର୍ଶନରେ ଆରମ୍ଭ ହୋଇଛି । ଯାହା ବର୍ତମାନ ନଜାରତ୍ ତାଲିମ୍ କାଦିଆନ୍‌ଙ୍କ ଅଧିନରେ ସେବା କରୁଅଛି । ଏହି ସଂସ୍ଥା ଗଭର୍ଣ୍ଣମେଂଟ୍ ଅଫ୍ ଇଣ୍ଡିଆ (ଦିଲ୍ଲୀ) NSIC (ନ୍ୟାଶ୍‌ନାଲ୍ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେଶନ୍) ଦ୍ୱାରା Affiliated । ଏ ସଂସ୍ଥାରେ ଗୋଟିଏ ବର୍ଷର କୋର୍ସ୍ ସମ୍ପୂର୍ଣ୍ଣ କରିବା ଦ୍ୱାରା ଶିକ୍ଷାର୍ଥୀଙ୍କୁ ଗଭର୍ଣ୍ଣମେଂଟ୍ ଅଫ୍ ଇଣ୍ଡିଆର ସାର୍ଟିଫିକେଟ୍ ଦିଆଯାଉଛି ।

ସାରା ଭାରତର ଅହେମଦୀ ଯୁବକମାନଙ୍କୁ ନିବେଦନ କରାଯାଉଛି କି ଏହି ସଂସ୍ଥାରୁ ଭର୍‌ପୁର୍ ଲାଭ ଉଠାନ୍ତୁ । ଦାରୁସ୍ ସନାତ୍‌ରେ ବର୍ତମାନ ନିମ୍ନଲିଖିତ ଟେକ୍‌ନିକାଲ୍ କୋର୍ସ୍ (ପାଠ୍ୟକ୍ରମ) କେବଳ ଗୋଟିଏ ବର୍ଷରେ ହିଁ ପଢ଼ାଯାଉଛି ଓ ଶିଖାଯାଉଛି । (୧)ୱେଲ୍‌ଡିଂ (୨)ଇଲେକ୍ଟ୍ରିକାଲ୍ (୩)ପ୍ଲମ୍ବିଂ (୪)ଏସି ଏବଂ ଫ୍ରିଜ୍ (୫)ଡିଜେଲ୍ ମେକାନିକ୍ (୬)ପ୍ରେଟ୍ରୋଲ୍ ମେକାନିକ୍ (୭)କାର୍ପେଂଟର୍ (୮)କମ୍ପ୍ୟୁଟର । ବର୍ତମାନ ଏହି ସଂସ୍ଥାରୁ ଅନେକ ଶହ ଅହେମଦୀ ଯୁଗକ ଟ୍ରେନିଂ ନେଇ ଦେଶର ବିଭିନ୍ନ ଭାଗରେ କାର୍ଯ୍ୟରତ ।

**ନାମ ଲେଖାଇବାର ସର୍ତାବଳୀ ନିମ୍ନରେ ଦିଆଯାଇଛି:-**

(୧)ପ୍ରାର୍ଥୀ ଅଷ୍ଟମ ପାସ୍ ନିଶ୍ଚିତ କରିଥିବେ ।

(୨)ନାମଲେଖା ଫର୍ମ୍‌ଟିକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରି ୩୦ ଜୁନ୍ ୨୦୧୯ ଭିତରେ ପ୍ରିନ୍‌ସିପାଲ୍ ଦାରୁସ୍ ସନତ୍ କାଦିଆନ୍‌ଙ୍କ ନିକଟକୁ ରେଜିଷ୍ଟ୍ରି ଜରିଆରେ ବା ଇ-ମେଲ୍ ଜରିଆରେ ପଠାନ୍ତୁ ବା ସାଥିରେ ନେଇ ଆସନ୍ତୁ ।

(୩)କାଦିଆନ୍ ବାହାରୁ ଆସିଥିବା ଅହେମଦୀ ଶିକ୍ଷାର୍ଥୀମାନେ ଅମୀର୍ ଜମାତ୍/ସଦର ଜମାତ୍/ମୁବଲିଗ୍ ସିଲ୍‌ସିଲାଙ୍କ ସୁପାରଶ୍ ଚିଠି ଜରୁର୍ ଆଣିବେ ।

(୪)ହଷ୍ଟେଲ୍‌ରେ ରହିବାର ସୁବିଧା କେବଳ ୪୦ ଶିକ୍ଷାର୍ଥୀଙ୍କ ପାଇଁ ଖାଲି ଅଛି । ଏହାଠାରୁ ଅଧିକା ଶିକ୍ଷାର୍ଥୀଙ୍କୁ ରହିବା ଓ ଖାଇବାର ବ୍ୟବସ୍ଥା ନିଜେ ବହନ କରିବାକୁ ପଡ଼ିବ ।

(୫)ସମସ୍ତ ପାଠ୍ୟକ୍ରମ ହେଉଛି ଏକବର୍ଷ ପାଇଁ । ତେଣୁ ଯେଉଁ ଟେକ୍‌ନିକଲ୍ କୋର୍ସ୍‌ରେ ନାମ ଲେଖାଇବାକୁ ଚାହୁଁଛନ୍ତି ତାର ଫିସ୍ ଏକାଥରକେ ବା ଦୁଇଟି କିସ୍ତିରେ ପ୍ରଦାନ କରିବା ଜରୁରୀ ଅଟେ ।

(୬)ପ୍ରାର୍ଥୀଙ୍କୁ କାଦିଆନ୍ ଆସିବା ପାଇଁ ସୂଚନା ଲିଖିତ ଆକାରରେ ବା ଟେଲିଫୋନ୍ ମାଧ୍ୟମରେ ଦିଆଯିବ । ଅନୁମତି ମିଳିବା କ୍ଷେତ୍ରରେ ୩୦ ଜୁନ୍ ୨୦୧୯ ଭିତରେ ନିଜ ଖର୍ଚ୍ଚ ଦ୍ୱାରା କାଦିଆନ୍ ପହଂଚି ଯାଆନ୍ତୁ ।

(୭)ପ୍ରାର୍ଥୀ ନାମଲେଖା ଫର୍ମ୍ ସହିତ ଆବଶ୍ୟକ କାଗଜ ଗୁଡିକ ଲଗାଇ ଦିଅନ୍ତୁ । (ପର୍ଶନାଲ୍ ମେଡିକାଲ୍ ଫାଇଲ୍, ଯେଉଁଥିରେ ବ୍ଲଡ୍ ଗ୍ରୁପ୍ ଏବଂ ଯଦି କୌଣସି ପ୍ରକାରର ଆଲର୍ଜି ବା ବେମାରୀ ଥିବ ତାହା ସେଥିରେ ଉଲ୍ଲେଖ ଥିବ, ଜମାତି ପରିଚୟ ପ୍ରମାଣ ପତ୍ର, ସ୍କୁଲ୍ ସାର୍ଟିଫିକେଟ୍ ଯେଉଁଥିରେ ଜନ୍ମ ତାରିଖ ଲେଖାଥିବ, ଆଧାର କାର୍ଡ୍/ଭୋଟର କାର୍ଡ୍ ଓ ତିନୋଟି ଫଟୋ)

(ଅଧିକା ଜାଣିବା ପାଇଁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିପାରିବେ ।)

ନାମଲେଖା ଫର୍ମ ଇ-ମେଲ୍ ଜରିଆରେ (darulsanaat.qadian@gmail.com) ମଗାଯାଇପାରିବ ।

**(ମୁବଶିର୍ ଅହେମଦ୍ ବଟ୍, ପ୍ରିନିସ୍‌ପାଲ୍ ଦାରୁସ୍ ସନାଅତ୍ କାଦିଆନ୍) ମୋବାଇଲ୍- ୯୮୭୨୯୨୩୩୬୩**

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahemadiya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahemadiya, Kerang (Odisha)*

# : ଖୁତ୍‌ବା ଜୁମା :

''ଅଲ୍ଲାଃ ତାଲା ହଜାର ହଜାର କରୁଣା ଅବତୀର୍ଣ୍ଣ କରନ୍ତୁ ସେହି ଲୋକମାନଙ୍କ ଉପରେ ଯେଉଁମାନେ ଅଲ୍ଲାଃ ତାଲା ଏବଂ ତାର ପ୍ରୀୟ ବନ୍ଧୁ ସ:ଆ:ସଙ୍କ ପ୍ରେମରେ ବୁଡ଼ି ତା'ର ପ୍ରସନ୍ନତା ହାସଲ କରିଲେ''

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ଗୈର୍ ତଶ୍‌ରିଇ (ଅର୍ଥାତ୍ ଅଣଶରିୟତି) ନବି ମାନୁଅଛୁ ଏବଂ ଏହା ଦ୍ୱାରା ଆଁ ହଜ୍‌ରତ୍ ସ:ଆ:ସଙ୍କ ଖତ୍‌ମେ ନବୁଅତ୍‌ର ପଦବୀ ଉପରେ କୌଣସି ପ୍ରକାରର ଅସୁବିଧା ନାହିଁ ବରଂ ଆପଣ ସ:ଆ:ସଙ୍କ ପଦ ମର୍ଯ୍ୟାଦା ବଢ଼ିଯାଇଥାଏ ଯେ ଏବେ ନବୁଓ୍ୱତ୍ ମଧ୍ୟ କେବଳ ଆପଣ ସ:ଆ:ସଙ୍କ ଦାସତ୍ୱରେ ହିଁ ମିଳିପାରିବ ।

ହେ ଅଲ୍ଲାଃ ! ତୁମେ ମୋ ଦୃଷ୍ଟିଶକ୍ତିକୁ ନେଇ ଯାଅ ଏପରି କି ମୁଁ ନିଜ ପ୍ରୀୟତମ ମୁହମ୍ମଦ ସ:ଆ:ସଙ୍କ ପରେ ଆଉ କାହାକୁ ଦେଖି ନ ପାରେ ।

ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ରସୁଲୁଲ୍ଲାଃ ସ:ଆ:ସଙ୍କ ବଦରୀ ସାହାବା ହଜ୍‌ରତ୍ ଖିରାଶ୍ ବିନ୍ ସିମାଃ ଅନ୍‌ଶାରୀ, ହଜ୍‌ରତ୍ ଉବୈଦ୍ ବିନ୍ ତୟିହାନ୍, ହଜ୍‌ରତ୍ ଅବୁ ହନ୍ନାଃ ମାଲିକ ବିନ୍ ଅମ୍‌ରୋ, ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଯଏଦ୍ ବିନ୍ ସାଲବା, ହଜ୍‌ରତ୍ ମୁଆଜ ବିନ୍ ଅମରୋ ବିନ୍ ଜମୁହ ରଜି ଅଲ୍ଲାଃହୋ ଅନହୁମ୍ ଓ୍ୱ ରଜୁ ଅନହୁଙ୍କ ପବିତ୍ର ଜୀବନ ଚରିତର ବର୍ଣ୍ଣନା

'ଅହେମଦୀୟତ୍‌ର ଜର୍ନେଲ୍' ଏବଂ 'ଅହେମଦୀୟତ୍ ପାଇଁ ପ୍ରେମ ଓ ସ୍ୱାଭିମାନର ଉନ୍ମୁକ୍ତ ତରବାରୀ' ଖିଲାଫତ୍‌ର ପ୍ରେମୀ ଓ ବିଶ୍ୱାସୀ, ଅତ୍ୟନ୍ତ ସାହାସୀ ଓ ବାହାଦୁର, ସର୍ବସାଧାରଣଙ୍କ ମଙ୍ଗଳକାରୀ ଅସ୍ତିତ୍ୱ ମୁକ୍‌ରମ୍ ମଲକ୍ ସୁଲ୍‌ତାନୁ ହାରୁନ୍ ଖାନ୍ ସାହେବ ଅଫ୍ କୋଟ ସୁଲ୍‌ତାନ୍, ଅଟକ୍ ପାକିସ୍ତାନଙ୍କ ଦେହାନ୍ତରେ ତାଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁଲାସା ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍** ଅ.ବ

**(ପ୍ରଦତ୍ତ: ୦୫ ଏପ୍ରିଲ୍ ୨୦୧୯ ଅନୁଯାୟୀ ୦୫ ଶାହାଦତ୍୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ଆଜି ଯେଉଁ ବଦ୍‌ରି ସାହାବାମାନଙ୍କର ମୁଁ ଏଠାରେ ଚର୍ଚ୍ଚା କରିବି. ସେମାନଙ୍କ ମଧ୍ୟରୁ ପ୍ରଥମ ନାମଟି ହେଉଛି ହଜ୍‌ରତ୍ ଖିରାଶ୍ ବିନ୍ ସିମ୍ମାଃ ଅନସାରୀ ର:ଅଙ୍କର । ହଜ୍‌ରତ୍ ଖିରାଶ୍ ବିନ୍ ସିମ୍ମାଃ ଅନସାରୀ ର:ଅଙ୍କ ସମ୍ବନ୍ଧ ଖଜ୍‌ରଜ୍‌ର ଶାଖା ବନୁ ଯୁଶମ୍ ସହିତ ଥିଲା । ତାଙ୍କ ମା'ଙ୍କ ନାମ ଉମ୍ମେ ହବିଦା ଥିଲା । ହଜ୍‌ରତ୍ ଖିରାଶ୍‌ଙ୍କ ସନ୍ତାନମାନଙ୍କ ମଧ୍ୟରେ ସଲମାଃ, ଅବ୍‌ଦୁର୍ ରହ୍‌ମାନ ଏବଂ ଆଇଶା ସାମିଲ୍ ଥିଲେ । ହଜ୍‌ରତ୍ ଖିରାଶ୍‌ଙ୍କ ର:ଅ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ଯୋଗ ଦେଇଥିଲେ । ଓ୍ୱହଦ୍ ଯୁଦ୍ଧ ଦିନ ତାଙ୍କୁ ଦଶଟି ଆଘାତ ଲାଗିଥିଲା । ରସୁଲୁଲ୍ଲାଃ ସ:ଆ:ସଙ୍କର ପ୍ରବିଣ ତୀରଚାଳକ ମଧ୍ୟରୁ ଜଣେ ଥିଲେ ।

***(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୪୨୫, ଖିରାଶ୍ ବିନ୍ ସିମ୍ମାଃ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)***

ବଦର୍ ଯୁଦ୍ଧରେ ହଜ୍‌ରତ୍ ଖିରାଶ୍ ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜ୍ୱାଇଁ ଅବୁଲ୍ ଆସ୍‌ଙ୍କୁ ବନ୍ଦି କରିଥିଲେ । କଏଦି କରିଥିଲେ ।

***(ସିରତ୍ ଇବ୍‌ନେ ହୁଶାମ୍, ପୃ-୩୧୨,....... ଦାରେ ଇବ୍‌ନେ ହଜମ୍ ବେରୁତ ୨୦୦୯)***

ଦ୍ୱିତୀୟ ସାହାବିଙ୍କ ନାମ ହେଉଛି ହଜ୍‌ରତ୍ ଉବୈଦ୍ ବିନ୍ ତୈହାନ୍ ତାଙ୍କର ନାମ ଅତିକ୍ ବିନ୍ ତୈହାନ୍ ଥିଲା ବୋଲି ମଧ୍ୟ ବର୍ଣ୍ଣିତ ଅଛି । ତାଙ୍କ ମା'ଙ୍କ ନାମ ଲୈଲା ବିନ୍‌ତ ଅତିକାଃ ଥିଲା । ସେ ଅବୁଲ୍ ହୈଶମ୍ ବିନ୍ ତୈହାନ୍‌ଙ୍କ ଭାଇ ଥିଲେ । ସେ ବନୁ ଅବଦୁଲ୍ ଅଶ୍‌ହଲ୍‌ର ବନ୍ଧୁ ଥିଲେ । ହଜ୍‌ରତ୍ ଉବୈଦ ର:ଅ ସତୁରୀ ଜଣ ଅନ୍‌ସାରଙ୍କ ସହିତ ବୟତେ ଅକ୍‌ବାଃରେ ସାମିଲ୍ ହୋଇଥିଲେ । ରସୁଲୁଲ୍ଲାଃ ସ:ଆ:ସ ତାଙ୍କ ସହିତ ହଜ୍‌ରତ୍ ମସ୍‌ଉଦ୍ ବିନ୍ ରବିଇଙ୍କ ମଧ୍ୟରେ ମୁଆଖାତ୍ (ଅର୍ଥାତ୍ ଭାଇ ଭାଇ) ପ୍ରତିଷ୍ଠା କରିଥିଲେ । ସେ ତାଙ୍କ ଭାଇ ହଜ୍‌ରତ୍ ଅବୁଲ୍ ହୈଶମ୍‌ଙ୍କ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ସେ ଓ୍ୱହଦ୍ ଯୁଦ୍ଧରେ ଶହୀଦ୍ ହୋଇଥିଲେ । ତାଙ୍କୁ ଇକ୍‌ରାମାଃ ବିନ୍ ଅବୁଜହଲ୍ ଶହୀଦ୍ କରିଥିଲେ । ଏପରି ମଧ୍ୟ ବର୍ଣ୍ଣିତ ଅଛି ଯେ ସେ ସିଫିଇନ୍ ଯୁଦ୍ଧରେ ହଜ୍‌ରତ୍ ଅଲୀ ର:ଅଙ୍କ ତରଫରୁ ଲଢ଼ିବ । ଅବସ୍ଥାରେ ଶହୀଦ୍ ହୋଇଥିଲେ । ଏ କଥାରେ ଟିକିଏ ମତଭେଦ ଅଛି । ସେ ଯାହା ହେଉ ଦୁଇଟିଯାକ ରିଓ୍ୱାୟତ୍‌ରେ ଗୋଟିଏ କଥା ସମାନ ରହିଛି ଯେ ସେ ଶହୀଦ୍ ହୋଇଥିଲେ । ତାଙ୍କ ସନ୍ତାନ ମାନଙ୍କ ମଧ୍ୟରେ ଦୁଇଜଣ ପୁତ୍ର ହଜ୍‌ରତ୍ ଉବୈଦୁଲ୍ଲାଃ ର:ଅ ଏବଂ ହଜ୍‌ରତ୍ ଅବ୍‌ବାଦ୍ ର:ଅଙ୍କ ବିଷୟ ଉଲ୍ଲେଖ ଅଛି । ତିବ୍‌ରୀଙ୍କ କଥନ ମୁତାବକ ହଜ୍‌ରତ୍ ଅବ୍‌ବାଦ୍ ର:ଅ ମଧ୍ୟ ବଦର୍ ଯୁଦ୍ଧରେ ଯୋଗଦେବାର ସୌଭାଗ୍ୟ ପାଇଛନ୍ତି । ଯେବେ କି ହଜ୍‌ରତ୍ ଉବୈଦୁଲ୍ଲାଃଙ୍କ ସମ୍ବନ୍ଧରେ ଏ କଥା ବର୍ଣ୍ଣିତ ଅଛି ଯେ ସେ ୟମାମାଃ ଯୁଦ୍ଧରେ ଶହୀଦ୍ ହୋଇଥିଲେ ।

***(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୪୨ ରୁ ୩୪୩, ଅବୁଲ୍ ହୈଶମ୍,.... ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)***

***(ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୧୫୩, ଅବାବ୍ ବିନ୍ ଉବୈଦ୍, ପୃ-୫୨୧..... ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)***

ପୁଣି ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ଅବୁ ହନ୍ନାଃ ମାଲିକ ବିନ୍ ଅମର୍ ର:ଅ । ତାଙ୍କ କୁନିୟତ୍ ଥିଲା ଅବୁ ହନ୍ନାଃ । ମାଲିକ୍ ବିନ୍ ଅମର୍ ତାଙ୍କ ନାମ ଥିଲା । ମୁହମ୍ମଦ୍ ବିନ୍ ଉମର ଓ୍ୱାକ୍‌ଦି ତାଙ୍କୁ ବଦର ଯୁଦ୍ଧରେ ସାମିଲ ହୋଇଥିବା ସାହାବି ମାନଙ୍କ ମଧ୍ୟରେ ଗଣନା କରିଛନ୍ତି । ତାଙ୍କ ନାମ ଆମିର୍ ଏବଂ ସାବିତ୍ ବିନ୍ ନୁମାନ ମଧ୍ୟ ବର୍ଣ୍ଣିତ ଅଛି । ତାଙ୍କ କୁନିୟତ୍ ମଧ୍ୟ ଅବୁ ହୟା ଓ ଅବୁ ହବ୍ୱା ରୂପେ ବର୍ଣ୍ଣିତ ଅଛି । କିନ୍ତୁ ମୁହମ୍ମଦ ବିନ୍ ଉମର ଓ୍ୱାକ୍‌ଦି କହୁଛନ୍ତି ଯେ ଅବୁ ହୁବ୍‌ବା ନାମକ କୁନିୟତଧାରୀ ଦୁଇଜଣଙ୍କର କଥା ମିଳୁଛି । ଜଣେ ହେଉଛନ୍ତି ଅବୁ ହୁବ୍‌ବା ବିନ୍ ଅବ୍‌ଦେ ଅମ୍‌ରଲ୍ ମାଜିନି । ଏ ଦୁଇଜଣ ବଦର ଯୁଦ୍ଧରେ ସାମିଲ ହୋଇନଥିଲେ । ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ସାହାବି ମାନଙ୍କ ମଧ୍ୟରୁ କାହାର କୁନିୟତ୍ ଅବୁ ହବ୍‌ବା ନଥିଲା ବରଂ ବଦର୍ ଯୁଦ୍ଧରେ ଯିଏ ସାମିଲ ଥିଲେ ତାଙ୍କ କୁନିୟତ୍ ଅବୁ ହନ୍ନାଃ ଥିଲା । ଏ ଦୃଷ୍ଟିକୋଣରୁ ସେ ନିଜ କଥା ଉପରେ ଜୋର୍ ଦେଉଛନ୍ତି ଯେ ଅବୁ ହନ୍ନା ତାଙ୍କ କୁନିୟତ ଥଲା ।

*(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୬୫, ଅବୁ ହନ୍ନାଃ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)*

*(ଉସଦୁଲ୍ ଗାବାଃ, ଖଣ୍ଡ-୬, ପୃଷ୍ଠା-୬୩, ଅବୁ ହନ୍ନାଃ ଅନ୍‌ସାରୀ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)*

ପୁଣି ଯେଉଁ ସାହାବିଙ୍କ କଥା ଏଠାରେ ଚର୍ଚ୍ଚା କରାଯିବ ସେ ହଉଛନ୍ତି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ବିନ୍ ସାଆଲଦା ର:ଅ । ତାଙ୍କୁ ଅବଦୁଲ୍ଲାଃ ବିନ୍ ଜୈଦ୍ ଅନ୍‌ସାରୀ ମଧ୍ୟ କୁହାଯାଉଥିଲା । ତାଙ୍କ କୁନିୟତ ଅବୁ ମୁହମ୍ମଦ ଥିଲା । ତାଙ୍କ ବାପାଙ୍କ ନାମ ଜୈବ୍ ବିନ୍ ସାଆଲଦା ଥିଲା ଓ ସେ ମଧ୍ୟ ସାହାବି ଥିଲେ । ତାଙ୍କର ସମ୍ବନ୍ଧ ଅନ୍‌ସାର କବିଲା ଖଜ୍‌ରଜ୍ ଶାଖା ବନୁ ଯୁଶମ୍ ସହିତ ଥିଲା । ସେ ସତୁରୀ ଜଣ ଅନ୍‌ସାରୀଙ୍କ ସହିତ ବୟତ ଅକବାଃଠାରେ ସାମିଲ ହୋଇଥିଲେ । ସେହିପରି ସେ ବଦର, ଓ୍ୱହଦ୍, ଖନ୍ଦକ ଏବଂ ଅନ୍ୟାନ୍ୟ ଯୁଦ୍ଧ ଗୁଡ଼ିକରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ । ଫତହ୍ ମକ୍କା (ଅର୍ଥାତ ମକ୍କା ବିଜୟ) ସମୟରେ ବନୁ ହାରିସ୍ ବିନ୍ ଖଜ୍‌ରଜ୍‌ର ଧ୍ୱଜା(ପତାକା) ତାଙ୍କ ନିକଟରେ ଥିଲା । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ର:ଅ ଇସ୍‌ଲାମ୍ ଆଣିବା ପୂର୍ବରୁ ଆରବୀ ଲେଖିବା ଜାଣିଥିଲେ । ଯେବେ କି ସେ ଯୁଗରେ ଆରବୀରେ କିତାବତ୍ ଅର୍ଥାତ୍ ଲେଖାଲେଖି ବହୁତ କମ୍ ହେଉଥିଲା । ବହୁତ କମ୍ ଲୋକେ ଲେଖିବା ଜାଣିଥିଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ର:ଅଙ୍କ ସନ୍ତାନମାନେ ମଦିନାରେ ରହୁଥିଲେ । ତାଙ୍କର ଜଣେ ପୁଅ ଥିଲେ ଯାହାଙ୍କ ନାମ ମୁହମ୍ମଦ ଥିଲା ଯିଏ ତାଙ୍କ ସ୍ତ୍ରୀ ସାଆଦା ବିନ୍‌ତ କୁଲୈବ୍‌ଙ୍କ ଗର୍ଭରୁ ଜାତ । ଜଣେ ଝିଅ ଥିଲେ ଯାହାଙ୍କ ନାମ ଉମ୍ମେ ହୁମୈଦ୍ ଥିଲା ଯାହାଙ୍କ ମା' ୟମନ୍ ନିବାସୀ ଥିଲେ ।

ତାଙ୍କର ଭାଇ ହୁରୈସ୍ ବିନ୍ ଜୈବ୍ ବଦ୍‌ରି ସାହାବି ଥିଲେ ।

***(ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୨୪୮, ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)***

***(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୦୫ ରୁ ୪୦୬, ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)***

ତାଙ୍କର ଜଣେ ଭଉଣୀ ଥିଲେ, ଯାହାଙ୍କ ନାମ କୁରୈବାଃ ବିନ୍‌ତ ଜୈଦ୍ ଥିଲା । ସେ ମଧ୍ୟ ସାହାବିୟା ଥିଲେ ।

***(ତବକାତୁଲ୍ କୁବ୍‌ରା, ଖଣ୍ଡ-୮, ପୃଷ୍ଠା-୨୭୧ ରୁ ୨୭୨, କୁରୈବାଃ ବିନ୍‌ତ ଜୈଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)***

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ର:ଅ ହେଉଛନ୍ତି ଏପରି ସାହାବି ଯାହାଙ୍କୁ ସ୍ୱପ୍ନରେ ଆଜାଦ୍‌ର ଶବ୍ଦ ଗୁଡ଼ିକୁ ବତାଇ ଦିଆଯାଇଥିଲା । ସେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏ ସମ୍ବନ୍ଧରେ

ସୁଚନା ଦେଲେ । ଏହା ଶୁଣି ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ବିଲାଲ୍‌ଙ୍କୁ ସେହି ଶବ୍ଦ ମାଧ୍ୟମରେ ଅଜାନ୍ ଦେବାକୁ ନିର୍ଦ୍ଦେଶ ଦେଲେ ଯାହା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ସ୍ୱପ୍ନରେ ଦେଖିଥିଲେ । ଏହି ଘଟଣ ଆଁ ହଜ୍‌ରତ୍ ସ:ଆ:ସଙ୍କର ମସ୍‌ଯିଦ୍ ନବୱିର ନିର୍ମାଣ କାର୍ଯ୍ୟ ପରେ ଏକ ହିଜ୍‌ରୀର ଘଟଣା ।

***(ଇସ୍‌ତିୟାବ୍ ଫି ମାରଫତୁଲ୍ ଅସ୍‌ହାବ୍ ଖଣ୍ଡ-୩, ପୃ-୯୧୩, ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍, ଦାରୁଲ୍ ଜୈଲ୍ ବେରୁତ ୧୯୯୨)***

ଏହାର କିଛି ବ୍ୟାଖ୍ୟା ଏପରି ଆସୁଛି କି, ହଜ୍‌ରତ୍ ଅବୁ ଉମୈର୍ ବିନ୍ ଅନସ୍ ଅନ୍‌ସାରୀ ର:ଅ ନିଜ ଚାଚାଙ୍କଠାରୁ ରିୱାୟତ୍ କରୁଛନ୍ତି ଯେ, ସେ କହିଲେ ନବୀ କରିମ୍ ସ:ଆ:ସ ଚିନ୍ତା କଲେ ଯେ ନମାଜ୍ ନିମନ୍ତେ ଲୋକମାନଙ୍କୁ କିପରି ଏକତ୍ରିତ କରିବେ ? ଆପଣ ସ:ଆ:ସଙ୍କୁ ନିବେଦନ କରାଗଲା ଯେ ନମାଜ ସମୟରେ ଗୋଟିଏ ଝଣ୍ଡା ଅର୍ଥାତ୍ ଧ୍ୱଜା ପୋତି ଦିଆଯାଉ । ଯେତେବେଳେ ଲୋକମାନେ ତାହାକୁ ଦେଖିବେ ସେତେବେଳେ ଜଣେ ଅନ୍ୟଜଣଙ୍କୁ ଏତେଲା ଦେଇଦେବେ କିନ୍ତୁ ଆପଣ ସ:ଆ:ସଙ୍କୁ ଏ ପରାମର୍ଶ ପସନ୍ଦ ହେଲାନାହିଁ । ରାୱି କହୁଛନ୍ତି ଯେ ଆପଣ ସ:ଆ:ସଙ୍କୁ  ନରସିଂହା କଥା କୁହାଗଲା । ଅର୍ଥାତ୍ ଇହୁଦୀମାନଙ୍କ ଡ଼ାକିବାର ଶୈଳୀ । ରାୱି କହୁଛନ୍ତି ପୁଣି ଆପଣ ସ:ଆ:ସଙ୍କୁ ନାକୁସ୍ ଅର୍ଥାତ୍ ଇସାଇମାନଙ୍କ ଶୈଳୀ । ହଜ୍‌ରତ୍ ଅବଦୁଲ୍ଲାଃ ବିନ ଜୈଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଚିନ୍ତା ଯୋଗୁଁ ବ୍ୟତିବ୍ୟସ୍ତ ଥିଲେ । ସେ ଫେରିଯାଇ ପ୍ରାର୍ଥନା କଲେ । ସେ କହୁଛନ୍ତି କି ତାଙ୍କୁ ସ୍ୱପ୍ନରେ ଅଜାନ୍ ଦେଖାଇ ଦିଆଗଲା । ହଜ୍‌ରତ୍ ଅବଦୁଲ୍ଲାଃ ବିନ ଜୈଦ୍ ବର୍ଣ୍ଣନା କରୁଛନ୍ତି ଯେ ମୁଁ ସ୍ୱପ୍ନରେ ଜଣେ ଲୋକଙ୍କୁ ଦେଖିଲି ଯାହାଙ୍କ ହାତରେ ନାକୁସ୍ ଥିଲା । ମୁଁ ତାଙ୍କୁ ପଚାରିଲି ହେ ଅଲ୍ଲାଃଙ୍କ ଭକ୍ତ ! ତୁମେ କଣ ଏହି ନାକୁସ (ଅର୍ଥାତ୍ ଏକ ପ୍ରକାରର ତ୍ୱରୀ)କୁ ବ୍ୟକ୍ତି କରିବ । ସେ କହିଲେ ତୁମେ ଏହା ଦ୍ୱାରା କଣ କରିବ ? ମୁଁ କହିଲି ଆମେ ଏହା ମାଧ୍ୟମରେ ନମାଜ ପଢ଼ିବା ପାଇଁ ଲୋକମାନଙ୍କୁ ଡ଼ାକିବୁ । ଏଥିରେ ସେ କହିଲେ କଣ ମୁଁ ତୁମକୁ ଏପରି କଥା ବତାଇଦେବି ଯାହା ଏହାଠାରୁ ଉତମ ? ମୁଁ କହିଲି କାହିଁକି ନୁହେଁ ? ହଜ୍‌ରତ୍ ଅବଦୁଲ୍ଲାଃ ବିନ ଜୈଦ୍ କହୁଛନ୍ତି ଯେ ସେହି (ବ୍ୟକ୍ତି ଜଣକ) କହିଲେ ଏପରି କୁହ । ପୁଣି ଅଜାନ୍‌ର ବାକ୍ୟକୁ ପଢ଼ିଲେ । ***ଅଲ୍ଲାହୁ ଅକ୍‌ବର୍ ଅଲ୍ଲାହୁ ଅକ୍‌ବର୍ ଅଲ୍ଲାହୁ ଅକ୍‌ବର୍ ଅଲ୍ଲାହୁ ଅକ୍‌ବର୍ ଅଶହଦୁ ଅନ୍‌ଲାଇଲାହା ଇଲ୍ଲଲ୍‌ଲାହୁ ଅଶହଦୁ ଅନ୍‌ଲାଇଲାହା ଇଲ୍ଲଲ୍‌ଲାହୁ ଅଶ୍‌ହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ ଅଶ୍‌ହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ ହୟା ଅଲସ୍ ସଲାତ୍ ହୟା ଅଲସ୍ ସଲାତ୍ ହୟା ଅଲଲ୍ ଫଲାହ୍ ହୟା ଅଲଲ୍ ଫଲାହ୍ ଅଲ୍ଲାହୁ ଅକ୍‌ବର୍ ଅଲ୍ଲାହୁ ଅକ୍‌ବର୍ ଲା ଇଲାହା ଇଲ୍ଲଲ୍‌ଲାଃ*** ।

ଏହାର ଅନୁବାଦ ମଧ୍ୟ ପିଲାଙ୍କ ଜାଣିବା ଉଦ୍ଦେଶ୍ୟରେ ଓ ନୁଆ ମୁସଲ୍‌ମାନ ଲୋକମାନଙ୍କ ନିମନ୍ତେ ପଢ଼ି ଦେଉଛି, ଲାଭଦାୟକ ଅଟେ । ଅଜାନ୍ ଆମେ ପ୍ରତ୍ୟହ ଶୁଣୁଛେ କିନ୍ତୁ ଏହା ସତ୍ୱେ ମଧ୍ୟ କିଛି ଲୋକଙ୍କୁ ମୁଁ ଦେଖିଛି ତାଙ୍କୁ ଅର୍ଥ ଜଣାନାହିଁ । ଅଲ୍ଲାଃ ସମସ୍ତଙ୍କଠାରୁ ବଡ଼ ଅଲ୍ଲାଃ ସମସ୍ତଙ୍କଠାରୁ ବଡ଼ । ଏହା ଚାରିଥିର କହିବାକୁ ହୁଏ । ମୁଁ ସାକ୍ଷ୍ୟ ଦେଉଅଛି କି ଅଲ୍ଲାଃଙ୍କ ବ୍ୟତିତ ଆଉ କେହି ଉପାସ୍ୟର ପାତ୍ର ନୁହନ୍ତି । ଏହାକୁ ଦୁଇଥର କହିବାକୁ ହୁଏ । ପୁଣି ମୁଁ ସାକ୍ଷ୍ୟ ଦେଉଅଛି କି ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଅଲ୍ଲାଃଙ୍କ ରସୁଲ ଅଟନ୍ତି । ଏହା ମଧ୍ୟ ଦୁଇଥର କହିବାକୁ ହୁଏ । ପୁଣି ନମାଜ ପ୍ରତି ଆସ, ହୟା ଅଲସ୍ ସଲାତ୍ । ନମାଜ ଆଡ଼କୁ ଆସ । ହୟା ଅଲଲ୍ ଫଲାହ୍ । ସଫଳତା ଲାଭ କରିବାକୁ ଆସ, ସଫଳତା ଲାଭ କରିବାକୁ ଆସ । ଅଲ୍ଲାଃ ସମସ୍ତଙ୍କଠାରୁ ବଡ଼ । ଏହା ପୁଣି ଦୁଇଥର କୁହାଯିବ । ଲାଇଲାହା ଇଲ୍ଲଲ୍‌ଲାହ୍ । ଅଲ୍ଲାଃଙ୍କ ବ୍ୟତିତ କେହି ଉପାସ୍ୟର ପାତ୍ର ନୁହନ୍ତି ।

ପୁଣି ସେ କହୁଛନ୍ତି ଯେ ଏହି ବାକ୍ୟଗୁଡ଼ିକ ପାଠ କରିବା ପରେ ସେହି ବ୍ୟକ୍ତି ଜଣକ ମୋଠାରୁ ଅଳ୍ପ ଟିକିଏ ଦୂରେଇଯାଇ ପୁଣି କହିଲେ ଯେ ଯେତେବେଳେ ତୁମେ ନମାଜ ପଢ଼ିବା ଆରମ୍ଭ କରିବ ସେତେବେଳେ ଏହି ଶବ୍ଦ ଉଚ୍ଚାରଣ କରିବ । ପୁଣି ସେ ତକ୍‌ବିର୍‌ର ଶବ୍ଦ ପାଠ କଲେ ଅର୍ଥାତ୍ ***ଅଲ୍ଲାହୁ ଅକ୍‌ବର୍ ଅଲ୍ଲାହୁ ଅକ୍‌ବର୍ ଅଶହଦୁ ଅନ୍‌ଲାଇଲାହା ଇଲ୍ଲଲ୍‌ଲାହୁ ଅଶ୍‌ହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ ହୟା ଅଲସ୍ ସଲାତ୍ ହୟା ଅଲଲ୍ ଫଲାହ୍ କଦ୍ କାମତିସ୍ ସଲାତ୍ କଦ୍ କାମତିସ୍ ସଲାତ୍ ଅଲ୍ଲାହୁ ଅକ୍‌ବର୍ ଅଲ୍ଲାହୁ ଅକ୍‌ବର୍ ଲା ଇଲାହା ଇଲ୍ଲଲ୍‌ଲାଃ*** ।

ଏଥିରେ ଦୁଇଟି ଶବ୍ଦ ଅଜାନର ଶବ୍ଦଠାରୁ ଅଧିକ । ***କଦ୍ କାମତିସ୍ ସଲାତ*** ଅର୍ଥାତ୍ ନମାଜ ଛିଡ଼ା ହୋଇଗଲା, ନମାଜ ଛିଡ଼ା ହୋଇଗଲା । ପୁଣି ସେହି ଅଲ୍ଲାଃ ସମସ୍ତଙ୍କଠାରୁ ବଡ଼, ଅଲ୍ଲାଃ ସମସ୍ତଙ୍କଠାର ବଡ଼ ।

ପୁଣି ସେ କହୁଛନ୍ତି ଯେତେବେଳେ ସକାଳ ହେଲା ମୁଁ ଆଁ ହଜ୍‌ର୍‌ତ ସ:ଆ:ସଙ୍କ ନିକଟରେ ପହଂଚିଲି ଓ ଯାହା କିଛି ମୁଁ ସ୍ୱପ୍ନରେ ଦେଖିଥିଲି ତାହା ସବୁ ବର୍ଣ୍ଣନା କଲି । ଆପଣ ସ:ଆ:ସ କହିଲେ ଯେ ନିଶ୍ଚିତରୂପେ ଯଦି ଇଶ୍ୱର ଚାହାନ୍ତି ତେବେ ଏହି ସ୍ୱପ୍ନ ସତ୍ୟ ହେବ । ତୁମେ ବିଲାଲ୍‌ଙ୍କ ସହିତ ଛିଡ଼ା ହୋଇଯାଅ ଓ ଯାହା କିଛି ତୁମେ ସ୍ୱପ୍ନରେ ଦେଖିଛ ତାହା (ତାଙ୍କୁ) ବତାଇ ଚାଲ । ସେ (ଅର୍ଥାତ୍ ବିଲାଲ) ସେହି ବାକ୍ୟକୁ ଅଜାନ୍ ଦେଇଦିଅନ୍ତୁ କାରଣ ତାଙ୍କ ଆବାଜ୍ ତୁମଠାରୁ ଅଧିକା । ସୁତରାଂ ମୁଁ ବିଲାଲ୍‌ଙ୍କ ସହିତ ଛିଡ଼ା ହୋଇଗଲି । ମୁଁ ତାଙ୍କୁ ବତାଇ ଚାଲିଲି ଓ ସେ ତା’ ଅନୁସାରେ ଅଜାନ ଦେଇ ଚାଲିଲେ । ରାୱିଙ୍କର ଏ ବୟାନ ଯେ ଯେବେ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ ଏ ଅଜାନ୍ ଶୁଣିଲେ ସେତେବେଳେ ସେ ନିଜ ଘରେ ଥିଲେ । ସେ ନିଜର ଚାଦରକୁ ଘୋଷାଡ଼ି ଘୋଷାଡ଼ି ବାହାରକୁ ବାହାରିଲେ ଓ ଏକଥା କହି ଚାଲିଥିଲେ ଯେ ମୋତେ ତା’ରା ଯିଏ ଆପଣ ସ:ଆ:ସଙ୍କୁ ସତ୍ୟର ସହିତ ପ୍ରେରଣ କରିଛନ୍ତି ହେ ଅଲ୍ଲାଃଙ୍କ ରସୁଲ ! ମୁଁ (ମଧ୍ୟ) ତାହା (ସ୍ୱପ୍ନରେ) ଦେଖିଛି ଯାହା ଇଏ ଦେଖିଛନ୍ତି । ଏହା ଶୁଣି ଆପଣ ସ:ଆ:ସ କହିଲେ ସମସ୍ତ ପ୍ରଶଂସା ଅଲ୍ଲାଃ ତାଲାଙ୍କର ।

***(ସୁନନେ ଅବି ଦାଉଦ୍, କିତାବୁଲ୍ ସଲାତ୍, ବାଦ ବଦଉଲ୍ ଅଜାନ୍, ହଦିସ୍ ୪୯୮, ବାଦ୍ କୈଫଲ୍ ଅଜାନ୍ ହଦିସ୍ ୪୯୯)***

ଆଉ ଗୋଟିଏ ରିୱାୟତରେ ଏହି ସ୍ଥାନରେ ଏ କଥା ଉଲ୍ଲେଖ ଅଛି ଯେ ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ସମସ୍ତ ପ୍ରଶଂସା ଅଲ୍ଲାଃଙ୍କ ପାଇଁ ତେଣୁ ଏହି କଥା ସଠିକ୍ ।

***(ଯାମେ ତିର୍‌ମିଜି, କିତାବୁସ୍ ସଲାତ୍,.......ହଦିସ୍ ୧୮୯)***

ଏହାର ବ୍ୟାଖ୍ୟା ପୁସ୍ତକ ସିରତ୍ ଖାତମୁନ୍ ନବିୟିନ୍‌ରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ବିଭିନ୍ନ ଇତିହାସରୁ ସଂକଳନ କରି କିଛି କଥା ଅଧିକା ଲେଖିଛନ୍ତି । ସେ ବର୍ଣ୍ଣନା କରୁଛନ୍ତି ଯେ:

‘‘ନମାଜ ପାଠ କରିବା ପାଇଁ କୌଣସି ଏଲାନ୍ ବା ଅଜାନ୍ ଇତ୍ୟାଦିର ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇନଥିଲା । ତେଣୁ ସାହାବାମାନେ ସାଧାରଣତଃ ସମୟର ଅନୁମାର ଲଗାଇ ନମାଜ ପାଠ କରିବା ନିମନ୍ତେ ଏକାଠି ହୋଇଯାଉଥିଲେ । କିନ୍ତୁ ଏପରି ଅବସ୍ଥା ସାନ୍ତ୍ୱନାଯୋଗ୍ୟ ନଥିଲା । ମସ୍‌ଯିଦ୍ ନବୱି ପ୍ରସ୍ତୁତ ହୋଇଯିବ । ପରେ ଏ ପ୍ରଶ୍ନ ଅଧିକ ଉଠିଲା ଯେ କିପରି ମୁସଲ୍‌ମାନମାନଙ୍କୁ ସମୟର ଏକତ୍ରିତ କରାଯାଇପାରିବ । କେତେକ ସାହାବି ଇସାଇମାନଙ୍କ ନାକୁସ୍ (ଅର୍ଥାତ୍ ଏକ ପ୍ରକାରର ତୁରୀ) ବଜାଇ ଏକାଠି କରିବାର ପରାମର୍ଶ ଦେଲେ । ଆଉ କେହି ୟହୁଦିଙ୍କ ସଦୃଶ ବୌକ୍ (ବଜାଇବାର) ପରାମର୍ଶ ଦେଲେ । ଭିନ୍ନ ଭିନ୍ନ ପରାମର୍ଶ ଆସିଲା । କିନ୍ତୁ ହଜ୍‌ରତ୍ ଉମର୍ ର:ଅ ପରାମର୍ଶ ଦେଲେ ଯେ କୌଣସି ଏକ ବ୍ୟକ୍ତିକୁ ନିୟୋଜିତ କରାଯାଉ ଯେ ସେ ନମାଜ ସମୟରେ ଏ ଘୋଷଣା କରୁ କି ନମାଜର ସମୟ ହୋଇଗଲା । ଆଁ ହଜ୍‌ରତ୍ ସ:ଆ:ସ ଏହି ରାୟକୁ ପସନ୍ଦ କଲେ । (ଅଜାନ୍ ପୂର୍ବରୁ ହଜ୍‌ରତ୍ ଉମର୍ ର:ଅଙ୍କ ଏହି ରାୟ ଥିଲା) ହଜ୍‌ରତ୍ ବିଲାଲ୍‌ଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ସେ ଏହି କାର୍ଯ୍ୟକୁ ତୁଲାଇବେ ସୁତରାଂ ଯେତେବେଳେ ନମାଜ ପାଠ କରିବାର ସମୟ ଆସେ ସେତେବେଳେ ହଜ୍‌ରତ୍ ବିଲାଲ ର:ଅ ବଡ଼ ପାଟିରେ **ଅସ୍‌ସଲାତୁ ଯାମିଆଃ** କହି ଡ଼ାକ ପକାଉଥିଲେ ଫଳତଃ ଲୋକମାନେ ଏକାଠି ହୋଇଯାଉଥିଲେ ବରଂ ନମାଜ ବ୍ୟତିତ ମଧ୍ୟ ଯଦି କେବେ ଅନ୍ୟ କୌଣସି କାରଣ ଯୋଗୁଁ ମୁସଲ୍‌ମାନମାନଙ୍କୁ ମସ୍‌ଯିଦ୍‌ରେ ଏକାଠି କରିବା ପାଇଁ ପଡୁଥିଲା ସେତେବେଳେ ଏହି ଶବ୍ଦକୁ ବ୍ୟବହାର କରାଯାଉଥିଲା । ଏହାର କିଛି ଦିନ ପରେ (ପୁଣି ଆଗକୁ ସେହି କଥା ରହିଛି) ଯେ ଜଣେ ସାହାବି ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଜୈଦ୍ ଅନ୍‌ସାରୀ ର:ଅଙ୍କୁ ସ୍ୱପ୍ନରେ ବର୍ତମାନ ଯେଉଁ ଅଜାନ ରହିଛି, ସେହି ଅଜାନର ଶବ୍ଦଗୁଡ଼ିକୁ ଶିଖାଇ ଦିଆଗଲା । ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ ନିଜର ସେହି ସ୍ୱପ୍ନ ସମ୍ବନ୍ଧରେ କହିଲେ ଓ ଏକଥା ମଧ୍ୟ କହିଲେ କି ମୁଁ ସ୍ୱପ୍ନରେ ଜଣେ ବ୍ୟକ୍ତିଙ୍କୁ ଅଜାନ ରୂପେ ଏହସ ସବୁ ଶବ୍ଦଗୁଡ଼ିକୁ ପଢ଼ିବାର ଶୁଣିଛି । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଏହି ସ୍ୱପ୍ନ ଖୁଦାଙ୍କ ତରଫରୁ ହୋଇଛି ଓ ଅବ୍‌ଦୁଲ୍ଲାଃଙ୍କୁ ନିର୍ଦ୍ଦେଶ ଦେଲେ ଯେ ବିଲାଲ୍ ର:ଅଙ୍କୁ ଏହି ସବୁ ଶବ୍ଦଗୁଡ଼ିକୁ ଶିଖାଇଦିଅ । ସେ ଲେଖୁଛନ୍ତି ଯେ ସଂଯୋଗ ବସତଃ ଯେବେ ବିଲାଲ୍ ର:ଅ ସେହି ସବୁ ଶବ୍ଦଗୁଡ଼ିକୁ ପ୍ରଥମ ଥର ଅଜାନ ରୂପେ ବ୍ୟବହାର କରିଲେ, ସେତେବେଳେ ହଜ୍‌ରତ୍ ଉମର ର:ଅ ଶିଘ୍ର ଶିଘ୍ର ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ ଓ କହିଲେ କି ହେ ଅଲ୍ଲାଃଙ୍କ ରସୁଲ୍ ! ଆଜି ଅଜାନରେ ବିଲାଲ୍ ଯେଉଁ ଶବ୍ଦଗୁଡ଼ିକୁ ବ୍ୟବହାର କରିଛନ୍ତି ମୁଁ ଗୋଟାପଣ ସେହି ସବୁ ଶବ୍ଦଗୁଡ଼ିକୁ ସ୍ୱପ୍ନରେ ଦେଖିଛି । ଆଉଗୋଟିଏ ରିୱାୟତରେ ଆସୁଛି ଯେ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଅଜାନ୍‌ର ଶବ୍ଦଗୁଡ଼ିକୁ ଶୁଣିଲେ, ସେତେବେଳେ କହିଲେ ଯେ ଆ ମୁତାବକ ୱହି (ଅର୍ଥାତ୍ ସ୍ୱର୍ଗବାଣୀ) ମଧ୍ୟ ହୋଇସାରିଛି ।

***(ସିରତ୍ ଖାତମୁନ୍ ନବିୟିନ୍ ଲେଖକ ହଜ୍‌ରତ୍ ମିର୍ଜା ବଶିର ଅହମଦ୍ ସାହେବ୍ ଏମ୍.ଏ, ପୃ-୨୭୧ ରୁ ୨୭୧)***

ବଶିର୍ ବିନ୍ ମୁହମ୍ମଦ ନିଜ ବାପାଙ୍କଠାରୁ ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ର:ଅ ଯାହାକୁ ସ୍ୱପ୍ନରେ ଅଜାନ ଦେଖାଇ ଦିଆଯାଉଥିଲା । ସେ ନିଜର ସେହି ଧନ ସଦ୍‌କା କରିଛନ୍ତି, ଯାହା ବ୍ୟତିତ ତାଙ୍କ ନିକଟରେ ଆଉ କିଛି ନଥିଲା । ସବୁ ମାଲ୍‌କୁ ସଦ୍‌କା କରିଦେଲେ । ସେ ଓ ତାଙ୍କ ପୁତ୍ର ତା’ମାଧ୍ୟମରେ ଜୀବନ ଅତିବାହିତ କରୁଥିଲେ । ତାହା ତାଙ୍କ ଜୀବନ ଜୀବିକାର ଆଧାର ଥିଲା ସୁତରାଂ ଯାହା କିଛି ସମ୍ପତି ଥିଲା ସେ (ଅର୍ଥାତ୍ ହଜ୍‌ରତ୍ ଅବ୍‌ଦୁଲ୍ଲାଃ) ସବୁ ଧନ ସମ୍ପତିକୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରେ ଅର୍ପଣ କଲେ ଏହା ଦେଖି ତାଙ୍କ ବାପା ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସିଲେ, ଓ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ନିଜର ମାଲ୍ ସଦ୍‌କା କରିଛି ଯେବେ କି ସେ ତା ମାଧ୍ୟମରେ ଜୀବିକା ଅର୍ଜନ କରୁଥିଲେ । ଏହା ଶୁଣି ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍‌ଙ୍କୁ ଡ଼କାଇ ପଠାଇଲେ ଓ କହିଲେ ଅବଶ୍ୟ ଅଲ୍ଲାଃ ତୁମଠାରୁ ତୁମ ସଦ୍‌କା ଗ୍ରହଣ କରିସାରିଛନ୍ତି, ଯାହା ତୁମେ ଦେଇସାରିଛ । ଯାହା ଅଲ୍ଲାଃଙ୍କ ପାଇଁ ଛାଡ଼ିଦେଇଛ ତାହା ଅଲ୍ଲାଃ ଗ୍ରହଣ କରିଛନ୍ତି । ଏବେ ଏହାକୁ ମିରାସ୍ (ଅର୍ଥାତ୍ ପୈତୃକ ସମ୍ପତି) ଆକାରରେ ନିଜ ମା’ବାପାଙ୍କୁ ଫେରାଇ ଦିଅ । ତେବେ ବଶିର କହୁଛନ୍ତି ଯେ ପୁଣି ଆମେ ତାକୁ ୱରାସତ୍‌ରେ ପାଇଲୁ ଅର୍ଥାତ୍ ଆଗକୁ ପୁଣି ତାଙ୍କ ପିଲାମାନେ ସେଥିରୁ ଭାଗ ପାଇଲେ ।

***(ମାରଫତୁସ ସାହାବା ଲି ଅବି ଦଇମୁଲ୍ ଅସ୍‌ବହାନୀ, ଖଣ୍ଡ-୩, ପୃ-୧୪୯, ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍, ହଦିସ୍ ୪୧୭୨, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୨)***

ଏକଦା ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍‌ଙ୍କୁ ନିଜର ନଖକୁ ବେର୍‌ରୁକ୍ (ଅର୍ଥାତ୍ ବିଭୁତି ସ୍ୱରୁପ) ପ୍ରଦାନ କଲେ । ଏହି ଘଟଣାର ବ୍ୟାଖ୍ୟା ହେଉଛି ଏପରି ଯେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ ର:ଅଙ୍କ ପୁତ୍ର ମୁହମ୍ମଦ୍ ବର୍ଣ୍ଣନା କରୁଛନ୍ତି କି ତାଙ୍କ ବାପା ହୁଜ୍ଜତୁଲ୍ ୱିଦାଅ ଅବସରରେ ନବି କରିମ୍ ସ:ଆ:ସଙ୍କ ନିକଟରେ ମୀନା କ୍ଷେତ୍ରରେ ମନ୍‌ହର୍ ଅର୍ଥାତ୍ କୁର୍ବାନଗାଃରେ କୁର୍ବାନୀ କରିବା ସମୟରେ ଉପସ୍ଥିତ ଥିଲେ । ତାଙ୍କ ସହିତ ଅନ୍‌ସାର୍‌ମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ । ରସୁଲୁଲ୍ଲାଃ ସ:ଆ:ସ କୁର୍ବାନୀ ବାଟିଂଲେ, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ଓ ତାଙ୍କ ଅନ୍‌ସାରୀ ସାଥିଙ୍କୁ କିଛି ମିଳିଲା ନାହିଁ । ପୁଣି ରସୁଲୁଲ୍ଲାଃ ସ:ଆ:ସ ଗୋଟିଏ କନାରେ ନିଜର କେଶ ଲଣ୍ଡା କରି ରଖିଲେ ଓ ତାହା ଲୋକମାନଙ୍କ ମଧ୍ୟରେ ବାଟିଂଦେଲେ । ପୁଣି ଆପଣ ସ:ଆ:ସ ନିଜ ନଖଗୁଡ଼ିକ କଟାଇଲେ ଓ ତାହା ସବୁ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ଏବଂ ତାଙ୍କ ଅନ୍‌ସାରୀ ସାଥିଙ୍କୁ ପ୍ରଦାନ କଲେ ।

***(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୦୬, ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)***

ହଜ୍‌ରତ୍ ଆଇଶାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି କି, ଜଣେ ବ୍ୟକ୍ତି ନବି କରିମ୍ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲା ଓ କହିଲା ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ଈଶ୍ୱରଙ୍କ ରାଣ ! ନିଶ୍ଚିତ

ରୂପେ ଆପଣ ମୋ ନିଜଠାରୁ ଅଧିକା ପ୍ରୀୟତମ ଓ ନିଶ୍ଚିତରୂପେ ଆପଣ ସ:ଆ:ସ ମୋ ଘର ଲୋକଙ୍କଠାରୁ ଅଧିକ ପ୍ରୀୟତମ ଏବଂ ନିଶ୍ଚିତରୂପେ ଆପଣ ସ:ଆ:ସ ମତେ ମୋ ସନ୍ତାନମାନଙ୍କ ଅପେକ୍ଷା ଅଧିକା ପ୍ରୀୟ । ମୁଁ ଘରେ ଥିଲି ଓ ଆପଣଙ୍କୁ ମନେପକାଉଥିଲି, ପୁଣି ମୁଁ ଧୈର୍ଯ୍ୟ ରଖିପାରିବି ନାହିଁ ତେଣୁ ମୁଁ ଅପାଣଙ୍କ ଗୋଚରେ ହାଜିର୍ ହୋଇଗଲି । ଏବେ ମୁଁ ଆପଣଙ୍କୁ ଦେଖୁଅଛି । ଯେତେବେଳେ ମତେ ମୋର ଓ ଆପଣ ସ:ଆ:ସଙ୍କର ମୃତ୍ୟୁ କଥା ମନେ ପଡ଼ିଲା, ସେତେବେଳେ ମୁଁ ଜାଣିପାରିଲି ଯେ ଯେବେ ଆପଣ ବୈକୁଣ୍ଠରେ ପ୍ରବେଶ କରିବେ ସେତେବେଳେ ଅନ୍ୟାନ୍ୟ ସମସ୍ତ ନବୀମାନଙ୍କ ସହିତ ଆପଣଙ୍କର ରଫାଅ (ଅର୍ଥାତ୍ ଉଚ୍ଚସ୍ଥାନ ମଣ୍ଡନ କରିବା) ହେବେ, ମୁଁ ଡ଼ରୁଛି ଯେ ଯେବେ ମୁଁ ବୈକୁଣ୍ଠରେ ପ୍ରବେଶ କରିବି ସେତେବେଳେ ଆପଣ ସ:ଆ:ସଙ୍କୁ ସେଠାରେ ଦେଖିବି ନାହିଁ । ଏହା ଶୁଣି ରସୁଲେ ଅକ୍ରମ୍ ସ:ଆ:ସ ସେହି ବ୍ୟକ୍ତି ଜଣଙ୍କୁ କୌଣସି ଉତର ଦେଲେନାହିଁ । ଏହି ଅବଧିରେ ଜିବ୍ରିଲ୍ ନିମ୍ନଲିଖିତ ଆୟତକୁ ଅବତୀର୍ଣ୍ଣ କରି ଆଣିଲେ । ***ଓ୍ୱ ମଇଁ ୟୁତିଇଲ୍ଲାହା ଓ୍ୱର୍ ରସୁଲା ଫଉଲାଇକା ମାଆଲ୍ ଲଜିନା ଅନ୍‌ଅମଲ୍ଲାହୁ ଆଲୈହିମ୍ ମିନନ୍ ନବୀୟିନ ଓ୍ୱସ୍ ସଦ୍ଦିକୀନା ଓ୍ୱଶ୍ ଶୁହଦାଇ ଓ୍ୱସ୍ ସ୍ୱାଲେହୀନା (ନିସାଆ: ୭୦)*** ଅର୍ଥାତ୍- ଏବଂ ଯେ କେହି ଅଲ୍ଲାଃ ଓ ରସୁଲଙ୍କର ଆଜ୍ଞାପାଳନ କରିବ ସେ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବ ଯେଉଁମାନଙ୍କୁ ଅଲ୍ଲାଃ ପୁରସ୍କୃତ କରିଛନ୍ତି ଅର୍ଥାତ୍ ନବି, ସିଦ୍ଦିକ୍, ଶହୀଦ୍ ଓ ସ୍ୱାଲେହ୍‌ଙ୍କ ମଧ୍ୟରେ ।

***(ତଫସିର୍ ଇବ୍‌ନେ କସିର୍, ଖଣ୍ଡ-୨, ପଃ୩୧୧, ନିସାଆ ୭୦, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୮)***

ଉପରୋକ୍ତ ଆୟତଟିକୁ ଆମେ ଏ ପ୍ରମାଣ ସ୍ୱରୁପ ଉପସ୍ଥାପନ କରୁଛୁ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଜ୍ଞାବହତା ସ୍ୱୀକାର କରିବା ଫଳରେ ଗୈର୍ ତଶ୍‌ରିର (ଅର୍ଥାତ୍ ଅଣ ଶରିୟତି) ନବୀ ହେବାର ପଦମର୍ଯ୍ୟାଦା ହାସଲ ହୋଇପାରିବ । ଓ ଆପଣ ସ:ଆ:ସଙ୍କ ଆଜ୍ଞାବହତା ସ୍ୱୀକାର କରିବା ଫଳରେ ଜଣେ ବ୍ୟକ୍ତି ସ୍ୱାଲେହିୟତ୍ ର ପଦବୀରୁ ଉନ୍ନତି କରି ନବୁଓ୍ୱତ୍‌ର ପଦବୀ ପାଇପାରିବ । ସେ ଯାହା ହେଉ ନବୁଓ୍ୱତ୍‌ର ପଦବୀ, ତହା ଅଣ ଶରିୟତି ହେଉ ବା ତାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ହେଉ, ବହୁତ ବଡ଼ ଓ ଉତମ ମର୍ଯ୍ୟାଦା ଅଟେ, ଓ ଅଲ୍ଲାଃ ତାଲ୍ଲା ଯାହାଙ୍କୁ ଚାହାନ୍ତି ଦେଇଥାନ୍ତି । ଆସିବାକୁ ଥିବା ମସିହ ମଉଦଙ୍କ ସମ୍ବନ୍ଧରେ ନିଜେ ଆଁ ହଜ୍‌ରତ୍ ସ:ଆ:ସ ''ନବିଉଲ୍ଲାଃ'' ଶବ୍ଦ ବ୍ୟବହାର କରିଛନ୍ତି । (ଅର୍ଥାତ୍ ଅଲ୍ଲାଃଙ୍କ ନବୀ) ।

***(ସହ୍‌ହି ମୁସ୍‌ଲିମ୍, କିତାବୁଲ୍ ଫିତନ୍........ ହଦିସ୍ ୨୯୩୭)***

ସେଥିଯୋଗୁଁ ହଜ୍‌ରତ୍ ମସହି ମଉଦ୍ ଆ:ସଙ୍କୁ ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ଅଣ ଶରିୟତି ନବୀ ରୂପେ ମାନୁଛୁ । ଏହାଦ୍ୱାରା ଆଁ ହଜ୍‌ରତ୍ ସ:ଆ:ସଙ୍କ ଖତ୍‌ମେ ନବୁଓ୍ୱତ୍‌ର ପଦବୀକୁ କୌଣସି ଆଞ୍ଚ ଆସୁନାହିଁ, ବରଂ ଆପଣ ସ:ଆ:ସ ଆ:ସଙ୍କ ଦାସତ୍ୱରେ ହିଁ ମିଳିପାରିବ । ଏପରି ଅର୍ଥ କେବଳ ଆମେ କରୁନାହୁଁ ବରଂ ପୁରୁଣା ବୟଜ୍ୟୋଷ୍ଠ ପୁଣ୍ୟ ବ୍ୟକ୍ତିଜଣକ ମଧ୍ୟ କରିଛନ୍ତି । ସୁତରାଂ ଇମାମ ରାଗିଦ୍ ମଧ୍ୟ ଏହାର ଏପରି ଅର୍ଥ କରିଛନ୍ତି ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ ଅଣ ଶରିୟତି ନବି ଆପଣ ସ:ଆ:ସଙ୍କ ଅଜ୍ଞାବହତାକୁ ସ୍ୱୀକାର କରି ଆସିପାରିବେ । ***(ତଫ୍‌ସିରୁଲ୍ ବହ୍‌ରଲ୍ ମୁହିତ୍ ଭାଗ-୩, ପୃ-୨୯୯.......୨୦୧୦)***

ସେ ଯାହା ହେଉ ଏହି ଆୟତ ସମ୍ବନ୍ଧରେ ମୁଁ ଏକଥା ଚର୍ଚ୍ଚା କରି ଯଦ୍ୱାରା ସ୍ପଷ୍ଟିକରଣ ମଧ୍ୟ ହୋଇଯିବ ।

ଅଲ୍ଲାମାଃ ଜର୍‌କାନୀ ଲେଖୁଛନ୍ତି କି ବିଭିନ୍ନ ତଫ୍‌ସିର୍ ପୁସ୍ତକରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୁଲାମ ହଜ୍‌ରତ୍ ସୋବାନ୍ ର:ଅଙ୍କ ସମ୍ବନ୍ଧରେ ଏକଥା ମିଳୁଛି ଯେବେ କି ତଫ୍‌ସିର୍ ୟନ୍‌ବୁଉଲ୍ ହୟାତ୍‌ରେ ମୁକାତିଲ୍ ବିନ୍ ସୁଲେମାନଙ୍କ ସନ୍ଦର୍ଭରେ ଉଲ୍ଲେଖ ଅଛି ଯେ ଇଏ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅନ୍‌ସାରୀ ର:ଅ ଥିଲେ ଯିଏ ସ୍ୱପ୍ନରେ ଅଜାନ୍ ଦେଖିଥଲେ । ଅଲ୍ଲାମାଃ ଜର୍‌କାନୀ ଲେଖୁଛନ୍ତି ଯେ ଯଦି ଏ କଥା ଠିକ୍ ତେବେ ସମ୍ଭବତଃ ଦୁଇଜଣଜାକ ନବି ସ:ଆ:ସଙ୍କୁ ଏପରି କଥା ବର୍ଣ୍ଣନା କରିଥିବେ ଓ ଏଥିରେ ଏହି ଆୟତ ଅବତୀର୍ଣ୍ଣ ହୋଇଥିବ । ଏ କଥା ମଧ୍ୟ ମିଳୁଛି ଯେ ଏପରି କଥା ନବୀ କରିମ୍ ସ:ଆ:ସଙ୍କ ଅନେକ ସାଥି କହିଥିଲେ ।

***(ଶରହ୍ ଜର୍‌କାନୀ..... ଖଣ୍ଡ-୧୨, ପୃ-୪୧୭-୪୧୮.....ବେରୁତ ୧୯୯୬)***

ପୂର୍ବରୁ ବର୍ଣ୍ଣିତ ହୋଇଥିବା ଘଟଣା ବ୍ୟତୀତ ତଫ୍‌ସିର୍‌ଗୁଡ଼ିକରେ ହଜ୍‌ରତ୍ ସୋବାନଙ୍କ ଘଟଣା ଅନ୍ୟ ପ୍ରକାରରେ ମଧ୍ୟ ବର୍ଣ୍ଣନା ହୋଇଛି । ଯାହାର ବ୍ୟାଖ୍ୟା ଏପରି କି ହଜ୍‌ରତ୍ ସୋବାନ୍ ର:ଅଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଭିଷଣ ପ୍ରେମ ଥିଲା ଫଳତଃ ସେ ଆପଣ ସ:ଆ:ସଙ୍କ ଠାରୁ ଦୁରେଇ ରହିବାକୁ ବରଦାସ୍ତ କରିପାରୁନଥିଲେ । ଦିନେ ଯେବେ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ହାଜିର୍ ହେଲେ ସେତେବେଳେ ତାଙ୍କର ସ୍ୱଭାବ ପରିବର୍ତନ ଲାଗୁଥିଲା ଓ ତାଙ୍କ ଚେହେରାରୁ ଦୁଃଖର ଚିହ୍ନ ବାରି ହୋଇ ପଡୁଥିଲା । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ପଚାରିଲେ କି କଣ ପାଇଁ ତୁମର ରଙ୍ଗ ଉଡ଼ିଯାଇଛି ? ହଜ୍‌ରତ୍ ସୋବାନ୍ ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ନା'ତ ମୋତେ କୌଣସି ରୋଗ ହୋଇଛି ନା କୌଣସି ବିମାରୀ କେବଳ ଏତିକି ଯେ ମୁଁ ଆପଣ ସ:ଆ:ସଙ୍କୁ ଦେଖିପାରିନଥିଲି । ଅର୍ଥାତ୍ କିଛି ଦିନ ହେବ ଦେଖିନାହିଁ । ସେଥିଯୋଗୁଁ ମୁଁ ବ୍ୟତିବ୍ୟସ୍ତ ହୋଇଗଲି । ସେହିପରି ମତେ ପରକାଳ କଥା ମନେପଡ଼ିଗଲା ଫଳତଃ ମତେ ଭୟ ଲାଗିଲା ଯେ ମୁଁ ଆପଣଙ୍କୁ ଦେଖିପାରିବ ନାହିଁ କାରଣ ଆପଣଙ୍କର ତ ଅମ୍ବିୟା ମାନଙ୍କ ସହିତ ରଫା ହୋଇଯିବ, ଓ ମୁଁ ଯଦି ମଧ୍ୟ ବୈକୁଣ୍ଠରେ ପ୍ରବେଶ କରିବି ତେବେ ମୋର ପଦବୀ/ ସ୍ଥାନ ଆପଣ ସ:ଆ:ସଙ୍କ ମୁକାମ ଅର୍ଥାତ୍ ସ୍ଥାନଠାରୁ ବହୁତ ନ୍ୟୁନତମ ହେବ ଓ ଯଦି ମୁଁ ବୈକୁଣ୍ଠରେ ପ୍ରବେଶ ନ କରିପାରିବି ତେବେ ପୁଣି ମୁଁ କେବେ ମଧ୍ୟ ଆପଣ ସ:ଆ:ସଙ୍କୁ ଦେଖିପାରିବି ନାହିଁ ।

***(ତଫ୍‌ସିରୁଲ୍ ବଗ୍‌ୱି, ଭାଗ-୧, ପୃ-୪୫୦, ନିସାଆ: ୬୯..... ପାକିସ୍ତାନ ୧୪୨୫ ହିଜ୍‌ରୀ)***

ଅଲ୍ଲାମାଃ ଜର୍‌କାନୀ ଲେଖୁଛନ୍ତି ଯେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ର:ଅ ନିଜ ବଗିଚାରେ କାମ କରୁଥିଲେ । ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ର:ଅଙ୍କର ପୂନର୍ବାର କଥା ଆରମ୍ଭ ହୋଇଗଲା । ପୁଣି ଏପରି ଅଛି କି ତାଙ୍କ ପୁତ୍ର ତାଙ୍କ ନିକଟକୁ ଆସି ତାଙ୍କୁ ଏ ଖବର ଦେଲେ ଯେ ନବି ସ:ଆ:ସଙ୍କ ଦେହାନ୍ତ ହୋଇଯାଇଛି । ଏହା ଶୁଣି ସେ କହିଲେ ***ଅଲ୍ଲାହୁମ୍ମା ଅଜ୍‌ହିବ୍ ବସରୀ ହତ୍‌ତା ଲା ଅରା ବାଆଦା ହବିବି ମୁହମ୍ମଦ୍‌ନ୍ ଅହଦନ୍*** । ଅର୍ଥାତ: ହେ ଅଲ୍ଲାଃ ! ତୁ ମୋ ଦୃଷ୍ଟି ଶକ୍ତି ନେଇଯାଅ ଫଳତଃ ମୁଁ ମୋର ପ୍ରୀୟ ମୁହମ୍ମଦ ସ:ଆ:ସଙ୍କ ଅନ୍ତେ କାହାକୁ ନ ଦେଖିପାରେ । ଏହା ପରେ ଶରହ୍ ଜର୍‌କାନୀରେ ଲେଖାହୋଇଛି ଯେ, ସେ କହୁଛନ୍ତି କି ଏହା ପରେ ତାଙ୍କ ଦୃଷ୍ଟିଶକ୍ତି ଧିରେ ଧିରେ ଚାଲିଗଲା ଓ ସେ ଅନ୍ଧ ହୋଇଗଲେ ।

***(ଶରହ୍ ଜର୍‌କାନୀ...... ଖଣ୍ଡ-୯, ପୃ-୮୪-୮୫, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୬)***

ତାଙ୍କ ଦେହାନ୍ତ ସମ୍ପର୍କରେ ଉଲ୍ଲେଖ ଅଛି ଯେ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ର:ଅଙ୍କ ଦେହାନ୍ତ ସମ୍ବନ୍ଧରେ ମତଭେଦ ରହିଛି । କେତେକ ତାଙ୍କୁ ଓ୍ୱହଦ୍ ଯୁଦ୍ଧ ପରେ ମୃତ୍ୟୁବରଣ କରିଛନ୍ତି ବୋଲି ବର୍ଣ୍ଣନା କରିଛନ୍ତି କିନ୍ତୁ ଅଧିକନ୍ତୁ ଏହା ବର୍ଣ୍ଣନା ହୋଇଛି ଯେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସମସ୍ତ ଯୁଦ୍ଧରେ ସାମିଲ ହୋଇଛନ୍ତି ଓ ତାଙ୍କର ମୃତ୍ୟୁ ହଜ୍‌ରତ୍ ଉସ୍‌ସାନ ର:ଅଙ୍କ ଖିଲାଫତ୍‌ର ଶେଷ ଅବଧିରେ ୩୨ ହିଜ୍‌ରୀରେ ହୋଇଥିଲା । ଯେଉଁ ଦୃଷ୍ଟିଶକ୍ତି ସମ୍ବନ୍ଧିୟ ଘଟଣା ଅଛି, ଯଦି ତାଙ୍କୁ ସଠିକ୍ ରୂପେ ମାନି ନିଆଯାଏ ତେବେ ମଧ୍ୟ ଏପରି ଲାଗୁଛି ଯେ ତାଙ୍କ ଦେହାନ୍ତ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ ସମୟରେ ହୋଇଥିଲା । ସେତେବେଳେ ତାଙ୍କ ବୟସ ୬୪ ବର୍ଷ ହୋଇଥିଲଶ । ତାଙ୍କର ନାମଜ ଯନାଜାଃ ହଜ୍‌ରତ୍ ଉସ୍‌ମାନ୍ ର:ଅ ପଢ଼ାଇଲେ ।

***(ଅଲ୍‌ମୁସ୍‌ତଦ୍‌ରକ୍ ଅଲସ୍ ସହ୍‌ହିଇନ୍ ଲିଲ୍ ହାକିମ୍ ଖଣ୍ଡ-୫, ପୃ- ୨୬୬....... ହଦିସ୍ ୮୧୮୭, ଦାରୁଲ୍ ଫିକର୍ ୨୦୦୧) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୦୬ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ , ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)***

ପୁଣି ଯେଉଁ ସାହାବିଙ୍କର ଏଠାରେ ଚର୍ଚ୍ଚା କରାଯିବ ସେ ହେଉଛନ୍ତି ହଜ୍‌ରତ୍ ମୁଆଜ୍ ବିନ୍ ଅମ୍‌ରୋ ବିନ୍ ଯମୁହ୍ ର:ଅ । ହଜ୍‌ରତ୍ ମୁଆଜ୍ ବିନ୍ ଅମ୍‌ରୋ ବିନ୍ ଯମୁହ୍ ର:ଅଙ୍କ ସମ୍ବନ୍ଧ ବନୁ ଖଜ୍‌ରଜ୍‌ର ଶାଖା ବନୁ ସଲ୍‌ମା ସହିତ ଥିଲା । ସେ ବୟତେ ଅକ୍‌ବାଃ ସାନିୟା, ବଦର ଯୁଦ୍ଧ ଓ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ତାଙ୍କ ମା'ଙ୍କ ନାମ ହିନ୍ଦ ବିମ୍‌ତ ଅମର୍ ଥିଲା । ମୁସା ବିନ୍ ଉକ୍‌ବାଃ ଅବୁ ମାଆଶ୍‌ର ଏବଂ ମୁହମ୍ମଦ୍ ବିନ୍ ଅମର ଓ୍ୱାକ୍‌ଦିଙ୍କ ନିକଟରେ ତାଙ୍କ ଭାଇ ମୁଅଓ୍ୱିଜ୍ ବିନ୍ ଅମ୍‌ରୋ ମଧ୍ୟ ବଦର ଯୁଦ୍ଧରେ ସାମିଲ ହୋଇଥିଲେ । ତାଙ୍କ ପତ୍ନୀଙ୍କ ନାମ ସୁବୈୟାଃ ବିନ୍‌ତ ଅମ୍‌ରୋ ଥିଲା ଯିଏ ବନୁ ଖଜ୍‌ରଜ୍‌ର ଶାଖା ବନୁ ସାଆଦାଃର ଥିଲେ । ତାଙ୍କଠାରୁ ହଜ୍‌ରତ୍ ମୁଆଜ୍‌ଙ୍କର ଜଣେ ପୁତ୍ର ଅବ୍‌ଦୁଲ୍ଲାଃ ଓ ଜଣେ ପୁତ୍ରୀ ଉମାମାଃ ଜନ୍ମ ହୋଇଥିଲେ ।

***(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୨୬,୪୨୭, ମୁଆଜ ବିନ୍ ଉମ୍‌ରୋ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଅସ୍‌ସିରତୁନ୍ ନବଓ୍ୱିୟା ଲି ଇବ୍‌ନେ କସିର୍, ପୃ-୧୯୭........ ବେରୁତ ୨୦୦୫)***

ହଜ୍‌ରତ୍ ମୁଆଜ୍ ର:ଅ ବୟତେ ଅକ୍‌ବାଃ ସାନିୟାରେ ସାମିଲ୍ ହୋଇଥିଲେ କିନ୍ତୁ ତାଙ୍କ ବାପା ଅମ୍‌ରୋ ବିନ୍ ଯମୁହ୍ ତାଙ୍କ ମୁଶ୍‌ରିକାନା ପ୍ରଥା ଉପରେ ଭିଷଣ ରୂପେ କାଏମ୍ ଥିଲେ । ପୁସ୍ତକ ସିରତ୍ ଇବ୍‌ନେ ହୁଶାମ୍‌ରେ ହଜ୍‌ରତ୍ ମୁଆଜ ର:ଅଙ୍କ ବାପାଙ୍କ ଇସ୍‌ଲାମ୍ ଗ୍ରହଣ କରିଥିବାର ଘଟଣା ଦରଜ ଅଛି । ଗୋଟିଏ ବର୍ଷ ମୁଁ ମଧ୍ୟ ତାଙ୍କର ବିଷୟରେ ଅଳ୍ପ କିଛି ବର୍ଣ୍ଣନା କରିଥିଲି ଯେ, ବୟତେ ଅକ୍‌ବାଃ ସାନିୟାରେ ଯୋଗଦେଇଥିବା ଲୋକମାନେ ଯେବେ ମଦିନା ଫେରି ଆସିଲେ, ସେମାନେ ଇସ୍‌ଲାମ୍‌ର ପ୍ରଚାର ଖୁବ୍ ଜୋର୍‌ସୋର୍‌ରେ କଲେ ଓ ତାଙ୍କ କୌମ୍‌ର କିଛି ଲୋକ ଏ ପର୍ଯ୍ୟନ୍ତ ନିଜର ମୁଶ୍‌ରିକାନା ଧର୍ମ (ଅର୍ଥାତ୍ ବହୁ ଈଶ୍ୱରବାଦର ଧର୍ମ) ଉପରେ ପ୍ରତିଷ୍ଠିତ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଥିଲେ ଅମ୍‌ରୋ ବିନ୍ ଯମୁହ୍ ର:ଅ । ତାଙ୍କ ପୁତ୍ର ମୁଆଜ୍ ବିନ୍ ଉମ୍‌ରୋ ର:ଅ ବୟତେ ଅକ୍‌ବାଃ ସାନିୟାରେ ସାମିଲ୍ ହୋଇଥିଲେ ଓ ସେହି ଅବସରରେ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ବୟତ କରିଦେଇଥିଲେ । ଉମ୍‌ରୋ ବିନ୍ ଯମୁହ୍ ର:ଅ ବନୁ ସଲ୍‌ମାଃର ସର୍‌ଦାର୍ ମାନଙ୍କ ମଧ୍ୟରୁ ଜଣେ ଥିଲେ ଓ ସେମାନଙ୍କ ବୁଜ୍‌ରୁଗ୍ ମାନଙ୍କ ମଧ୍ୟରୁ ଜଣେ ବୁଜ୍‌ରୁଗ୍ (ଅର୍ଥାତ୍ ବୟୋଜ୍ୟେଷ୍ଠ ସମ୍ମାନିତ ବ୍ୟକ୍ତି) ଥିଲେ । ସେ ନିଜ ଘରେ ଗୋଟିଏ କାଠ ନିର୍ମିତ ମୂର୍ତୀ ତିଆରି କରି ରଖିଥିଲେ । ଯେପରି ସେ ଯୁଗରେ ବଡ଼ ବଡ଼ ଲୋକମାନେ ରଖିଥାନ୍ତି । ତାକୁ 'ମନାତ୍' କୁହାଯାଉଥିଲା । ତାକୁ ମାବୁଦ୍ (ଅର୍ଥାତ୍ ଈଶ୍ୱର) ରୂପେ ସଫା ସୁତୁରା କରି ସଜାଇ ରଖୁଥିଲେ । ଯେତେବେଳେ ବନୁ ସଲ୍‌ମାର କିଛି ଯୁବକ ଇସ୍‌ଲାମ୍ ଗ୍ରହଣ କରିନେଲେ, ତାଙ୍କ ମଧ୍ୟରେ ହଜ୍‌ରତ୍ ମୁଆଜ୍‌ବିନ୍ ଜବଲ୍ ର:ଅ, ଉମ୍‌ରୋ ବିନ୍ ଯମୁହ୍‌ଙ୍କ ପୁତ୍ର ହଜ୍‌ରତ୍ ମୁଆଜ୍ ବିନ୍ ଉମ୍‌ରୋ ବିନ୍ ଯମୁହ୍ ର:ଅ ଥିଲେ । ଏହି ଯୁବକମାନେ ଅକ୍‌ବାଃ ସାନୟାରେ ସାମିଲ ହୋଇ ଇସ୍‌ଲାମ୍ ଗ୍ରହଣ କରିଥିଲେ । ଏହି ଯୁବକମାନେ ରାତି ସମୟରେ ଉମ୍‌ରୋ ବିନ୍ ଯମୁହ୍‌ଙ୍କ ମୂର୍ତୀ ରଖାଯାଇଥିବା କୋଠରୀରେ ପ୍ରବେଶ କରି ସେହି ମୂର୍ତିକୁ ଉଠାଇ ନେଇ ଆସୁଥିଲେ ଓ ତାକୁ ବନୁ ସଲ୍‌ମାଃର ମଇଳା ଆବର୍ଜନା ଫିଙ୍ଗାଯିବା ନିମନ୍ତେ ଖୋଳାଯାଇଥିବା ଗାଡ଼ ଭିତରେ ଓଲଟା ଶୋଇଦେଉଥିଲେ । ଅର୍ଥାତ୍ ଫୋପାଡ଼ି ଦେଉଥିଲେ । ଯେବେ ଅମ୍‌ରୋ ଉଠି ଦେଖନ୍ତି, କହନ୍ତି ତୁମର ଖରାପ ହେଉ । କିଏ ରାତି ସମୟରେ ଆମ ମାବୁଦ୍‌ମାନଙ୍କ ସହିତ ଅସମ୍ମାନ କରିଛି । ପୁଣି ତାକୁ ଖୋଜିବାକୁ ଲାଗୁଥିଲେ ଓ ତାକୁ ପାଇବା ପରେ ଧୋଇଦେଇ ସଫାସୁତୁରା କରୁଥିଲେ । ପୁଣି କହୁଥିଲେ ଈଶ୍ୱରଙ୍କ ରାଣ ! ଯଦି ମୁଁ ଜାଣିଯାଏ ଯେ କିଏ ତୁମ ସହିତ ଏପରି ବ୍ୟବହାର କରିଛି, ମୁଁ ତାକୁ ବେଇଜତି କରିବି । ପୁଣି ଯେବେ ରାତି ଆସେ ଓ ଉମ୍‌ରୋ ଶୋଇପଡ଼ନ୍ତି ପନର୍ବାର ତାଙ୍କ ପୁତ୍ର ସେହି ଭଳି ହର୍‌କତ୍ କରନ୍ତି । ପୁଣି ଅମ୍‌ରୋ ବିନ୍ ଯମୁହ୍ ରାତି ପାହିଲେ ପୂନର୍ବାର ସେହିପରି କଷ୍ଟ କରି ତାକୁ ଧୁଆ ଧୁଇ କରି ସଫା କରନ୍ତି । ଯେତେବେଳେ ଅନେକ ରାତି ଏପରି ହେଲା ଅମ୍‌ରୋ ବିନ୍ ଯମୁହ୍ ସେହି ମୂର୍ତିଟିକୁ ବାହାର କଲେ ଓ ଧୁଆ ଧୁଇ କରି ସଫା କଲେ ପୁଣି ନିଜର ତରବାରୀକୁ ଆଣି ତା' ବେକରେ ଝୁଲାଇଦେଲେ ଓ କହିଲେ କି ଈଶ୍ୱରଙ୍କ ରାଣ ! ଅବଶ୍ୟ ମତେ ଏକଥା ତ ଜଣା ନାହିଁ କି କିଏ ତୁମ ସହିତ ଏପରି ବ୍ୟବହାର କରୁଛି କିନ୍ତୁ ଯଦି ତୁମ ନିକଟରେ କିଛି ଶକ୍ତି ଥାଏ ତେବେ ତାକୁ ରୋକିବ । ଏହି ତରବାରୀ ତୁମ ନିକଟରେ ରହିଲା । ମୂର୍ତି ନିକଟରେ ତରବାରୀ ରଖିଦେଲେ । ଯେବେ ରାତି ହେଲା ଓ ଅମ୍‌ରୋ ଶୋଇପଡ଼ିଲେ, ସେତେବେଳେ ସେହି ଯୁବକମାନେ, ଯେଉଁମାନଙ୍କ ମଧ୍ୟରେ ତାଙ୍କ ପୁତ୍ ମଧ୍ୟ

ସାମିଲ୍ ଥିଲେ ସେହି ମୂର୍ତି ସହିତ ପୂର୍ନବାର ସେହିପରି ବ୍ୟବହାର କଲେ । ତା' ବେକରୁ ତରବାରୀଟିକୁ ବାହାର କରିନେଲେ ଓ ଗୋଟିଏ ମଲା କୁକୁରକୁ ନେଇ ସେହି ମୂର୍ତି ସହିତ ରସିରେ ବାନ୍ଧିଦେଲେ ଓ ବନୁ ସଲ୍‌ମାର ଗୋଟିଏ ପୁରୁଣା ପରିତ୍ୟକ୍ତ କୂଅ ଭିତରେ ତାକୁ ଫିଙ୍ଗିଦେଲେ ଯାହା ଭିତରେ ଅଳିଆ ଆବର୍ଜନା ଫିଙ୍ଗାଯାଏ । ସକାଳେ ଯେବେ ଅମ୍‌ରୋ ବିନ୍ ଯମୁହ୍ ଉଠିଲେ, ମୂର୍ତିଟିକୁ ତା ସ୍ଥାନରେ ପାଇଲେ ନାହିଁ, ଯେଉଁଠି ତାକୁ ରଖିଥିଲେ । ସୁତରାଂ ସେ ତାକୁ ଖୋଜି ଖୋଜି ସେହି କୂଅ ଭିତରେ ମଲା କୁକୁର ସହିତ ବନ୍ଧା ଯାଇ ପଡ଼ିଥିବାର ଦେଖିଲେ ସେତେବେଳେ ସେ ସତ୍ୟତାକୁ ଜାଣିପାରିଲେ । ତାଙ୍କ କୌମ୍‌ର ମୁସଲମାନମାନେ ମଧ୍ୟ ତାଙ୍କୁ ଇସ୍‌ଲାମ୍ ଶିକ୍ଷା ଦେଲେ ଫଳତଃ ସେ ଅଲ୍ଲାଃଙ୍କ କୃପାରୁ ଇସ୍‌ଲାମ୍ ଗ୍ରହଣ କରିନେଲେ ।

***(ସିରତୁନ୍ ନବୱିୟା ଲି ଇବ୍‌ନେ ହୁଶାମ୍, ପୃ-୨୦୭,୨୦୮......ଦାରେ ଇବ୍‌ନେ ହଜମ୍ ବେରୁତ ୨୦୦୯)***

ଇବ୍‌ନେ ହୁଶାମ୍‌ର ସିରତ୍‌ରେ ଏହି ଘଟଣା ଏପରି ଲେଖାଯାଇଛି ଯେ ମୂର୍ତିଟିତ ତରବାରୀ ଦ୍ୱାରା କିଛି କରିପାରିଲା ନାହିଁ ତେଣୁ ଏପରି ଈଶ୍ୱରକୁ ପୁଜିବାର କଣ ଲାଭ !

ହଜ୍‌ରତ୍ ମୁଆଜ୍ ବିନ୍ ଅମ୍‌ରୋ ବିନ୍ ଯମୁହ୍ ର:ଅ ଅବୁ ଜହଲ୍‌ଙ୍କୁ ହତ୍ୟା କରିଥିବା ଲୋକମାନଙ୍କ ମଧ୍ୟରେ ସାମିଲ୍ ଥିଲେ । ସୁତରାଂ ବୁଖାରୀର ରିୱାୟତ୍‌ରେ ଉଲ୍ଲେଖ ଅଛି କି ସ୍ୱାଲେହ୍ ବିନ୍ ଇବ୍ରାହାମ୍ ନିଜ ଜେଜେ (ଦାଦା) ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କଠାରୁ ରିୱାୟତ କରୁଛନ୍ତି ଯେ, ସେ ବତାଇଲେ ଯେ ମୁଁ ବଦର ଯୁଦ୍ଧ କ୍ଷେତ୍ରରେ ପ୍ରଥମ ଧାଡ଼ିରେ ଛିଡ଼ା ହୋଇଥିଲି ଓ ମୁଁ ମୋ ନିଜ ଡ଼ାହାଣପଟକୁ ଓ ବାମପଟକୁ ଦେଖିଲି ଦୁଇଜଣ ନ୍‌ସାରୀ ବାଳକ ଛିଡ଼ା ହୋଇଛନ୍ତି । ସେମାନଙ୍କର ବୟସ କମ୍ ଥିଲଶ । ମୁଁ ଏ ଅଭିଳାଷ ନେଇ ଚିନ୍ତା କରୁଥିଲି କି କାଳେ ମୁଁ ଏପରି ଲୋକମାନଙ୍କ ମଧ୍ୟରେ ଥାନ୍ତି ଯେଉଁମାନେ ଯୁବକ ଓ ଶକ୍ତିଶାଳୀ ହୋଇଥାନ୍ତି । ଏତିକି ବେଳେ ସେମାନଙ୍କ ମଧ୍ୟରୁ ଜଣେ ମତେ ମୋ ହାତକୁ ଚିପିଦେଇ ପଚାରିଲା ଚାଚା କଣ ଆପଣ ଅବୁ ଜହଲ୍‌ଙ୍କୁ ଚିହ୍ନିଛନ୍ତି କି ? ମୁଁ କହିଲି ହଁ ପୁତୁରା । ତୁମକୁ ତା ଠାରେ କଣ କାମ ? ସେ କହିଲା ମତେ ବତାଯାଇଛି ଯେ ସେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଗାଳି ଗୁଲଜ କରୁଥିଲଶ । ମତେ ତା ରାଣ ଯାହାଙ୍କ ହାତରେ ମୋ ଜୀବନ ଅଛି ଯଦି ମୁଁ ତାକୁ ଦେଖିପାରିବି ତେବେ ମୋ ଆଖି ତା ଆଖିରୁ ଅଲଗା ହେବ ନାହିଁ ଯେ ପର୍ଯ୍ୟନ୍ତ ଆମ ଦୁହିଁଙ୍କ ମଧ୍ୟରୁ ସେ ମରିନ ଯାଇଛି ଯାହା ପୂର୍ବରୁ ସ୍ଥିର ହୋଇସାରିଛି । ମୁଁ ଏକଥା ଶୁଣି ବହୁତ ଆଚମ୍ବିତ ହେଲି । ପୁଣି ଆଉ ଜଣକ ମୋ ହାତକୁ ଚିପିଦେଇ ମତେ ସେହିପରି ପ୍ରଶ୍ନ ପଚାରିଲା । ଅଳ୍ପ ସମୟ ବିତିଥିଲା କି ନାହିଁ ମୁଁ ଅବୁ ଜହଲ୍‌କୁ ଲୋକମାନଙ୍କ ମଧ୍ୟରେ ଚଲାବୁଲା କରିବାର ଦେଖିଲି । ମୁଁ କହିଲି ସେ ହେଉଛି ତୁମ ସାଥି ଯାହା ସମ୍ବନ୍ଧରେ ତୁମେ ମତେ ପଚାରୁଥିଲ । ଏହା ଶୁଣିବା କ୍ଷଣି ସେହି ଦୁଇଜଣ ନିଜ ନିଜର ତରବାରୀ ଧରି ତା ଆଡ଼କୁ ମାଡ଼ିଗଲେ ଓ ତା ଉପରେ ଆକ୍ରମଣ କରି ତାକୁ (ଅର୍ଥାତ୍ ଅବୁ ଜହଲ୍‌କୁ) ହତ୍ୟା କରିଦେଲେ । ତା ପରେ ସେହି ଦୁଇଜଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ଆସିଲେ ଓ ଏ ଖବର ଦେଲେ । ଆପଣ ସ:ଆ:ସ କହିଲେ କଣ ତୁମେ ମାନେ ନିଜ ତରବାରୀକୁ ପୋଛା ପୋଛି କରି ସଫା କରିଦେଲଣି କି ? ସେମାନେ କହିଲେ ନା । ଅପାଣ ସ:ଆ:ସ ତରବାରୀକୁ ଦେଖି କହିଲେ ଯେ ତୁମେ ଦୁଇଜଣ ହିଁ ତାକୁ ମାରିଛ । ତା'ର ଗନିମତ୍ ସାମାନ୍ ମୁଆଜ୍ ବିନ୍ ଅମ୍‌ରୋ ବିନ୍ ଯମୁହ୍‌ଙ୍କୁ ମିଳିବ । ସେହି ଦୁଇଜଣଙ୍କ ନାମ ମୁଆଜ ଥିଲା । ମୁଆଜ୍ ବିନ୍ ଅଫ୍‌ରାଆ ର:ଅ ଏବଂ ମୁଆଜ୍ ବିନ୍ ଅମ୍‌ରୋ ବିନ୍ ଯମୁହ୍ ର:ଅ । ***(ସହ୍‌ହି ବୁଖାରୀ, କିତାବ ଫରଜୁଲ୍ ଖମସ୍........... ହଦିସ୍ ୩୧୪୧)***

ପୂର୍ବରୁ ମଧ୍ୟ ଥରେ ମୁଁ ମୁଆଜ ଓ ମୁଅୱିଜଙ୍କ ବିଷୟରେ କହିସାରିଛି । ଏଠାରେ ସେଥିପାଇଁ ଶଂଙ୍କା ସୃଷ୍ଟି ହୋଇପାରେ । ସେଥିପାଇଁ ବିଭିନ୍ନ ପୁସ୍ତକ ଗୁଡ଼ିକର ଯେଉଁ ଘଟଣାବଳୀ ବର୍ଣ୍ଣିତ ଅଛି ଓ ସିରତ୍ ଓ ହଦିସ୍‌ରେ ମଧ୍ୟ ବର୍ଣ୍ଣିତ ଅଛି, ସେହି ବୁଖାରୀରେ ମଧ୍ୟ ଯେଉଁ କଥା ଉଲ୍ଲେଖ ଅଛି ଯେ ହଜ୍‌ରତ୍ ମୁଆଜ୍ ବିନ୍ ଅମ୍‌ରୋ ବିନ୍ ଯମୁହ୍ ର:ଅ ଏବଂ ହଜ୍‌ରତ୍ ମୁଆଜ୍ ବିନ୍ ଅଫରାଆ ର:ଅ ଅବୁ ଜହଲ୍ ଉପରେ ଆକ୍ରମଣ କରି ତାକୁ ହତ୍ୟା କରିଥିଲେ ଓ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସୁଦ୍ ର:ଅ ଅବୁ ଜହଲ୍‌ର ମୁଣ୍ଡ କାଟିଥିଲେ । ଅନ୍ୟ ଏକ ସ୍ଥାନରେ ମୁଆଜ୍ ଏବଂ ମୁଅୱିଜଙ୍କ କଥା ମିଳୁଛି । ସେ ଯାହା ହେଉ ଏତବ୍ ବ୍ୟତିତ ବୁଖାରୀରେ ହିଁ ଏପରି ରିୱାୟତ ମଧ୍ୟ ରହିଛି ଯେଉଁଥିରେ ଏ କଥା ଉଲ୍ଲେଖ ଅଛି କି ଅବୁ ଜହଲକୁ ଅଫ୍‌ରାଆଙ୍କ ଦୁଇ ପୁତ୍ର ମୁଆଜ ଏବଂ ମୁଅୱିଜ୍ ହତ୍ୟା କରିଥିଲେ । ପରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ଯାଇ ତା'ର କାମ ଶେଷ କଲେ । ସୁତରାଂ ବୁଖାରୀରେ ଗୋଟିଏ ରିୱାୟତରେ ଏହାର ବିବରଣୀ ଏପରି ବର୍ଣ୍ଣିତ ଅଛି ।

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ନବି କରିମ୍ ସ:ଆ:ସ ବଦର ଯୁଦ୍ଧ ଦିନ କହିଲେ: କିଏ ଅଛି ଯିଏ ଯାଇ ଦେଖିଆସିବ ଯେ ଅବୁ ଜହଲ୍‌ର ଅବସ୍ଥା କଣ ହୋଇଛି ? ହଜ୍‌ରତ୍ ଇବ୍‌ନେ ମସ୍‌ଉଦ୍ ଗଲେ ଓ ଯାଇ ଦେଖିଲେ ଯେ ତାକୁ ଅଫ୍‌ରାଆଙ୍କ ଦୁଇ ପୁତ୍ର ମୁଆଜ ଏବଂ ମୁଅୱିଜ୍ ତରବାରୀ ଦ୍ୱାରା ମାରିଛନ୍ତି ଫଳତଃ ସେ ମୃତ୍ୟୁର ନିକଟତର ହୋଇସାରିଛି । ହଜ୍‌ରତ୍ ଇବ୍‌ନେ ମସ୍‌ଉଦ୍ କହିଲେ କଣ ତୁମେ ଅବୁ ଜହଲ୍ ? ହଜ୍‌ରତ୍ ଇବ୍‌ନେ ମସ୍‌ଉଦ କହୁଛନ୍ତି ସେ ଅବୁ ଜହଲ୍‌ର ଦାଢ଼ିକୁ ଧରିଲେ । ଏଥିରେ ଅବୁ ଜହଲ୍ କହିବାକୁ ଲାଗିଲା କଣ ଆ ଠାରୁ ବଡ଼ ଆଉ କିଏ ଅଛି ଯାହାଙ୍କୁ ତୁମେ ମାରିଥିବ ବା ଏକଥା କହିଲେ କି ଏହି ବ୍ୟକ୍ତିଠାରୁ ବଳି ଏପରି କିଏ ଅଛି ଯାହାକୁ ତା କୌମ୍ ମାରିଥିବ ?

***(ସହ୍‌ହି ବୁଖାରୀ, କିତାବୁଲ୍ ମମାଜି, ବାଦ୍ କତଲ୍ ଅବୁ ଜହଲ୍ ହଦିସ ୩୯୬୨)***

ଉପରୋକ୍ତ ଦୁଇଟି ଯାକ ରିୱାୟତ ବୁଖାରୀ ହଦିସ୍‌ରେ ଆସିଛି । ଦୁଇଟି ନାମ ମୁଆଜଙ୍କର ଆସିଛି ଓ ଗୋଟିଏ ସ୍ଥାନରେ ମୁଆଜ୍ ଏବଂ ମୁଆୱିଜ (ଦୁଇଟି ଅଲଗା ଅଲଗା) ନାମ ଆସିଛି । ଗୋଟିଏ ସ୍ଥାନରେ ଦୁଇଜଣଙ୍କ ବାପା ଅଲଗା ବର୍ଣ୍ଣନା ହୋଇଛି । ଆଉ ଗୋଟିଏ ସ୍ଥାନରେ ଗୋଟିଏ ବାପାର ଦୁଇ ଜଣ ପୁତ୍ର ରୂପେ ବର୍ଣ୍ଣିତ ଅଛି ।

ହଜ୍‌ରତ୍ ସୟଦ୍ ଜଇନୁଲ୍ ଆବେଦୀନ୍ ୱଲିଉଲ୍ଲାଃ ଶାହ୍ ସାହେବ ର:ଅ ଅବୁ ଜହଲ୍ ହତ୍ୟାକାରୀଙ୍କ ସମ୍ବନ୍ଧରେ ଅର୍ଥାତ୍ କିଏ ପ୍ରକୃତରେ ତାକୁ ମାରିଛନ୍ତି, କିପରି ଏହାର ସ୍ୱଷ୍ଟିକରଣ ହେବ ? ଏହା ବର୍ଣ୍ଣନା କରି ସେ ଲେଖୁଛନ୍ତି ଯେ ''କିଛି ରିୱାୟତରେ ଆସିଛି ଯେ ଅଫ୍‌ରାଆଙ୍କ ଦୁଇଜଣ ପୁତ୍ର (ମୁଆଜ ଏବଂ ମୁଅୱିଜ) ଅବୁ ଜହଲ୍‌କୁ ମୃତ୍ୟୁର ନିକଟତମ ଅବସ୍ଥାରେ ପହଂଚାଇ ଦେଇଥିଲେ । ତା'ପରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ତା'ର ମୁଣ୍ଡକୁ ଗଣ୍ଡିରୁ ଅଲଗା କରିଦେଇଥିଲେ । ଇମାମ୍ ଇବ୍‌ନେ ହଜର୍ ଏ କଥା ହୋଇଥିାର ପରିପ୍ରକାଶ କରିଛନ୍ତି ଯେ ମୁଆଜ୍ ବିନ୍ ଅମ୍‌ରୋ ର:ଅ ଏବଂ ମୁଆଜ୍ ବିନ୍ ଅଫ୍‌ରାଆ ର:ଅ ଙ୍କ ଆକ୍ରମଣ ପରେ ମୁଅୱିଜ ବିନ୍ ଅଫ୍‌ରାଆ ମଧ୍ୟ ତା' ଉପରେ (ଅର୍ଥାତ୍ ଅବୁ ଜହଲ ଉପରେ) ଆକ୍ରମଣ କରିଥିବେ ।''

***(ସହ୍‌ହି ବୁଖାରୀ, ଖଣ୍ଡ-୫, ପୃ-୪୯୧ ହାଶିୟାଃ, ଉର୍ଦ୍ଦୁ ଅନୁବାଦ, ନଜାରତ୍ ଇଶାଅତ୍ ରବ୍‌ୱା)***

ସେଥିପାଇଁ ପ୍ରଥମ ଦୁଇଟି ରିୱାୟତ୍‌ରେ ଏହି ଦୁଇଭାଇଙ୍କର କଥା ମଧ୍ୟ ଉଲ୍ଲେଖ ଅଛି । ଅନ୍ୟ ଏକ ରିୱାୟତ୍‌ରେ ଦୁଇଜଣ ଅଲଗା ଅଲଗା ଲୋକଙ୍କ ବିଷୟ ଉଲ୍ଲେଖ ଅଛି । ଶରହ୍ ଫତହୁଲ୍ ବାରି ରେ ଉଲ୍ଲେଖ ଅଛି ଯେ ହୋଇପାରେ ଏହି ତିନିଜଣଯାକ ହୋଇଥିବେ । ଅଲ୍ଲାମାଃ ବଦ୍‌ରୁଦ୍ଦିନ୍ ଆଇନି ଅବୁ ଜହଲଙ୍କ ହତ୍ୟାକାରୀମାନଙ୍କ ସମ୍ବନ୍ଧରେ କହୁଛନ୍ତି କି ଅବୁ ଜହଲ୍‌ଙ୍କୁ ମୁଆଜ୍ ବିନ୍ ଅମ୍‌ରୋ ବିନ୍ ଯମୁହ୍ ର:ଅ ଏବଂ ମୁଆଜ୍ ବିନ୍ ଅଫ୍‌ରାଆ ର:ଅ ଏବଂ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ହତ୍ୟା କରିଛନ୍ତି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ତା' ମୁଣ୍ଡ କାଟିଥିଲେ ଓ ତାକୁ ନେଇ ନବି କରିମ୍ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ ।

***(ଉମ୍‌ଦତୁଲ୍ କାରୀ, ଖଣ୍ଡ- ୧୭, ପୃ-୧୨୦......ବେରୁତ ୨୦୦୩)***

(ଅଲ୍ଲାମାଃ ବଦରଦ୍ଦିନ୍ ଅଇନି ପୁଣି ଲେଖୁଛନ୍ତି କି ସହ୍‌ହି ମୁସ୍‌ଲିମ୍‌ରେ ବର୍ଣ୍ଣିତ ଅଛି ଯେ, ଯେଉଁ ଦୁଇଜଣ ଅବୁ ଜହଲ୍‌ଙ୍କୁ ହତ୍ୟା କରିଥିଲେ ସେ ହେଉଛନ୍ତି ମୁଆଜ୍ ବିନ୍ ଉମ୍‌ରୋ ବିନ୍ ଯମୁହ୍ ର:ଅ ଏବଂ ମୁଆଜ୍ ବିନ୍ ଅଫ୍‌ରାଆ ର:ଅ । ମୁଆଜ୍ ବିନ୍ ଅଫ୍‌ରାଆ ର:ଅଙ୍କ ବାପାଙ୍କ ନାମ ହାରିସ୍ ବିନ୍ ରିଫାଆ ଥିଲା ଓ ତାଙ୍କ ମା'ଙ୍କ ନାମ ଅଫ୍‌ରାଆ ଥିଲା ଯିଏ ଉବୈଦ୍ ବିନ୍ ସାଲବାଃ ନଜାରିୟାଙ୍କ ଝିଅ ଥିଲେ । ସେହିପରି ବୁଖାରୀରେ କିତାବୁଲ୍ ଯିହାଦ୍‌ର ବାବ୍ ମଲଲମ୍ ୟଖମିସିଲ୍ ଅସ୍‌ଲାବ୍‌ରେ ଉଲ୍ଲେଖ ରହିଛି ଯେ ହଜ୍‌ରତ୍ ମୁଆଜ୍ ବିନ୍ ଉମ୍‌ରୋ ଅବୁ ଜହଲ୍‌ର ଗୋଡ଼ କାଟିଥିଲେ ଓ ତଳେ ପକାଇ ଦେଇଥିଲେ । ପୁଣି ମୁଅୱିଜ ବିନ୍ ଅଫ୍‌ରାଆ ତାକୁ ମାରିଲେ ଓ ତାକୁ ଭୁଇଁରେ ଲୋଟାଇ ଦେଲେ । ପୁଣି ତାକୁ ଛାଡ଼ିଦେଲେ ଯେବେ କି ତା'ଠାରେ ଏବେ ଜୀବନ ବାକି ଥିଲା । ପୁଣି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ତା'ଉପରେ ଆକ୍ରମଣ କରି ତା'ମୁଣ୍ଡକୁ ଗଣ୍ଡିରୁ ଅଲଗା କରିଦେଲେ । ପୁଣି ସେ ଲେଖୁଛନ୍ତି କି ଯଦି ତୁମେ କୁହ ଯେ ଏହି ସମସ୍ତ କଥାକୁ ଏପରି ଏକାଠି ବର୍ଣ୍ଣନା କରାଯିବାର କଣ ଆବଶ୍ୟକ ଅଛି । ମୁଁ ଏହାର ଉତରରେ ଏତିକି କହିବି ଯେ ବୋଧହୁଏ ଅବୁ ଜହଲ୍‌ର ହତ୍ୟା ସେହି ସମସ୍ତ ଲୋକମାନଙ୍କର କାର୍ଯ୍ୟ ଥିଲା, ସେଥିଯୋଗୁଁ ଏକାଠି କରାଯାଇଛି ।

***(ଉମ୍‌ଦତୁଲ୍ କାରୀ, ଖଣ୍ଡ-୧୭, ପୃ-୧୨୧ ରୁ ୧୨୨, ହଦିସ୍ ୩୯୬୨.... ବେରୁତ ୨୦୦୩)***

ଜରକାନୀର ଗୋଟିଏ ରିୱାୟତ୍ ମୁତାବକ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ଯେବେ ଅବୁ ଜହଲ୍‌କୁ ଦେଖିଲେ, ସେ ତାକୁ ଏପରି ଅବସ୍ଥାରେ ଦେଖିଲେ କି ସେ ତାର ଶେଷ ନିଶ୍ୱାସ ଛାଡୁଥିଲା । ଏଥିରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ନିଜର ଗୋଡ଼କୁ ଅବୁ ଜହଲ୍‌ର ବେକ ଉପରେ ରଖି କହିଲେ ହେ ଅଲ୍ଲାଃଙ୍କ ଶତ୍ରୁ ! ଅଲ୍ଲା ତୁମର ତିରସ୍କାର କରିଛନ୍ତି । ଏଥିରେ ଅବୁ ଜହଲ୍ ଅତ୍ୟନ୍ତ ଅହଂଙ୍କାରୀ ସ୍ୱଭାବ ଦେଖାଇ କହିଲା ମୁଁ ତ କିଛି ଲଜ୍ଜିତ / ତିରସ୍କାର ହୋଇନାହିଁ । ତୁମେ କଣ ମୋଠାରୁ ଅଧିକା ସମ୍ମାନିତ ବ୍ୟକ୍ତିକୁ ହତ୍ୟା କରିଛ କି ? ଅର୍ଥାତ୍ ମତେ ତ ଏଥିରେ କୌଣସି ଅପମାନ ବୋଧ ହେଉନାହିଁ । ପୁଣି ଅବୁ ଜହଲ୍ ମତେ ପଚାରିଲେ କି ମତେ କୁହ କି ରଣ କ୍ଷେତ୍ରରେ କିଏ ବାଜି ମାରିଲା । ସଫଳତା ଓ ବିଜୟ କିଏ ଲାଭ କଲା ? ଏଥିରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ଉତର ଦେଲେ ଯେ ଅଲ୍ଲାଃ ଓ ତାହାଙ୍କ ରସୁଲର ବିଜୟ ହେଲା ।

ଆଉ ଗୋଟିଏ ରିୱାୟତ୍‌ରେ ଏପରି ମଧ୍ୟ ଅଛି କି ଅବୁ ଜହଲ୍ କହିଲା ଯେ ତାଙ୍କୁ ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏକଥା ମଧ୍ୟ କହିବ ଯେ ମୁଁ ସାରା ଜୀବନ ତାର ଶତ୍ରୁ ହୋଇ ରହିଲି ଓ ଆଜି ଏ ସମୟରେ ମଧ୍ୟ ମୁଁ ଶତ୍ରୁତାର ଶେଷ ସୀମାରେ ଅଛି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ଅବୁ ଜହଲ୍‌ର ମୁଣ୍ଡ କାଟିଲେ ଓ ସେହି କଟା ମୁଣ୍ଡକୁ ନେଇ ଯେବେ ଆଁ ହଜ୍‌ରତ୍ ସ:ଆସଙ୍କ ଗୋଚରେ ଉପସ୍ଥିତ ହେଲେ, ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେପରି ମୁଁ ଅଲ୍ଲାଃଙ୍କ ନିକଟରେ ବାକି ସମସ୍ତ ସମ୍ପ୍ରଦାୟମାନଙ୍କ ଅପେକ୍ଷା ଅଧିକା ସମ୍ମାନସ୍ପ ଓ ମାନନୀୟ ସେହିପରି ଏହି ସମ୍ପ୍ରଦାୟର ଫିରୋନ୍ (Firon) ବାକି ସମସ୍ତ ଫିରୋନମାନଙ୍କ ଅପେକ୍ଷା ଅଧିକା କଠୋର ଓ ଭୟଙ୍କର । ଏହାର କାରଣ ହେଉଛି ଏହା କି ***ହତ୍‌ତା ଇଜା ଅଦ୍‌ରକହୁଲ୍ ଗରକୁ କାଲା ଆମନ୍‌ତୁ ଅନ୍ନହୁ ଲା ଇଲାହା ଇଲ୍ଲଲ୍‌ଲହି ଆମନତ୍ ବିହି ବନୁ ଇସ୍‌ରାଇଲା (ୟୁନୁସ୍ : ୯୧)*** ପବିତ୍ର କୋରାନ୍‌ର ସୁରଃ ୟୁନୁସ୍‌ରେ ଆସିଛି ଯେ ଯେବେ ସେ ଜଗମଗ୍ନତାର ଶିକାର ହେଲା । ସେତେବେଳେ ସେ କହିଲା ମୁଁ ଇମାନ୍ (ଅର୍ଥାତ୍ ବିଶ୍ୱାସ) ଆଣୁଅଛି ଯେ କେହି ମାବୁଦ୍ (ଅର୍ଥାତ୍ ଉପାସନାର ଅଧିକାରୀ) ନୁହନ୍ତି କିନ୍ତୁ ସେ ଯାହାଙ୍କ ଉପରେ ବନି ଇସ୍‌ରାଇଲ୍ ଇମାନ୍ ଆଣିଛି । ଯେବେ କି ଏ ସମ୍ପ୍ରଦାୟର ଶତ୍ରୁ ଓ ଫିରୋନ୍ କୁଫ୍‌ର୍ (ଅର୍ଥାତ୍ ଅମାନ୍ୟକାରୀ)ରେ ବହୁତ ଅଧିକା । ଯେପରି ଅବୁ ଜହଲ୍‌ର କଥାରୁ ମଧ୍ୟ ସ୍ୱଷ୍ଟ ହେଉଅଛି । ଏତବ ବ୍ୟତିତ ରିୱାୟତ୍‌ରେ ଏ କଥା ମଧ୍ୟ ମିଳୁଛି ଯେ ଅବୁ ଜହଲ୍ ର ମୃତ୍ୟୁ ଖବର ମିଳିଲାକ୍ଷଣି ଆଁ ହଜ୍‌ରତ୍ ସ:ଆ:ସ ଅବୁ ଜହଲ୍‌ର ମୁଣ୍ଡକୁ ଦେଖି କହିଲେ ***ଅଲ୍ଲାହୁଲ୍ ଲଜି ଲ ଇଲାହା ଇଲ୍ଲାହୁ*** ଅର୍ଥାତ୍ ଅଲ୍ଲାଃଙ୍କ ବ୍ୟତିତ ଆଉ କେହି ମାବୁଦ୍ (ଅର୍ଥାତ୍ ଉପାସନାର ଅଧିକାରୀ) ନୁହନ୍ତି । ସେହିପରି ଆଁ ହଜ୍‌ରତ୍ ସ:ଆ:ସ ତିନିଥର ଏହା କହିଲେ ***ଅଲ୍‌ହମ୍‌ଦୋ ଲିଲ୍ଲାହିଲ୍ ଲଜି ଆଅଜଲ୍ ଇସ୍‌ଲାମା ୱ ଅହ୍‌ଲହୁ*** ଅର୍ଥାତ୍ ସମସ୍ତ ପ୍ରଶଂସାର ପାତ୍ର ହେଉଛନ୍ତି ଅଲ୍ଲାଃ ଯିଏ ଇସ୍‌ଲାମ୍ ଓ ତା' ମାନ୍ୟକାରୀମାନଙ୍କୁ ସମ୍ମାନ ଦେଲେ । ସେହିପରି ଏ କଥା ମଧ୍ୟ ମୁଳୁଛି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ନିଶ୍ଚିତ ରୂପେ ପ୍ରତ୍ୟେକ ସମ୍ପ୍ରଦାୟରେ ଜଣେ ଫିରୋନ୍ ଥାଏ, ଏ ସମ୍ପ୍ରଦାୟ ଫିରୋନ୍ ଅବୁ ଜହଲ୍ ଥିଲା ଯାହାକୁ ଅଲ୍ଲାଃତାଲା ବହୁତ ଖରାପ୍ ଶୈଳୀରେ ହତ୍ୟା କରାଇଲେ ।

***(ଶରହ୍ ଜର୍‌କାନୀ.....ଖଣ୍ଡ-୨, ପୃ-୨୯୭ ରୁ ୨୯୮ ଦାରୁଲ୍ କୁତୁବୁଲ୍***

***ଇଲ୍‌ମିୟା ବେରୁତ ୧୯୯୬)***

ହଜ୍‌ରତ୍ ମୁଆଜ୍ ବିନ୍ ଅମ୍‌ରୋ ବିନ୍ ଯମୁହଙ୍କ ଦେହାନ୍ତ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସମୟରେ ଅର୍ଥାତ ଖିଲାଫତ ସମୟରେ ହୋଇଥିଲା । ***(ଅଲ୍‌ଅସାବାଃ ଫିତମିଜିସ୍ ସାହାବାଃ ଖଣ୍ଡ-୬, ପୃ-୧୧୪, ମୁଆଜ୍ ବିନ୍ ଅମ୍‌ରୋ ବିନ୍ ଯମୁହ୍......୧୯୯୫)***

ଖଲିଫା ବିନ୍ ଖୟାତ୍ ବର୍ଣ୍ଣନା କରୁଛନ୍ତି ଯେ ମୁଆଜ୍ ବିନ୍ ଅମ୍‌ରୋ ବିନ୍ ଯମୁହଙ୍କୁ ବଦର ଯୁଦ୍ଧ ଦିନ ଗୋଟିଏ ଆଘାତ ଲାଗିଥିଲା । ତା'ପରେ ସେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଯୁଗ ପର୍ଯ୍ୟନ୍ତ ବେମରେ ରହିଲେ । ପୁଣି ମଦିନାରେ ମୃତ୍ୟୁ ବରଣ କଲେ । ହଜ୍‌ରତ୍ ଉସ୍‌ମାନ ର:ଅ ତାଙ୍କର ଯନାଜାଃ ପଢ଼ାଇଲେ ଓ ସେ ଯନ୍ନତୁଲ୍ ବକି କବ୍ରିସ୍ଥାନରେ ଦଫନ୍ ହେଲେ । ହଜ୍‌ରତ୍ ଅବୁ ହୁରୈରାଃଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ ମୁଆଜ୍ ବିନ୍ ଅମ୍‌ରୋ ବିନ୍ ଯମୁହ ର:ଅ କେଡ଼େ ଭଦ୍ର/ ଭଲ ଲୋକ । ***(ଅଲ୍‌ମୁସ୍ ତଦ୍‌ରକ୍......ଖଣ୍ଡ-୪, ପୃ-୧୪୦ ରୁ ୧୪୧,.... ହଦିସ୍ ୫୮୯୫-୫୮୯୭.... ବେରୁତ ୨୦୦୨)***

ଅଲ୍ଲାଃ ତାଲା ଅସୁମାରୀ କରୁଣା ଅବତୀର୍ଣ୍ଣ କରନ୍ତୁ ସେହି ସବୁ ଲୋକମାନଙ୍କ ଉପରେ ଯେଉଁମାନେ ଅଲ୍ଲାଃ ତାଲା ଓ ତା'ର ପ୍ରୀୟ (ମୁହମ୍ମଦ) ସ:ଆ:ସ ପ୍ରେମରେ ବିହୋଳ ହୋଇ ତାହାଙ୍କ ପ୍ରସନ୍ନତା ହାସଲ କଲେ ।

ନମାଜ ପରେ ମୁଁ ଏକ ଯନାଜାଃ ଗାଏବ୍ ମଧ ପଢ଼ାଇବି । ତାହା ହେଉଛି ମୁକରମ୍ ମଲକ୍ ସୁଲ୍‌ତାନ୍ ହାରୁନ୍ ଖାନ୍ ସାହେବଙ୍କର । ଯାହାଙ୍କ ଦେହାନ୍ତ ୨୭ ମାର୍ଚ୍ଚ ଦିନ ଇସ୍‌ଲାମାବାଦ୍‌ଠାରେ ହେଲା । ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।*** ତାଙ୍କ ବଡ଼ପୁଅ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃଙ୍କ ଜ୍ୱାଇଁ (ଜାମାତା) ଅଟନ୍ତି । ତାଙ୍କ ସାନ ଝିଅଙ୍କୁ ବିବାହ କରିଛନ୍ତି । ମଲକ୍ ସୁଲ୍‌ତାନ୍ ହାରୁନ୍ ସାହେବ୍ ଜନ୍ମଗତ ଅହେମଦୀ ଥିଲେ ତାଙ୍କ ବାପାଙ୍କ ନାମ କର୍ଣ୍ଣେଲ ମଲକ୍ ସୁଲ୍‌ତାନ୍ ମୁହମ୍ମଦ ଖାନ୍ ଥିଲା ଯିଏ ୨୩ ବର୍ଷ ବୟସରେ ୧୯୨୩ ମସିହାରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ହାତରେ ବୟତ କରିଥିଲେ । ନିଜ କୁଟୁମ୍ବରେ ଏକାକୀ ଅହେମଦୀ ଥିଲେ । ପୁଣି ତାଙ୍କ ବିବାହ ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅ ହିଁ ମୋହ୍‌ତରମା ଆଇଶାଃ ସିଦିକା ସାହିବା ସୁପୁତ୍ରୀ ଚୌଧୁରୀ ଫତହ୍ ମୁହମ୍ମଦ ସାହେବ ସିଆଲ୍‌ଙ୍କ ସହିତ କରାଇଲେ । ତାଙ୍କର ଖାନ୍‌ଦାନ ପଞ୍ଜାବର ସମ୍ମାନୀୟ ଖାନ୍‌ଦାନମାନଙ୍କ ମଧରୁ ଗୋଟିଏ ଥିଲା ଓ ବଡ଼ ନୱାବ୍ ଖାନ୍‌ଦାନ ଥିଲା । ମଲକ୍ ଅମୀର୍ ମୁହମ୍ମଦ୍ ଖାନ୍ ଯିଏ ପଶ୍ଚିମ ପାକିସ୍ଥାନ୍‌ର ଗଭର୍ନର ରହିଛନ୍ତି, ସେ ନୱାବ କାଲାବାଗ୍ ନାମରେ ପ୍ରସିଦ୍ଧ ଥିଲେ । ସେ ତାଙ୍କ ବାପା କର୍ଣ୍ଣେଲ୍ ମଲକ୍ ସୁଲ୍‌ତାନ୍ ମୁହମ୍ମଦ୍ ସାହେବ୍‌ଙ୍କ ଚାରୁପୁଅ ଭାଇଥିଲେ । ତାଙ୍କ ଦାଦା (ଜେଜେ)ଙ୍କ ନାମ ମଲକ ସୁଲ୍‌ତାନ ସର୍‌ଖରୁ ଖାନ୍ ଥିଲା । ସେହି ଦିନ ଗୁଡ଼ିକରେ ବ୍ରିଟେନ୍‌ର ରାଜତ୍ୱ ଥିଲା ଯେବେ ଇଣ୍ଡିଆ ଓ ପାକିସ୍ତାନୀ କଲୋନୀ ଥିଲା । ତାଙ୍କ ନୱାବ ପଣିଆ ଯୋଗୁଁ ରାଜାଙ୍କ ନିକଟରେ ତାଙ୍କର ମଧ ଏକ ସ୍ଥାନ ଥିଲା । ତାଙ୍କୁ ତାଙ୍କର ପୁତ୍ର ମଲକ୍ ସୁଲ୍‌ତାନ୍ ମୁହମ୍ମଦ୍ ଖାନ୍ ସାହେବ୍‌ଙ୍କ ଚାରିବର୍ଷ ପରେ ଅହେମଦୀୟତ୍ ଗ୍ରହ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ସାଂସାରିକ ଲୋକ ଥିବା ସ୍ୱତ୍ତ୍ୱେ ତାଙ୍କ ନିକଟରେ ପୂଣ୍ୟ ଥିଲା, ଧର୍ମପ୍ରତି ଆଗ୍ରହର ପ୍ରକୃତି ଥିଲା । ଅଲ୍ଲାଃ ତାଲା ଏହି ପୂଣ୍ୟ ଯୋଗୁଁ ତାଙ୍କୁ ଅହେମଦୀୟତ୍ ଗ୍ରହଣ କରିବା ପାଇଇ ଶକ୍ତି ପ୍ରଦାନ କଲେ ।

ସୁଲ୍‌ତାନ ହାରୁନ୍ ଖାନ୍ ସାହେବଙ୍କ ବିବାହ ସବିହା ହମିଦ୍ ସାହିଦା ସୁପୁତ୍ରୀ ଚୌଧୁରୀ ଅବ୍‌ଦୁଲ୍ ହମିଦ୍ ସାହେବ ଯିଏ ୱପଢ଼ାଠାରେ ଜି.ଏମ୍ ଥିଲେ, ତାଙ୍କ ଝିଅଙ୍କ ସହିତ ହୋଇଛି । ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ତାଙ୍କ ନିକାହ୍ ପଢ଼ାଇଥିଲେ ଏବଂ ଖଲିଫତୁଲ୍ ମସିହ୍ ସାଲିସ୍ ଏହା ମଧ କହିଥିଲେ ଯେ ଚୌଧୁରୀ ଫତହ୍ ମୁହମ୍ମଦ୍ ସାହେବ ସିଆନ୍ ର:ଅ ଯିଏ ଇଂଲଣ୍ଡସ୍ଥିତ ମିଶନ୍‌ର ପ୍ରତିଷ୍ଠାତା ଥିଲେ, ପ୍ରଥମ ମୁବଲିଗ ଥିଲେ, ତାଙ୍କ ସମ୍ବନ୍ଧରେ ନିକାହ୍ ସମୟରେ ଏହା ମଧ କହିଲେ ଯେ, ଚୌଧୁରୀ ଅବ୍‌ଦୁଲ୍ ହମିଦ୍ ସାହେବ ସିଆନ୍ ର:ଅ ମୋର ସମ୍ମାନୀୟ ବୁଜୁରୁଗ୍ ଥିଲେ ଏବଂ ତାଙ୍କର ମୋ ଉପରେ ବହୁତ ଅନୁଗ୍ରହ ଥିଲା । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ କହିଲେ ଯେ, ମୋତେ ମୋ କମ୍ ବୟସରେ ଅର୍ଥାତ୍ କିଛି ଅନୁଭୁତି ନ ଥିବା ବୟସରେ ସେ ତାଙ୍କ ସହିତ ମୋତେ ନେଇ ଯାଇ ମୋ ପାଇଁ ବଡ଼ ବଡ଼ ଅନୁଭୁତିର ଅବସର ସୃଷ୍ଟି କରିଛନ୍ତି । ଏବଂ ଗାଁ ଗହଳିରେ ରହୁଥିବା ଲୋକମାନଙ୍କ ପାଇଁ ମୋ ମନ ଭିତରେ ଯେଉଁ ଲୁକ୍‌କାୟିତ ସଂମ୍ପର୍କ ଥିଲା ସେହି ସମ୍ପର୍କକୁ ପରିପ୍ରକାଶ କରିବାର ମୌକା ମଧ ମୋତେ ଚୌଧୁରୀ ଫତହ୍ ମୁହମ୍ମଦ ସାହେବ ସିଆନ୍‌ଙ୍କ ସହିତ ରହିବା ଯୋଗୁଁ ମିଳିଲା । ଏ କଥା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ ର:ଅ କହୁଛନ୍ତି । ସେ ପୁଣି କହୁଛନ୍ତି ଯେ, ଏବେ ମଧ ମୁଁ ଜଣେ ସାଧାସିଧା ଗାଁଉଲି ଲୋକ ସହିତ ସାକ୍ଷାତ କରିଥାଏ, ତାଙ୍କ ସହିତ ଖୋଲାଖୋଲି ଭାବେ କଥା କହିବା ଦ୍ୱାରା ମୁଁ ଖୁସି ଅନୁଭବ କରିଥାଏ । ସେହି ଖୁସି ମୁଁ ଜଣେ ସହରୀ ଲୋକଙ୍କ ସହିତ ସାକ୍ଷାତ କରିବା ବେଳେ ଅନୁଭବ କରିନଥାଏ । କାରଣ ସହରୀ ଲୋକମାନେ ବହୁତ ଦେଖାଣିଆ ଭାବ ଦେଖାଇଥାନ୍ତି । ସେଥିଯୋଗୁଁ ତାଙ୍କ ସହିତ ସାକ୍ଷାତ କରିବା ସମୟରେ ଆମେ ବିନା ବୁଝାସୁଝାରେ ଦେଖାଣିଆ ଭାବ ଆରମ୍ଭ କରିଦେଇଥାଉ । ପୁଣି କହୁଛନ୍ତି କି, ଆଜି ମୋର ସେହି ମୁହସିନ୍ ବୁଜୁରୁଗ (ପ୍ରୀୟତମ ବ୍ୟୟଜ୍ୟୋଷ୍ଠ ବ୍ୟକ୍ତି)ଙ୍କ ନାତି ମଲକ୍ ସୁଲତାନ୍ ହାରୁନ୍ ଖାନ୍ ସୁପୁତ୍ର କର୍ଣ୍ଣେଲ୍ ସୁଲତାନ୍ ମୁହମ୍ମଦ ଖାନ୍‌ଙ୍କ ବିବାହ ଏବଂ ନିକାହ୍ ଅଛି ମୁଁ ତାହାକୁ ଘୋଷଣା କରିବି । ଏବଂ ପୁଣି କହିଲେ ଯେ, ବନ୍ଧୁ ପ୍ରାର୍ଥନା କରନ୍ତୁ ଯେ ଯେଉଁ ଭଳି ଆମର ବୁଜୁର୍ଗ ବ୍ୟକ୍ତିମାନେ ନିଃସ୍ୱାର୍ଥପରଭାବେ ଅଲ୍ଲାଃଙ୍କ ଧର୍ମର ସେବା କରିଛନ୍ତି ସେହି ସେବା ମନୋଭାବ ଓ ସେହି କୁରର୍ବାନୀ ମନୋଭାବ ସେମାନଙ୍କ ବଂଶରେ ମଧ କାୟମ ରହୁ ଏବଂ ବହୁତ ସ୍ୱଷ୍ଟରୂପେ କାୟମ ରହୁ ।

***(ଖୁତ୍‌ବାତେ ନାଶିର୍ ଖଣ୍ଡ-୧୦, ପୃ-୪୩୭ ରୁ ୪୪୦)***

(ହଜୁର ଅନୱର ଅ:ବ:ଅ କହୁଛନ୍ତି) ଅଲ୍ଲାଃ ତାଲା କରନ୍ତୁ ଯେ, ମଲକ୍ ହାରୁନ୍ ସାହେବ ମର୍‌ହୁମ୍‌ଙ୍କ ସନ୍ତାନମାନେ ମଧ ଅହେମଦୀୟତ୍ ଏବଂ ଖିଲାଫତ୍ ସହିତ ସେହି ସମ୍ପର୍କକୁ ନା' କେବଳ କାୟମ ରଖନ୍ତୁ ବରଂ ସୁଦୃଢ଼ ରଖନ୍ତୁ । ତାଙ୍କର ତିନିଜଣ ପୁତ୍ର ଓ ତିନିଜଣ ପୁତ୍ରୀ ଅଛନ୍ତି ଯେପରି କି ମୁଁ କହିସାରିଛି ଯେ, ତାଙ୍କର ଜଣେ ପୁତ୍ର ସୁଲ୍‌ତାନ ମୁହମ୍ମଦ ଖାନ୍ ସାହେବ ହଜ୍‌ରତ୍ ଖଲିଫତୁଲ ମସିହ ରାବେଙ୍କ ଜାମାତା ଅଟନ୍ତି ।

ସେ ଇଲାକାର ଗରୀବ ଲୋକମାନଙ୍କର ଓ ବିଶେଷ ରୂପେ ଅସହାୟ ମହିଳାମାନଙ୍କର ବହୁତ ସେବା କରୁଥିଲେ ସେମାନଙ୍କ ସହିତ ବହୁତ ବଦାନ୍ୟତାର ବ୍ୟବହାର କରୁଥିଲେ । ମହିଳାମାନେ ଏ କଥା ବର୍ଣ୍ଣନା କରିଛନ୍ତି ଯେ, ମଲକ୍ ସାହେବଙ୍କ ଜୀବନରେ ଆମେ ନିଜକୁ ସୁରକ୍ଷିତ ମଣୁଥିଲୁ ଓ ଏବେ ତାଙ୍କ ଦେହାନ୍ତ ପରେ ଆମକୁ ଭୟ ଅନୁଭବ ହେଉଅଛି । ଅଟକ ଇଲାକାରେ ବହୁତ ଶତ୍ରୁ ମଧ ଅଛନ୍ତି ସେହିପରି କଠୋର ହୃଦୟ ରଖିଥିବା ଲୋକମାନେ ସେଠାରେ ବହୁମାତ୍ରାରେ ଅଛନ୍ତି ଏବଂ ଗରୀବ ଲୋକମାନଙ୍କୁ କୌଣସି ହକ୍ ସେଠାରେ ଦିଆଯାଏ ନାହିଁ କିନ୍ତୁ ଏହା ସତ୍ତ୍ୱେ ମଧ ମଲକ୍ ସାହେବ ସେ ଇଲାକାର ଜମିଦାର ଓ ସମ୍ମାନୀୟ ବ୍ୟକ୍ତି ଥିଲେ, ଗରୀବ ଲୋକମାନଙ୍କର ବହୁତ ସେବା କରୁଥିଲେ ।

ତାଙ୍କ ଭଉଣୀ ରାଶଦାଃ ସିଆଲ୍ ସାହିବା, ଯିଏ କାନ୍ନାଡ଼ାରେ ଅଛନ୍ତି, ସେ କହୁଛନ୍ତି ଯେ, ସୁଲ୍‌ତାନ ହାରୁନ୍ ଖାନ୍ ମୋ ଭାଇ ବହୁତ ସୁଗୁଣର ଅଧିକାରି ଥିଲେ ଅହେମଦୀୟତ୍ ପାଇଁ ବହୁତ ଦରଦ ରଖୁଥିଲେ, ଖିଲାଫତ ନିମନ୍ତେ ଜୀବନ ଉତ୍ସଗ କରିବାବାଲା ସାଙ୍ଗସାଥି ମାନଙ୍କର ଉତମ ବନ୍ଧୁ ଏବଂ ଶତ୍ରୁଙ୍କ ଉପରେ ଭାରି ପଡୁଥିବା, ଗରୀବ ଓ ଦରିଦ୍ର ଲୋକମାନଙ୍କର ସାହାରା ଥିଲେ । ସେ ପୁଣି କହୁଛନ୍ତି ଯେ, ଏକଦା ହଜ୍‌ରତ୍ ଖଲିଫତୁଲ ମସିହ୍ ରାବେ ମୋତେ ଗୋଟିଏ ଚିଠି ଲେଖି କହିଥିଲେ ଯେ, ତୁମ ବାପା(କର୍ଣ୍ଣେଲ ସୁଲ୍‌ତାନ ମୁହମ୍ମଦ ଖାନ୍ ସାହେବ) ଅହେମଦୀୟତ୍ ପାଇଁ ଗୋଟିଏ ଉନ୍‌ମୁକ୍ତ ତରବାରୀ ସଦୃଶ ଥିଲେ । ତୁମ ଭାଇମାନଙ୍କ ନିକଟରେ ମଧ ଏହିପରି ଚରିତ୍ର ପରିଲିକ୍ଷିତ ହେଉଅଛି ।

ହଜ୍‌ରତ୍ ଖଲିଫତୁଲ ମସିହ୍ ସାଲିସ୍ ଏକଦା ତାଙ୍କୁ କହିଥିଲେ ଯେ, ଏହି ଇଲାକାରେ ତାଙ୍କର ବହୁତ ଶତ୍ରୁତା ଥିଲା । ସାଧାରଣତଃ ଏହି ଇଲାକାରେ ଶତ୍ରୁତା କରିବାର ପ୍ରଥା ମଧ ଏପରି ଥିଲା । କିଛି ଶତ୍ରୁତା ତ ଜମିବାଡ଼ି ଯୋଗୁଁ ହୋଇଥାଏ ପୁଣି କିଛି ଶତ୍ରୁତା ଅହେମଦୀୟତ୍ ଯୋଗୁଁ ମଧ ହୋଇଥାଏ । ସୁତରାଂ ଖଲିଫା ସାଲିସ୍ ତାଙ୍କୁ କହିଥିଲେ ଯେ, ଗୁଳି ତ ଆସିବ କିନ୍ତୁ ଉପରେ ଉପରେ ଚାଲିଯିବ । ଇନ୍‌ଶାଅଲ୍ଲାଃ ତୁମକୁ କିଛି ହେବ ନାହିଁ । ସେ ପୁଣି ଲେଖୁଛନ୍ତି ଯେ, ଖଲିଫା ସାଲିସ୍‌ଙ୍କ ଉକ୍ତ କଥନକୁ ପୁରଣ ହେବାର ଆମେ ଦେଖିଅଛୁ । ୧୯୭୭ ମସିହାରେ ଫତହ୍ ଜଙ୍ଗ ପୋଲିସ ଷ୍ଟେସନରେ ଆପଣଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଗଲା । ମଲକ୍ ସୁଲ୍‌ତାନ ହାରୁନ୍‌ଙ୍କ ଉପରେ ଗୋଳି ଚାଲିଲା ଓ ମୁଣ୍ଡର କେଶକୁ ଛୁଇଁଦେଇ ଚାଲିଗଲା । କିନ୍ତୁ ତାଙ୍କଠାରେ ଟିକେ ଦାଗ ମଧ ପଡ଼ିଲା ନାହିଁ । ଅଲ୍ଲାଃ ତାଲା ତାଙ୍କୁ ଚମତ୍କାର ରୂପେ ସୁରକ୍ଷିତ ରଖିଲେ । ଗରୀବ ଓ ଦରିଦ୍ର ଲୋକଙ୍କ ପାଇଁ ବହୁତ ଦାନୀ ଥିଲେ । ସେ ପୁଣି ଲେଖୁଛନ୍ତି: ଦୁର୍ବଳ ଶ୍ରେଣୀର ଲୋକ ଓ ଅସହାୟ ଲୋକମାନଙ୍କ ପାଇଁ ସେ ସାହାରା ଥିଲେ । ତାଙ୍କ ବଡ଼ ଭାଇ ମଏକ ସୁଲ୍‌ତାନ୍ ରଶିଦ୍ ଖାନ୍ ସାହେବ୍ କହୁଛନ୍ତି ଯେ, ଆମ ମର୍‌ହୁମ୍ (ମୃତ) ବାପାଙ୍କ ପରେ ଆମ ଘରର ଅସଲ ସର୍‌ଦାର ସେ ଥିଲେ । ମୋର ସବୁ ପ୍ରକାରର ଚେଷ୍ଟା ସୁଧା ଯେବେ ବି ମଧ ସିଲ୍‌ସିଲାର କୌଣସି କାମ ଥାଏ, ସେ ସର୍ବଦା ମୋ ଠାରୁ ଆଗକୁ ବଢ଼ିଯାଉଥିଲେ । ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଖଲିଫାଗଣ ଓ ସିଲ୍‌ସିଲାର ସଚ୍ଚା ପ୍ରେମୀ ଥିଲେ । ଥରେ ୧୯୭୪ ମସିହାର ଦୁଃଖଦ ଘଟଣା ପରେ ମୋ ସାମନାରେ ଜଣେ ବଡ଼ ଅଫିସର ତାଙ୍କୁ କହିଲେ ଯେ ଆପଣ ଆପଣଙ୍କ ହଜ୍‌ରତ୍ ସାହେବ୍‌ଙ୍କ ଉପରେ କି ପ୍ରକାରର ଇମାନ୍ ରଖିଛନ୍ତି, ଏଥିରେ ସେ ତାଙ୍କୁ ପଞ୍ଜାବ ଭାଷାରେ କହିଲେ 'ଲୋହେ ୱର୍‌ମା' ଅର୍ଥାତ ଖଲିଫତ୍ ଉପରେ ମୋର ଇମାନ୍ ହେଉଛି ଲୁହା ପରି ମଜ୍‌ଭୁତ୍ । ସେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅଙ୍କ ହିଜ୍‌ରତ୍ କରିବା ସମୟରେ କରାଚି ପର୍ଯ୍ୟନ୍ତ ସାଙ୍ଗରେ ଥିଲେ । ତାଙ୍କୁ ସାଙ୍ଗରେ ରହିବା ମଉକା ମିଳିଲା ପୁଣି ରଶିଦ୍ ସାହେବ୍ ଲେଖୁଛନ୍ତି ଯେ ମୋ ନିକଟରେ ଖଲିଫତୁଲ୍ ମସିହ୍ ରାବେଙ୍କର ଯେଉଁ ସବୁ ଚିଠି ସୁରକ୍ଷିତ ରହିଛି, ସେଥିମଧରୁ ଗୋଟିଏ ଚିଠିରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ତାଙ୍କୁ 'ଅହେମଦୀୟତ୍ କା ଜର୍ନିଲ୍' ଓ ଆଉ ଗୋଟିଏ ସ୍ଥାନରେ 'ଅହେମଦୀୟତ୍ କେ ଲିଏ ଇଶ୍‌କ୍ ୱ ଗୈରତ୍ କି ନଙ୍ଗି ତଲ୍‌ୱାର୍' ରୂପେ ଅଭିହିତ କରିଛନ୍ତି । ରାତିରେ ନଫିଲ୍ ପଢ଼ିବା ଓ କୋରାନ୍ ପାଠ କରିବା ସମ୍ବନ୍ଧରେ ରଶିଦ୍ ସାହେବ ଲେଖୁଛନ୍ତି ଯେ ଯଦି ୨୦୧୬ ମସିହାରେ ମୋର ଭିଷଣ ବିମାର ପଡ଼ିବା ସମୟରେ ଆମେ ଦୁଇଜଣ ଗୋଟିଏ କୋଠରୀ ଭିତରେ ଚାରିମାସ ପର୍ଯ୍ୟନ୍ତ ଏକାଠି ରହି ନଥାନ୍ତୁ ତେବେ ବୋଧହୁଏ ମୁ ମଧ ଏକଥା ଜାଣିପାରି ନଥାନ୍ତି । ସେ ସମୟରେ ମୋ ପାଇଁ ତାଙ୍କ ତିଲ୍‌ୱତ୍ ଓ ନଫିଲ୍ ନମାଜ ନିୟମିତ ପାଠ କରିବାର ଦେଖିଛି ଯାହା ଅତ୍ୟନ୍ତ ସମ୍ମାନସ୍ପଦ ଥିଲା । ସେ ପୁଣି କହୁଛନ୍ତି ଯେ ମୁଁ ତାଙ୍କୁ କହିଲି ମୋ ପାଇଁ ମଧ ଜଣେ ଅଧେ ସେବକ (ମୁଲାଜିମ୍) ରଖି ଦିଅନ୍ତୁ । ଆପଣ ଏତେ କଷ୍ଟ କରୁଛନ୍ତି ତେଣୁ ଜଣେ ଭୃତ୍ୟ ରଖି ଦିଅନ୍ତେ ସେ ମୋର ସେବା କରି ଦିଅନ୍ତା ଏଥିରେ ସେ କହିଲେ, ଯଦି ମୁଁ ତୁମ ନିକଟରେ ଉପସ୍ଥିତ ଅଛି ତେବେ ଭୃତ୍ୟର କ'ଣ ଆବଶ୍ୟକ ରହିଛି ।

ପୁଣି ରଶିଦ୍ ସାହେବ୍ ଲେଖୁଛନ୍ତି ଯେ. ସେ ଅତ୍ୟନ୍ତ ଜନମଙ୍ଗଳକାରୀ ବ୍ୟକ୍ତି ବିଶେଷ ଥିଲେ । ନଅ ଦଶଦା ସ୍କୁଲ୍ ନିର୍ମାଣ କରିଛନ୍ତି । ଏପରି ମଧ ହୋଇଛି ଯେ ଯେତେବେଳେ ଆମଦାନୀ ଅଧିକା ନଥାଏ ଫଳତଃ ସ୍କୁଲ୍ ପାଇଁ ଅର୍ଥ ନେଇପାରନ୍ତି ନାହିଁ ସେତେବେଳେ ଥରେ ସେ ନିଜେ ମଜୁରୀଆଙ୍କ ସହିତ ମିଶି ମଜୁରୀ କରିଛନ୍ତି ଓ ମଜୁରୀଆଙ୍କୁ କହିଲେ ଯେ ମୁଁ ତୁମମାନଙ୍କଠାରୁ ଅଧିକା କାମ କରୁଛି । ତାଙ୍କର ଏପରି କୌଣସି ଭାବନା ନଥିଲା ଯେ ମୁଁ କୌଣସି ନୱାବର ପୁଅ ବା ଏ ଇଲାକାର ବଡ଼ ଜମିଦାର ବୋଲି ।

ତାଙ୍କ ଝିଅ ମୁହ୍‌ମୁଦା ସୁଲ୍‌ତାନା କାଶିଫ୍ ଲେଖୁଛନ୍ତି ଯେ ମୋ ଅବୁଜି (ବାପା)ଙ୍କର ଖିଲାଫତ୍ ସହିତ ପ୍ରେମ ଓ ଭକ୍ତିଭାବ ଅଛୁପା / ଲୁଚାଛପା ନୁହେଁ । ବୁଦ୍ଧି ଆସିବା ଦିନରୁ ନିଜ ବାପାଙ୍କଠାରୁ ବସିବା ଉଠିବା ସମୟରେ ଯେଉଁ ଶିକ୍ଷା ମିଳିଥିଲା ତାହା ଏହା ଥିଲା ଯେ ଈଶ୍ୱରଙ୍କ ଉପରେ ସବୟଦା ଭରଷା ରଖିବା ଓ ଜବୀନରେ ସବୁ ମାମଲାରେ ସର୍ବଦା ଦୁଆ (ଅର୍ଥାତ୍ ପ୍ରାର୍ଥନା) ଦ୍ୱାରା କାର୍ଯ୍ୟ ଦେବା । ଦୁଆ ନାହିଁ ତ କିଛି ନାହିଁ । ଖୁଦାତାଲାଙ୍କ ଉପରେ ଅତ୍ୟନ୍ତ ଭରଷା ରଖୁଥିଲେ । ଅତ୍ୟନ୍ତ ସାହସୀ ଓ ବାହାଦୁର ମଣିଷ ଥିଲେ । ଅଲ୍ଲାଃଙ୍କ ବ୍ୟତିତ କାହାକୁ ଭୟ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

## ଶହିଦ୍ ଅଲ୍ଲାଃତାଲାଙ୍କ ନିକଟକୁ ଯାଇଥାଏ ଓ ସେଠାରେ ସ୍ୱାଧୀନ ଭାବରେ ଭ୍ରମଣ କରିଥାଏ ।

ହଜରତ ମୁବଶିର ବିନ୍ ଅବଦୁଲ୍ ମୁନଜିର୍ ର.ଅ... କହିଲେ ମୁଁ ବୈକୁଣ୍ଠରେ ଅଛି । ଏଠାରେ ଆମେ ଯେଉଁ ସ୍ଥାନରେ ଇଚ୍ଛା କରୁ ସେଠାରେ ଖିଆପିଆ କରୁ । ମୁଁ ପୁନଶ୍ଚ ପ୍ରଶ୍ନ କଲି କ'ଣ ଆପଣ ବଦର ଯୁଦ୍ଧରେ ଶହିଦ୍ ହୋଇନଥିଲେ ? ସେ ଉତର ଦେଲେ, ହଁ । କିନ୍ତୁ ମୋତେ ପୁର୍ନଜୀବିତ କରିଦିଆଯାଇଛି । ସେହି ସାହାବି ଉକ୍ତ ସ୍ୱପ୍ନ ହଜୁର ସ.ଅଙ୍କୁ ଶୁଣାଇଲେ, ହଜୁର କହିଲେ ହେ ଜାବର୍ ! ଏହା ହିଁ ଶାଶ୍ୱତମୂଳକ ବୀରଗତି । ଯୁଦ୍ଧ ଓ ଶତ୍ରୁମାନଙ୍କୁ ଧରାସାୟୀ କରିବା ପରେ ସାହାବା ଆନନ୍ଦ ଉଲ୍ଲାସ ନିମନ୍ତେ ପରସ୍ପରକୁ ଚ୍ୟାଲେନଜ୍ ମଧ ଦେଉଥିଲେ ଯଦ୍ୱାରା ସମୟ ଅତିବାହିତ ହୋଇଯିବ ଏବଂ ଶତ୍ରୁପକ୍ଷରୁ ଯେଉଁ ମାନସିକ ଚାପ ରହୁଥିଲା ତାହା ହାଲୁକା ହେବ ।

## ''ହଜୁର ସ.ଅଙ୍କୁ ରକ୍ତପାତ କରିବାର ଆଦୌ ଉଦ୍ଦେଶ୍ୟ ନଥିଲା ।''

ହଜୁର ସ.ଅଙ୍କର ନିଷ୍ପାପର ଓ ବିଶ୍ୱସ୍ତତାର ପ୍ରତିମୂର୍ତୀ ସାହାବି ହଜରତ ହୁସୈନ୍ ବିନ୍ ହାରିସ୍, ହଜରତ ସଫୱାନ୍, ହଜରତ ମୁବଶିର୍ ବିନ୍ ମୁନଜିର୍, ହଜରତ ୱରକା ବିନ୍ ଅୟାସ, ହଜରତ ମୁହରିଜ୍ ବିନ୍ ନଜଲାଃ, ହଜରତ ସୁଐବିତ୍ ବିନ୍ ସାଅଦର ର.ଅଙ୍କର ଉତମ ଚରିତ୍ର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ଅଲ୍ଲାଃତାଲା ଯେତେବେଳେ ନିଜ ଅବତାରଙ୍କୁ ଐଶି ନିର୍ଦ୍ଦେଶ ଦେଇଥାନ୍ତି କି ଏପରି କର ସେତେବେଳେ ତାହାର ଅର୍ଥ ଅଲ୍ଲାଃତାଲା ତାହା ନିମନ୍ତେ ନିଜ ସାହାଯ୍ୟ ସହଯୋଗ ହସ୍ତ ପ୍ରସାରିତ କରିଦେବେ ଏବଂ ସାଧନର ବ୍ୟବସ୍ଥା ମଧ ଉପ୍ଲର୍ଣ୍ଣ କରିଦେବେ ଯଦ୍ୱାରା ଉକ୍ତ ଉଦ୍ଦେଶ୍ୟ ସମ୍ପର୍ଣ୍ଣ ହେବ ଏବଂ ଏହା ଆମର ଅଭିଜ୍ଞତା ରହିଛି ।

ମୋର ଦୃଢ ବିଶ୍ୱାସ ଓ ଅନ୍ୟ କିଛି ପ୍ରମାଣ ମଧ ପ୍ରକାଶ କରୁଅଛି ଯେ, ଚତୁର୍ଥ ଖଲିଫାଙ୍କର ମଧ ଇସଲାମାବାଦ୍‌ରେ ମର୍କଜ୍ କରିବା ଲକ୍ଷ ଥିଲା ।

ଅଲ୍ଲାଃତାଲା ଇସଲାମାବାଦରୁ ଇସଲାମର ପ୍ରଚାର କାର୍ଯ୍ୟକୁ ବିସ୍ତୃତ ଓ ତ୍ୱରାନ୍ୱିତ କରନ୍ତୁ । **ୱସ୍‌ସି ମକାନକା** କେବଳ ଅଟ୍ଟାଳିକାକୁ ବିସ୍ତୃତ କରିବା ମଧରେ ସୀମିର ରହିନଯାଉ ବରଂ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟ ପୂରଣ ହେବାର ମାଧମ ସାଜୁ । ହଜରତ ମସିହ ମଉଦ ଅ.ସଙ୍କ ଐଶିବାଣୀ **ୱସ୍‌ସି ମକାନକା** ଅନ୍ତର୍ଗତ ଜମାଅତ ଅହମଦିୟାର ନୂତନ ମର୍କଜ୍ ଇସଲାମାବାଦ, ଟଲଫୋର୍ଡ୍‌ର ନିର୍ମାଣ ଓ ସେଠାକୁ ସ୍ଥାନାନ୍ତରିତ ହେବାର ଘୋଷଣା । ତଥା ଇସଲାମାବାଦ୍ ନବନିର୍ମାଣ ପ୍ରକଳ୍ପ ଓ ସେଠାରେ ଅହମଦିୟତ୍ ମୂକ୍ଷାଳୟ ସ୍ଥାନାନ୍ତରିତ ହେବା ପ୍ରତ୍ୟେକ ଦୃଷ୍ଟିକୋଣରୁ ସଫଳ ଓ ମଙ୍ଗଳମୟ ହେବା ନିମନ୍ତେ ସଦସ୍ୟମାନଙ୍କ ନିକଟରେ ଦୁଆ କରିବାକୁ ନିର୍ଦ୍ଦେଶ ।

**ଖୁଲାସା ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୨ ଏପ୍ରିଲ୍ ୨୦୧୯ ଅନୁଯାୟୀ ୧୨ ଶାହାଦତ୍ ୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ଆଜି ମୁଁ ଯେଉଁ ବଦରୀ ସାହାବାମାନଙ୍କର ଚର୍ଚ୍ଚା କରିବି ତନ୍ମଧ୍ୟରୁ ସର୍ବପ୍ରଥମ ସାହାବୀ ହେଲେ ହୁସୈନ ବିନ୍ ହାରିସ୍ ର.ଅ । ସେ ବନୁ ମୁତଲିବ୍ ବିନ୍ ଅବ୍ଦେ ମୁନାଫ୍ ସମ୍ପ୍ରଦାୟର ଥିଲେ । ସେ ନିଜ ଦୁଇ ଭାଇ ହଜରତ ତୁଫୈଲ୍ ଏବଂ ଉବୈଦାଃ ର.ଅଙ୍କ ସହିତ ମଦିନାକୁ ପ୍ରବାସ କରିଥିଲେ । ହଜରତ ମହମ୍ମଦ ସ.ଅ ହଜରତ ହୁସୈନ୍ ର.ଅ ଏବଂ ହଜରତ ଅବ୍ଦୁଲ୍ଲାଃ ବିନ୍ ଜୁବୈର ର.ଅଙ୍କ ମଧରେ ଭାତୃଭାବ ସ୍ଥାପନ କରିଥିଲେ । ହଜରତ ହୁସୈନ୍ ର.ଅ ବଦର ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ତାଙ୍କର ବିୟୋଗ ୩୨ହିଜରୀରେ ହୋଇଥିଲା । (ତବକାତୁଲ୍ କୁବରା ଭାଗ-୩ ପୃ-୩୦)

ହଜରତ ହୁସୈନ୍ ର.ଅଙ୍କ ପୁତ୍ରଙ୍କ ନାମ ଅବଦୁଲ୍ଲାଃ ଥିଲା । ତାଙ୍କ କନ୍ୟାମାନଙ୍କ ନାମ ଖଦିଜାଃ ଓ ହିନ୍ଦ ଥିଲା । ସେମାନେ ମଧ ଇସଲାମ ଧର୍ମ ସ୍ୱୀକାର କରିନେଇଥିଲେ । ଖୈବର ଯୁଦ୍ଧରେ ସମୟରେ ହଜୁର ସ.ଅ ତାଙ୍କୁ ୧୦୦ୱସକ୍ ସଶ୍ୟ ପ୍ରଦାନ କରିଥିଲେ । (ତବକାତୁଲ୍ କୁବରା ଭାଗ-୩ ପୃ-୩୦)

ଗୋଟିଏ ୱସକ୍‌ର ପରିମାଣ ୬୦ସାଆ ଅଟେ ଏବଂ ଗୋଟିଏ ସାଆ ଅଢେଇ ସେରକୁ କିଛି କମ୍ ପରିମାଣର ଅଟେ । ଏପରି ପାଖାପାଖି ୩୭୫ମଣ ସଶ୍ୟ ହଜୁର ସ.ଅ ତାଙ୍କ ପିତାଙ୍କ ଯୋଗୁଁ ପ୍ରଦାନ କରିଥିଲେ । (ଲୁଗାତୁଲ୍ ହଦିସ୍ ଭାଗ-୪ ପୃ-୪୮୭)

ପରବର୍ତୀ ସାହାବି ହେଉଛନ୍ତି ହଜରତ ସଫୱାନ୍ ର.ଅ । ତାଙ୍କ ପିତାଙ୍କ ନାମ ୱହବ ବିନ୍ ରବିୟା ଥିଲା । ସେ ବନୁ ହାରିସ୍ ବିନ୍ ଫହର୍ ସମ୍ପ୍ରଦାୟର ଥିଲେ । ଆପଣଙ୍କ ପିତାଙ୍କ ନାମ ୱହବ ବିନ୍ ରବିୟା ଥିଲା । ଆଉ ଏକ ସ୍ଥାନରେ ତାଙ୍କ ନାମ ଉହୟି ଥିବାର ବର୍ଣ୍ଣନା ମିଳୁଛି । ତାଙ୍କ ମାତାଙ୍କ ନାମ ୱାଦ୍ ବିନତ୍ ଜହ୍‌ଦମ୍ ଥିଲା । ଯେ ବେଜା ନାମରେ ସୁପ୍ରସିଦ୍ଧ । ଏଥିଯୋଗୁଁ ହଜରତ ସଫୱାନ୍‌ଙ୍କୁ ଇବନେ୍ ବେଜା ମଧ କୁହାଯାଏ । ଆପଣ ହଜରତ ସୁହେଲ୍ ଓ ସହଲ୍ ର.ଅଙ୍କର ଭାଇ ଥିଲେ । ଉକ୍ତ ସୁହେଲ୍ ଓ ସହଲ୍ ର.ଅ ସେ ନୁହଁନ୍ତି ଯାହାଙ୍କ ଠାରୁ ହଜୁର ସ.ଅ ମସଜିଦ୍ ନବୀ ନିର୍ମାଣ ନିମନ୍ତେ ଜମି ଖରିଦ କରିଥିଲେ । ସେ ବଦର ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ହଜରତ ସଫୱାନ୍ ର.ଅଙ୍କ ସମ୍ୱନ୍ଧରେ ବର୍ଣ୍ଣିତ ଅଛି କି ବଦର ଯୁଦ୍ଧ ଅନ୍ତେ ମକ୍କା ଫେରି ଯାଇଥିଲେ ଏବଂ କିଛି ସମୟ ଅତିବାହିତ କରିବା ଅନ୍ତେ ପିନଶ୍ଚ ମଦିନା ପ୍ରବାସ କରିଥିଲେ । ଏହା ମଧ ବର୍ଣ୍ଣନା ମିଳୁଅଛି କି ସେ ମକ୍କା ବିଜୟ ହେବା ପର୍ଯ୍ୟନ୍ତ ମକ୍କାରେ ହିଁ ରହିଯାଇଥିଲେ । ହଜରତ ଇବନେ ଅବାସ୍ ର.ଅ ବର୍ଣ୍ଣନା କରିଛନ୍ତି କି ହଜୁର ସ.ଅ ତାଙ୍କୁ ଅବଦୁଲ୍ଲାଃ ବିନ୍ ଜହଶ୍‌ରେ ଅବୱା ଆଡ଼କୁ ଯୁଦ୍ଧରେ ସାମିଲ ହେବାକୁ ପ୍ରେରଣ କରିଥିଲେ । ତାଙ୍କର ବିୟୋଗ ତିନୋଟି ବର୍ଷରେ ହୋଇଥିବାର ଅନୁମାନ କରାଯାଏ । ତାହା ଯଥାକ୍ରମେ ୧୮ହିଜରୀ, ୩୦ହିଜରୀ ଓ ୩୮ହିଜରୀ ଅଟେ । (ଅସଦୁଲ୍ ଗାବା ଭାଗ-୩ ପୃ-୩୩)

ପରବର୍ତୀ ସାହାବୀ ହେଉଛନ୍ତି ହଜରତ ମୁବଶିର ବିନ୍ ଅବ୍ଦୁଲ୍ ମୁନଜିର୍ ର.ଅ । ସେ ବନୁ ଅମ୍ର ବିନ୍ ଔଫ୍ ଶାଖା ଅନ୍ତର୍ଗତ ଔସ୍ ସମ୍ପ୍ରଦାୟର ଥିଲେ । ହଜୁର ସ.ଅ ମୁବଶିର ବିନ୍ ଅବ୍ଦୁଲ୍ ମୁନଜିର୍ ଓ ଆକିଲ୍ ବିନ୍ ବୁକୈର ର.ଅଙ୍କ ମଧରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ସେ ବଦର ଯୁଦ୍ଧରେ ସାମିଲ ଥିଲେ ଏବଂ ଉକ୍ତ ଯୁଦ୍ଧ କ୍ଷେତ୍ରରେ ହିଁ ବୀରଗତି ପ୍ରାପ୍ତ କରିଥିଲେ । ହଜରତ ମୁବଶିର ବିନ୍ ଅବ୍ଦୁଲ୍ ମୁନଜିର୍ ର.ଅ ନିଜ ଦୁଇ ଭାଇ ହଜରତ ଅବୁ ଲବାବା ବିନ୍ ଅବ୍ଦୁଲ୍ ମୁନଜିର୍ ଏବଂ ରିଫାଅ ବିନ୍ ଅବ୍ଦୁଲ୍ ମୁନଜିର୍ ର.ଅଙ୍କ ସହିତ ବଦର ଯୁଦ୍ଧରେ ସାମିଲ୍ ହୋଇଥିଲେ । ହଜରତ ସାଏବ୍ ବିନ୍ ଅବୁ ଲବାବା ହଜରତ ମୁବଶିରଙ୍କ ଭାଇ ହଜରତ ଅବି

ଲବାବାଙ୍କର ପୁତ୍ର ଥିଲେ, ସେ ବର୍ଣ୍ଣନା କରନ୍ତି ଯେ, ହଜୁର ସ.ଅ ହଜରତ ମୁବଶିର ବିନ୍ ଅବଦୁଲ୍ ମନଜର୍‌ଙ୍କର ମାଲେ ଗନିମତରେ ଭାଗ ପ୍ରଦାନ କରିଥିଲେ ଏବଂ ମୁଏନ୍ ବିନ୍ ଅଦି ର.ଅ ତାଙ୍କ ଭାଗ ନେଇ ଆମ ନିକଟକୁ ଆସିଥିଲେ । (ତବକାତୁଲ୍ କୁବରା ଭାଗ-୩ ପୃ-୨୪୮ରୁ ୩୪୭)

ମଦିନା ପ୍ରବାସ କରିବା ସମୟରେ ପ୍ରବାସକାରୀଙ୍କ ମଧ୍ୟରୁ ହଜରତ ଅବୁ ସଲମା ବିନ୍ ଅବଦୁଲ୍ ଅସଦ୍ ଓ ହଜରତ ଆମିର ବିନ୍ ରବିୟା ଓ ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ ଓ ତାଙ୍କ ଭାଇ ହଜରତ ଅବୁ ଅହମଦ୍ ବିନ୍ ଜହଶ୍ ର.ଅ କବା ସ୍ଥାନରେ ହଜରତ ମୁବଶିର ବିନ୍ ଅବ୍ଦୁଲ୍ ମୁନଜିର୍ ର.ଅଙ୍କ ଘରେ ସରଣ ନେଇଥିଲେ । ତାପରେ ପ୍ରବାସକାରୀ ସେଠାକୁ କ୍ରମାଗତ ଭାବରେ ଆସିଥିଲେ । (ସିରତୁନ୍ ନବୁୱା ପୃ-୩୩୫)

ହଜରତ ମୁବଶିର ବିନ୍ ଅବ୍ଦୁଲ୍ ମୁନଜିର୍ ର.ଅ ନିଜ ଦୁଇ ଭାଇ ହଜରତ ଅବୁ ଲବାବା ବିନ୍ ଅବଦ୍ଦୁଲ୍ ମୁନଜିର୍ ଓ ହଜରତ ରାଫେ ବିନ୍ ଅବ୍ଦୁଲ୍ ମୁନଜିର୍ ର.ଅଙ୍କ ସହ ବଦର ଯୁଦ୍ଧରେ ସାମିଲ ହୋଇଥିଲେ । ହଜରତ ରାଫେ ର.ଅ ୭୦ଜଣ ଅନସାର ସାହାବିଙ୍କ ସାଥିରେ ବୈଅତେ ଉକବାରେ ସାମିଲ ଥିଲେ । ସେହିପରି ବଦର ଓ ଓ୍ୱହଦ ଯୁଦ୍ଧରେ ମଧ ସାମିଲ ଥିଲେ । ଓ୍ୱହଦ୍ ଯୁଦ୍ଧରେ ସେ ବୀରଗତୀ ପ୍ରାପ୍ତ କରିଥିଲେ । ଯେତେବେଳେ ହଜୁର ସ.ଅ ବଦର ଯୁଦ୍ଧ ନିମନ୍ତେ ପ୍ରସ୍ଥାନ କଲେ ସେତେବେଳେ ହଜୁର ହଜରତ ଅବୁ ଲବାବାଙ୍କୁ ମଦିନାର ପ୍ରଧାନ ମନୋନିତ କରି ରୋହା ସ୍ଥାନରୁ (ମଦିନା) ଫେରିବାକୁ ଆଦେଶ ଦେଇଥିଲେ । ଯାହାକି ମଦିନା ଠାରୁ ୪୦ମିଲ୍ ଦୂରରେ ଅବସ୍ଥିତ ଥିଲା । କିନ୍ତୁ ହଜୁର ସ.ଅ ମାଲେ ଗନିମତ ବଣ୍ଟନ ଓ (ଯୁଦ୍ଧରେ ସାମିଲ ହେବାର) ପୁଣ୍ୟରେ ତାଙ୍କର ଭାଗ ଧାର୍ଯ୍ୟ କରିଥିଲେ । ଅଲାମା ଇବନେ ଇସହାକ୍ ବର୍ଣ୍ଣନା କରନ୍ତି ହଜରତ ମୁବଶିର ବିନ୍ ଅବ୍ଦୁଲ୍ ମୁନଜିର୍ ର.ଅ ବନୁ ଉମରୋ ବିନ୍ ଅଓ୍ୱଫ୍ ସମ୍ପ୍ରଦାୟର ଥିଲେ । ଆପଣ ସେହି ଅନସାର ସାହାବିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯେ ବଦର ଯୁଦ୍ଧରେ ବୀରଗତୀ ପ୍ରାପ୍ତ କରିଥିଲେ । (ଅସଦୁଲ୍ ଗାବା ପୃ-୫୩)

ହଜରତ ଅବଦ୍ଦୁଲ୍ଲାଃ ବିନ୍ ଅମ୍ର ହରାମ ର.ଅ ବର୍ଣ୍ଣନା କରନ୍ତି କି ମୁଁ ଓ୍ୱହୋଦ୍ ଯୁଦ୍ଧ ଘଟିବା ପୂର୍ବରୁ ସ୍ୱପ୍ନ ଦେଖିଥିଲେ ଯେ, ହଜରତ ମୁବଶିର ବିନ୍ ଅବ୍ଦୁଲ୍ ମୁନଜିର୍ ଯେପରି ମୋତେ କହୁଛନ୍ତି କି ତୁମେ ଖୁବ୍ ଶିଘ୍ର ଆମମାନଙ୍କ ନିକଟକୁ ଚାଲି ଆସିବ । ମୁଁ ପଚାରିଲି ଆପଣ କେଉଁଠି ଅଛନ୍ତି ? ସେ ଉତର ଦେଲେ ମୁଁ ସ୍ୱର୍ଗ ପୁରରେ ଅଛି । ଏଠାରେ ଆମେ ଯେଉଁ ସ୍ଥାନରେ ଇଚ୍ଛା କରୁ ସେଠାରେ ଖିଆପିଆ କରୁ । ମୁଁ ପୁନଶ୍ଚ ପ୍ରଶ୍ନ କଲି କ'ଣ ଆପଣ ବଦର ଯୁଦ୍ଧରେ ଶହିଦ୍ ହୋଇନଥିଲେ ? ସେ ଉତର ଦେଲେ, ହଁ । କିନ୍ତୁ ମୋତେ ପୁର୍ନଜୀବିତ କରିଦିଆଯାଇଛି । ଯେତେବେଳେ ହଜରତ ଅବ୍ଦୁଲ୍ଲାଃ ର.ଅ ଉକ୍ତ ସ୍ୱପ୍ନ ହଜୁର ସ.ଅଙ୍କୁ ଶୁଣାଇଲେ, ହଜୁର କହିଲେ ହେ ଜାବର୍ ! ଏହା ହିଁ ଶାଶ୍ୱତମୂଳକ ବୀରଗତି । (ମୁସତଦରିକ୍ ଅଲସ୍ ସହିହିନ୍ ଭାଗ-୫ ପୃ-୧୮୪୦,୧୮୪୧)

ବୀରଗତି ପ୍ରାପ୍ତ କରିଥିବା ବ୍ୟକ୍ତିର ଆତ୍ମା ଅଲ୍ଲାଃତାଲାଙ୍କ ନିକଟକୁ ଯାଇଥାଏ ଏବଂ ସେଠାରେ ମୁକ୍ତ ଭାବରେ ବିଚରଣ କରିଥାଏ ।

ଅଲାମା ଜରକାନୀ ବଦର ଯୁଦ୍ଧରେ ଶହିଦ୍ ହୋଇଥିବା ସାହାବାଙ୍କ ଚର୍ଚ୍ଚା କରି ଉଲ୍ଲେଖ କରିଛନ୍ତି ଦୁଇଜଣ ସାହାବି କବିଲା ଅଓ୍ୱସ୍ ମଧ୍ୟରୁ ଥିଲେ ସେଥି ମଧ୍ୟରୁ ଜଣେ ହଜରତ ସାଅଦ୍ ବିନ୍ ଖୈସମା ର.ଅ ଥିଲେ । କେତେକ କୁହନ୍ତି କି ତୈଅମା ବିନ୍ ଅଦି ତାଙ୍କୁ ଶହିଦ୍ କରିଥିଲେ । ଆଉ କେତେକ କୁହନ୍ତି କି ଉମରୋ ବିନ୍ ଅବଦୁଉଦ୍ ତାଙ୍କୁ ଶହିଦ୍ କରିଥିଲେ । ସମହୁଦି ନିଜ ପୁସ୍ତକ ଓ୍ୱଫାରେ ଲେଖିଛନ୍ତି କି ସିରାଙ୍କ କହିବାନୁଯାୟୀ ପ୍ରତୀତ ହେଉଅଛି ଅର୍ଥାତ ଯେ ଜୀବନୀ ଲେଖିଥାନ୍ତି କି ବଦର ଯୁଦ୍ଧରେ ଶହିଦ୍ ହୋଇଥିବା ସାହାବା ହଜରତ ଉବେଦାଃଙ୍କର ଅନ୍ତୋଷ୍ଟି କ୍ରିୟା ବଦର ସ୍ଥଳିରେ ହୋଇଥିଲା । ହଜରତ ଉବେଦାଃ ର.ଅଙ୍କ ଦେହାନ୍ତ କିଛି କ୍ଷଣ ପରେ ଘଟିଥିଲା ଏବଂ ସଫରା ଅବା ରୋହା ସ୍ଥାନରେ ତାଙ୍କୁ କବର ଦିଆଯାଇଥିଲା ।

ତିବରାନି ସିକାରାଓ୍ୱଁ ବର୍ଣ୍ଣନା କରନ୍ତି କି ହଜରତ ଇବନେ ମସଉଦ୍ ର.ଅ ବର୍ଣ୍ଣନା କରିଛନ୍ତି ନିଶ୍ଚିତ ରୂପେ ହଜୁର ସ.ଅଙ୍କର ସେହି ସାହାବାଗଣ ଯେ ବଦର ଯୁଦ୍ଧରେ ଶହିଦ୍ ହୋଇଛନ୍ତି ଅଲ୍ଲାଃତାଲା ସେମାନଙ୍କ ଆତ୍ମାକୁ ବୈକୁଣ୍ଠରେ ସବୁଜ ପରରେ ରଖିବେ ଯେ ବୈକୁଣ୍ଠରେ ଖାନପାନ କରିବେ । ସେମାନେ ଏପରି ଅବସ୍ଥାରେ ଥିବେ କି ତାଙ୍କ ପାଳନକର୍ତା ହଠାତ୍ ସେମାନଙ୍କ ମଧ୍ୟରେ ପ୍ରକଟ ହେବେ ଏବଂ କହିବେ ହେ ମୋର ଭକ୍ତଗଣ ! କ'ଣ ତୁମର କିଛି ଅଭିଳାଷାଣ ଅଛି ? ସେମାନେ କହିବେ ହେ ପ୍ରଭୁ ଆଠାରୁ ବଳି (ପୁରସ୍କାର) ମଧ କ'ଣ କିଛି ଅଛି ? ଅଲ୍ଲାଃ ପୁନଶ୍ଚ ପ୍ରଶ୍ନ କରିବେ କଣ ଆଉ କିଛି ଆବଶ୍ୟକ ? ଚତୁର୍ଥ ଥର ସାହାବା କହିବେ ତୁମେ ଆମ ଆତ୍ମାକୁ ଆମ ଶରୀରକୁ ଫେରାଇ ଦିଅ ଯଦ୍ୱାରା ଆମେ ପୁର୍ନବାର ଶହିଦ୍ ହେବୁ ଯେପରି ପ୍ରଥମେ ହୋଇଥିଲୁ । (ଶରାଃ ଅଲାମା ଜରକାନୀ ପୃ-୩୨୭)

ପରବର୍ତୀ ସାହାବି ହେଲେ ହଜରତ ଓକାର ବିନ୍ ଅୟାସ୍ ର.ଅ । ସେ ଅନସାର ବନୁ ଲାଓାଜିନ୍ ବିନ୍ ଗନମ ଶାଖା ଅନ୍ତର୍ଗତ ଅନସାର ସମ୍ପ୍ରଦାୟର ଥିଲେ । ହଜରତ ଓକାର ର.ଅ ନିଜର ଦୁଇ ଭାଇ ହଜରତ ରବିଇ ଓ ହଜରତ ଅମର ର.ଅଙ୍କ ସହ ବଦର ଯୁଦ୍ଧରେ ସାମିଲ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ବଦର, ଓ୍ୱହଦ୍ ଓ ଖନ୍ଦକ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ସେ ୧୧ହିଜରୀରେ ହଜରତ ଅବୁବକର ର.ଅଙ୍କ ଶାସନ କାଳରେ ୟମାମା ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । (ସିରତୁନ୍ ନବୁୱା ପୃ-୪୬୯)

ପରବର୍ତୀ ସାହାବି ହେଲେ ହଜରତ ମୁହର୍ରିଜ୍ ବିନ୍ ନଜଲତା ର.ଅ । ତାଙ୍କ ପିତା ନଜଲା ବିନ୍ ଅବଦ୍ଦୁଲ୍ଲାଃ ଥିଲେ କିନ୍ତୁ ଆଉ ଏସ୍ରେଓ୍ୱାୟତ୍ ମୁତାବକ ଆପଣଙ୍କ ପିତାଙ୍କ ନାମ ଓହବ ଥିଲା । ଆପଣଙ୍କ ଗୋତ୍ର ଅବୁ ନଜଲତା ଥିଲା । ଆପଣ ସୁନ୍ଦର ଓ ଧବଳ ବର୍ଣ୍ଣ ଥିଲେ । ଆପଣ ଫହିରା ନାମରେ ସୁପ୍ରସିଦ୍ଧ ଥିଲେ । ଆପଣ ଅଖରମ ନାମରେ ମଧ ଜଣାଯାନ୍ତି । ଆପଣ ବନୁ ଅବଦ୍ଦିଲ୍ ଶମସ୍‌ଙ୍କ ହଲିଫ୍ (ଚୁକ୍ତି ପତ୍ର ସହଯୋଗକାରୀ) ଥିଲେ । ଯେତେବେଳେ କି ବନୁ ଅବଦ୍ଦୁଲ୍ ଅଶହଲ୍ ତାଙ୍କୁ ନିଜ ହଲିଫ୍ ମଣୁଥିଲେ । ହଜରତ ମୁହରିଜ୍‌ଙ୍କ ସମ୍ପର୍କ ମକ୍କାର କବିଲା ବନୁ ଗନମ ବିନ୍ ଦୌଦାନ ସହ ଥିଲା । ଉକ୍ତ କବିଲା ମୁସଲମାନ ହୋଇଯାଇଥିଲା । ଉକ୍ତ କବିଲାର ପୁରୁଷ ଓ ମହିଳାଙ୍କୁ ମଦିନା ପ୍ରବାସ କରିବାର ସୌଭାଗ୍ୟ ଲାଭ ହୋଇଥିଲା । ହଜୁର ସ.ଅ ହଜରତ ମୁହର୍ରିଜ୍ ବିନ୍ ନଜଲତା ର.ଅ ଓ ହଜରତ ଅମ୍ମାର ବିନ୍ ହିଜମ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ସେ ବଦର, ଓ୍ୱହଦ୍ ଓ ଖନ୍ଦକ ଯୁଦ୍ଧରେ ସାମିଲ ଥିଲେ । ହଜରତ ଅବୁବକର ସିଦ୍ଦିକ୍ ର.ଅ ତାଙ୍କର ଏକ ସ୍ୱପ୍ନକୁ କେନ୍ଦ୍ର କରି ତାଙ୍କୁ ବୀରଗତି ପ୍ରାପ୍ତ କରିବାର ଶୁଭସମ୍ବାଦ ପ୍ରଦାନ କରିଥିଲେ । ହଜୁର ସ.ଅ ହମରାଃ ୟୋମ୍ ସରଃରେ ଗାବା ଯୁଦ୍ଧରେ ସାମିଲ ହେବା ନିମନ୍ତେ ଆପଣଙ୍କୁ ପ୍ରେରଣ କରିଥିଲେ, ଯାହାକି ୬ହିଜରୀରେ ଘଟିଥିଲା । ବଦର ଯୁଦ୍ଧରେ ସମୟରେ ହଜରତ ମୁହରିଜ୍ ବିନ୍ ନଜଲାଃ ୩୧/୩୨ବର୍ଷ ବୟସ୍କ (ଯୁବକ) ଥିଲେ ଏବଂ ଶହିଦ୍ ହେବା ବେଳକୁ ଆପଣଙ୍କୁ ୩୭/୩୮ବର୍ଷ ହୋଇଥିଲା । (ତବକାତୁଲ୍ କୁବରା ଯୁଜ୍ ସାଲିସ୍ ପୃ-୫୨)

ହଜରତ ମୁହର୍ରିଜ୍ ର.ଅଙ୍କ ଶହିଦ୍ ହେବା ଘଟଣା ଏଭଳି ରୂପେ ବର୍ଣ୍ଣିତ ହୋଇଅଛି କି ହଜରତ ଅୟାସ୍ ବିନ୍ ସଲମା ଜିକରଦ୍ ଯୁଦ୍ଧ ସମ୍ପର୍କରେ ବର୍ଣ୍ଣନା କରନ୍ତି ଯେ, ମୋର ପିତା ବର୍ଣ୍ଣନା କରନ୍ତି କି ସୁଲେହ୍ ହୁଦେବିୟା ଘଟଣା ପରେ ଆମେ ମଦିନା ପ୍ରତ୍ୟାବର୍ତନ କରିବା ପାଇଁ ବାହାରିଲୁ ଓ ଆମେ ଏକ ସ୍ଥାନରେ ବିଶ୍ରାମ କରୁଥିଲୁ ଯେତେବେଳେ କି ଆମ୍ଭ ଓ ବନୁ ଲହୟାନ ସମ୍ପ୍ରଦାୟ ମଧ୍ୟରେ ଏକ ପର୍ବତ ବିଦ୍ୟମାନ ଥିଲା । ଯେଉଁ ବ୍ୟକ୍ତି ସେହି ପର୍ବତ ଉପରେ ରାତ୍ର ସମୟରେ ଚଢି ପରିସ୍ଥିତି ଉପରେ ନଜର ରଖିବ, ହଜୁର ସ.ଅ ଏହିପରି ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କଲେ । ହଜରତ ସଲମତା ବିନ୍ ଅକଓା କୁହନ୍ତି ଯେ, ମୁଁ ରାତ୍ର ସମୟରେ ଦୁଇ କିମ୍ୱା ତିନି ଥର ପର୍ବତ ଉପରେ ଚଢିଥିବି । ଏହାପରେ ଆମେ ମଦିନା ପହଂଚିଲୁ । ପୁନଶ୍ଚ ସେ କୁହନ୍ତି ଯେ, ରସୁଲେ କରିମ୍ ସ.ଅ ରିବାହ ର.ଅଙ୍କ ହସ୍ତରେ ଅର୍ଥାତ ନେତୃତ୍ୱରେ ନିଜର ଓଟ ଓ ହଜରତ ତଲହା ର.ଅଙ୍କ ଅଶ୍ୱ ପ୍ରେରଣ କରିଥିଲେ । ସେହି ଦିନ ସକାଳେ ଅବ୍ଦୁର୍ ରହେମାନ ଫଜାରି ନାମକ ଜଣେ ଅମାନ୍ୟକାରୀ ଓଟ ଚଳାଳୀଙ୍କୁ ହତ୍ୟା କରି ହଜୁର ସ.ଅଙ୍କ ସମସ୍ତ ଓଟକୁ ଘଉଡ଼ାଇ ନେଇ ପଳାୟନ କରିଥିଲା । ବର୍ଣ୍ଣନାକାରୀ କୁହନ୍ତି- ମୁଁ କହିଲି ଏ ରିବାହା ! ଏହି ଘୋଡ଼ାକୁ ଧର ଓ ତାହାକୁ ତଲହା ବିନ୍ ଉବୈଦୁଲ୍ଲାଃ ବିନ୍ ଅବିଦ୍ ନିକଟରେ ପହଂଚାଇ ଦିଅ ଏବଂ ହଜୁର ସ.ଅଙ୍କୁ ସୂଚିତ କରାଅ କି ଅମାନ୍ୟକାରୀମାନେ ହଜୁର ସ.ଅଙ୍କ ସମସ୍ତ ପଶୁ ହରଣ କରିନେଇଛନ୍ତି । ସେତେବେଳେ ମୁଁ ସେହି ଅମାନ୍ୟକାରୀଙ୍କୁ ସନ୍ଧାନ କରୁକରୁ ତାଙ୍କ ନିକଟରେ ପହଂଚିଗଲି ଏବଂ ତାଙ୍କ ଉପରେ ତୀର ନକ୍ଷେପ କରିବା ସହ ଏହି କବିତା ପାଠ କରୁଥିଲି **ଅନା ଇବ୍ନୁଲ୍ ଅକଓ୍ୱା ଓ୍ୱଲ୍ ୟୌମା ୟମୁର୍ ରିଜା** ଅର୍ଥାତ ମୁଁ ଅକଓ୍ୱା ର.ଅଙ୍କର ସନ୍ତାନ ଏବଂ ଆଜିର ଏହି ଦିନ ନିଛ ତଥା ଧୂର୍ତ ଅବିଶ୍ୱାସକାରୀଙ୍କ ପାଇଁ ଦୁର୍ଦ୍ଦଶାର ଦିଅ ଅଟେ । ମୁଁ ସେହି ଶତ୍ରୁମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତିକୁ ମଧ ଭେଟୁଥିଲି ତାହାର ଓଟର ବସିବାସ୍ଥାନକୁ ତୀରବିଦ୍ଧ କରୁଥିଲି । ଏପରିକି ତୀରର ଅଗ୍ରଭାଗ ସେହି ଶତ୍ରୁର କାନ୍ଧ ଭେଦ କରି ତାହାକୁ ଆହତ କରୁଥିଲା । ସେ ଅଲ୍ଲାଃତାଲାଙ୍କର ଶପଥ କରି କୁହନ୍ତି କି ମୁଁ ସେହି ଶତ୍ରୁମାନଙ୍କ ଉପରେ ତୀର ବର୍ଷଣ କରି ସେମାନଙ୍କୁ କ୍ଷତାକ୍ତ କରିଚାଲିଥିଲି, ଯେତେବେଳେ ମୋ ନିକଟକୁ କୌଣସି ଅଶ୍ୱାରୋହୀ ଆସୁଥିଲା ସେତେବେଳେ ମୁଁ କୌଣସି ବୃକ୍ଷ ପଛରେ ଲୁଚିଯାଉଥିଲି ଏବଂ ମୁଁ ତାହାକୁ ତୀର ଦ୍ୱାରା ଆକ୍ରମଣ କରି କ୍ଷତାକ୍ତ କରିଦେଉଥିଲି । ପାହାଡ଼ର ରାସ୍ତା ଅପ୍ରଶସ୍ତ ଥିବାରୁ ସେହି ଶତ୍ରୁମାନେ ଉକ୍ତ ସଂକିର୍ଣ୍ଣ ପଥ ଦେଇ ପ୍ରବେଶ କରିବାକୁ ଉଦ୍ୟମ କଲେ ସେତେବେଳେ ମୁଁ ପାହାଡ଼ ଉପରକୁ ଚଢିଯାଇ ସେମାନଙ୍କ ଉପରେ ପଥର ଫିଙ୍ଗିବା ଆରମ୍ଭ କରିଦେଲି । ଏପରି ମୁଁ ସେହି ଶତ୍ରୁମାନଙ୍କର ପିଛା କରି ସମସ୍ତ ଓଟକୁ ପଛରେ ଛାଡ଼ି ଆଗକୁ ବଢିଗଲି । ମୁଁ ତୀର ଚଳାଇବା ଅବ୍ୟାହତ ରଖିଲି ଏପରିକି ସେମାନେ ତିରିଶରୁ ଉର୍ଦ୍ଧ୍ୱ ଚାଦରଗୁଡ଼ିକୁ ତିରିଶଟି ସର ହାଲୁକା ହେବା ନିମନ୍ତେ ଫୋପାଡ଼ି ଦେଲେ । ଅର୍ଥାତ ସେମାନେ ଉକ୍ତ ଓଟ ଛାଡ଼ି ଚାଲି ଯାଇଥିଲେ, ନିଜର ଜିନିଷ ପତ୍ରଗୁଡ଼ିକୁ ମଧ ଏଥିପାଇଁ ଫିଙ୍ଗିବାକୁ ଲାଗିଲେ ଯେ, ଯେପରି ସେମାନେ ସହଜରେ ଦୌଡ଼ି ପାରିବେ ଏବଂ ସେମାନେ ଯେଉଁ ସାମଗ୍ରୀ ଫିଙ୍ଗୁଥିଲେ ତାହାକୁ ଚିହ୍ନଟ କରିବା ନିମନ୍ତେ ମୁଁ ସେଗୁଡ଼ିକ ଉପରେ ଶିଳାଖଣ୍ଡ ରଖିଦେଉଥିଲି । କାରଣ ହଜୁର ସ.ଅ ଓ ତାଙ୍କର ସାହାବାମାନେ ଉକ୍ତ ଚିହ୍ନଟ ମାଧରେ ସେଗୁଡ଼ିକୁ ଚିହ୍ନି ପାରିବେ । ଏପରିକି ସେହି ଶତ୍ରୁମାନେ ଏକ ସଂକିର୍ଣ୍ଣ ଘାଟିରେ ପ୍ରବେଶ କଲେ ଯେଉଁଠାରେ ସେମାନେ ବଦର ଫଜାରୀର ଏକ ପୁତ୍ରକୁ ଦେଖିବାକୁ ପାଇଲେ । ସେଠାରେ ବସି ସେମାନେ ଖାଦ୍ୟ ଶେବନ କଲେ ଏବଂ ମୁଁ ଘାଟିର ଶିଖରରେ ବସିଥିଲି । ଫଜାରି ତାଙ୍କୁ ପଚାରିଲା ମୁଁ ଯାହାକୁ ଘାଟି ଉପରେ ବସିଥିବାର ଦେଖୁଅଛି ସେ କିଏ ? ଶତ୍ରୁମାନେ କହିଲେ ସେହି ବ୍ୟକ୍ତି ତ ଆମମାନଙ୍କୁ ସକାଳୁ ଧରାଶାୟୀ କରିଦେଇଛି । ଈଶ୍ୱରଙ୍କ ଶପଥ କରି କହୁଅଛି ! ଉକ୍ତ ବ୍ୟକ୍ତି ଜଣକ ସକାଳ ପହରରୁ ଆମ ଉପରେ ଅହରହ ଓ ଅତର୍କିତ ଭାବେ ତୀର ବର୍ଷଣ କରିଚାଲିଛି । ଏପରିକି ସେ ଆମଠାରୁ ସବୁକିଛି ଛଡ଼ାଇ ନେଇଛି । ଫଜାରୀ ନିଜ ମିତ୍ରମାନଙ୍କୁ କହିଲା ତୁମମାନଙ୍କ ପାଇଁ ଏହା ଅନିବାର୍ଯ୍ୟ କି ତୁମମାନଙ୍କ ମଧ୍ୟରୁ ଚାରି ଜଣ ବ୍ୟକ୍ତି ସଲମତା ଇବନୁଲ୍ ଅକଓ୍ୱା ର.ଅଙ୍କ ନିକଟକୁ ଯାଆନ୍ତୁ । ହଜରତ ସଲମତା ବିନ୍ ଅକଓ୍ୱା ର.ଅ କହିଲେ- ଯେତେବେଳେ ସେହି ଶତ୍ରୁମାନଙ୍କ ମଧ୍ୟରୁ ଚାରି ଜଣ ବ୍ୟକ୍ତି ପର୍ବତ ଉପରକୁ ଚଢି ମୋ ନିକଟକୁ ଆସିଲେ ସେତେବେଳେ ମୁଁ ସେମାନଙ୍କୁ କହିଲି ତୁମେମାନେ ମୋତେ ଚିହ୍ନିଛ କି ? ସେମାନେ ଉତର ଦେଲେ ନା, ଆମେ ଆପଣଙ୍କୁ ଚିହ୍ନି ନାହୁଁ । ଆପଣ କିଏ ? ମୁଁ ସେମାନଙ୍କୁ ଉତର ଦେଲି, ମୁଁ ସଲମତା ବିନ୍ ଅକଓ୍ୱା ର.ଅ ଏବଂ ସେହି ସର୍ବଶକ୍ତିମାନ ଈଶ୍ୱରଙ୍କ ଶପଥ କରି କହୁଅଛି ଯେ ହଜରତ ମହମ୍ମଦ ସ.ଅଙ୍କ ମୁଖମଣ୍ଡଳକୁ ସମ୍ମାନିତ କରୁଅଛି । ମୁଁ ତୁମାନଙ୍କୁ ମଧ୍ୟରୁ ଯାହାକୁ ଚାହିଁବି ତାହାକୁ ଧରିପାରିବି । କିନ୍ତୁ ତୁମମାନଙ୍କ ମଧୟୟରୁ ଯଦି କେହି ଧରିବାକୁ ଚେଷ୍ଟା କରେ ତେବେ କଦାପି ମୋତେ ଧରିପାରିବ ନାହିଁ । ଏହା ଶୁଣି ଉକ୍ତ ଚାରିଜଣ ଫେରିଗଲେ ଏବଂ ମୁଁ ନିଜ ସ୍ଥାନରେ ବସି ରହିଲି । ଠିକ୍ ସେତିକିବେଳେ ହଜୁର ସ.ଅଙ୍କ ଅଶ୍ୱ ଆଗକୁ ବଢିଅସୁଥିବାର ଦେଖିବାକୁ ପାଇଲି, ତନ୍ମଧ୍ୟରେ ସର୍ବପ୍ରଥମ ଅଖରମ୍ ଅସଦି ର.ଅ ଥିଲେ ଏବଂ ଯେତେବେଳେ ମୁଁ ଅଖରମ ର.ଅଙ୍କ ଘୋଡ଼ାର ଲଗାମ ଘରିଲି ସେତେବେଳେ ସେହି ଶତ୍ରୁମାନେ ବସି ଖାଦ୍ୟ ସେବନ କରିବା ସ୍ଥାନରୁ ଉଠି ପଳାୟନ କଲେ । ମୁଁ ହଜରତ ମୁହର୍ରଜ ର.ଅଙ୍କୁ କହିଲି ତୁମେ

ସେମାନଙ୍କ ଠାରୁ ଦୂରେଇ ରୁହ! କାରଣ ସେମାନେ ତୁମକୁ ଯେପରି ନିହତ କରିନଦିଅନ୍ତୁ । ଯଦ୍ୱାରା ହଜୁର ସ.ଅ ଓ ତାଙ୍କ ସାହାବାମାନେ ଆପଣଙ୍କ ନିକଟରେ ପହଂଚି ପାରିବେ ନାହିଁ । ସେ କହିଲେ ହେ ସଲମା! ଯଦି ତୁମେ ଅଲ୍ଲାଃତାଲା ଏବଂ ପ୍ରଳୟ ଦିବସ ଉପରେ ବିଶ୍ୱାସ ରଖୁଅଛ ତେବେ ଜାଣି ରଖ ସ୍ୱର୍ଗ ଶାସ୍ୱତ, ନର୍କ ଶାସ୍ୱତ । ତେଣୁ ମୋର ବୀରଗତି ପ୍ରାପ୍ତ କରିବା ବିଘ୍ନ ଘଟାଅ ନାହିଁ । ମୁଁ ତାଙ୍କୁ ଛାଡ଼ି ଦେଲି ଏପରିକି ସେ ଅର୍ଥାତ ହଜରତ ମୁହର୍ରିଜ ଓ ଅବଦ୍ଦୁର ରହେମାନ ପରସ୍ପର ସହ ଲଢ଼ିବା ଆରମ୍ଭ କରିଦେଲେ ଏବଂ ହଜରତ ମୁହର୍ରିଜ ଅବଦ୍ଦୁର ରହେମାନ ସମେତ ତାହାର ଅଶ୍ୱ ଉପରେ ଆକ୍ରମଣ କରି ତାହାକୁ କରିଦେଲେ । ଅବଦ୍ଦୁର ରହେମାନ ହଜରତ ମୁହର୍ରିଜ ର.ଅଙ୍କୁ ତୀର ମାରି ଶହିଦ୍ କରିଦେଲେ । ହଜରତ ଅବୁ କତାଦାଃ ର.ଅ ଅବଦ୍ଦୁର ରହେମାନ ପଛେପଛେ ଯାଇ ତାହାକୁ ଧରିନେଲେ ଏବଂ ତାହାକୁ ନିହତ କରିଦେଲେ । ହଜରତ ସଲମା କୁହନ୍ତି ସେହି ଅପୂର୍ବ ଓ ଅଲୌକିକ ଈଶ୍ୱରଙ୍କ ଶପଥ କରି କହୁଅଛି ଯେ ହଜରତ ମହମ୍ମଦ ସ.ଅଙ୍କ ମୁଖମଣ୍ଡଳକୁ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ମୁଁ ଦୌଡ଼ିଥିବା ଅବସ୍ଥାରେ ତାଙ୍କ ପିଛା କରିବା ଅବ୍ୟାହତ ରଖିଲି, ଯେପର୍ଯ୍ୟନ୍ତ ସୂର୍ଯ୍ୟାସ୍ତ ପୂର୍ବରୁ ଏକ ଯାଟିରେ ମୁଁ ସେହି ଶତ୍ରୁମାନଙ୍କ ନିକଟରେ ପହଂଚିଗଲି । ସେତେବେଳେ ସେମାନଙ୍କୁ ଅତ୍ୟଧିକ ଶୋଷ ଲାଗୁଥିଲା । କିନ୍ତୁ ମୁଁ ସେମାନଙ୍କୁ ସେଠାରୁ ଘଉଡ଼ାଇ ଦେଲି ଯାହା ଫଳରେ ସେମାନେ ସେଠାରୁ ବୁନ୍ଦାଏ ଜଳ ମଧ୍ୟ ପାନ କରିପାରିଲେ ନାହିଁ । ଉକ୍ତ ଶତ୍ରୁମାନେ ସେଠାରୁ ବାହାରି ଅନ୍ୟ ଏକ ଘାଟି ଆଡ଼କୁ ଅଗ୍ରସର ହେଲେ । ମୁଁ ମଧ୍ୟ ତାଙ୍କ ପଛରେ ପଡ଼ିଥାଏ ଏବଂ ସେମାନଙ୍କ ମଧ୍ୟରୁ ଯାହାକୁ ପାଉଥିଲି ତାହାକୁ ତୀରବିଦ୍ଧ କରୁଥିଲି ।

ମୁଁ କହୁଥିଲି ମୁଁ ଅକୱା ର.ଅଙ୍କ ପୁତ୍ର, ଆଜି ନିଛ, ଧୂର୍ତ୍ତ ଅବିଶ୍ୱାସକାରୀଙ୍କ ଦୁର୍ଦ୍ଦଶାର ଦିନ ଅଟେ । ସେହି ଶତ୍ରୁ ଜଣକ କହିଲା ସକାଳ ସମୟର ଅକୱା କି? ଯେ ଆମକୁ ଧରାଶାୟୀ କରିରଖିଛି, ମୁଁ ଉତର ଦେଲି ହଁ । ତୁମ କାଳ (ପ୍ରାଣର ଶତ୍ରୁ)! ଅକୱା । ଅତଏବ ସେମାନେ ଦୁଇଟି ଅଶ୍ୱ ଛାଡ଼ିଦେଲେ ମୁଁ ତାହାକୁ ଧରି ହଜୁର ସ.ଅଙ୍କ ନିକଟକୁ ନେଇ ଆସିଲି । ହଜୁର ସ.ଅ ସେହି ଜଣକୁଣ୍ଡ ନିକଟରେ ବିରାଜମାନ ଥିଲେ ଯେଉଁଠାରୁ ମୁଁ ସେହି ଡ଼କାୟତମାନଙ୍କୁ ଘଉଡ଼ାଇ ଥିଲି । ମୁଁ ଦେଖିଲି ହଜୁର ସ.ଅ ସେହି ଓଟ ଏବଂ ଅନ୍ୟ ସମସ୍ତ ଜିନିଷପତ୍ର ଯାହାକି ଉକ୍ତ ଡ଼କାୟତମାନଙ୍କ ଠାରୁ ଛଡ଼ାଇ ଆଣିଥିଲି ସେହି ଓଟମାନଙ୍କ ମଧ୍ୟରୁ ଗୋଟିଏ ଓଟକୁ ହଜରତ ବିଲାଲ ର.ଅ ହଜୁର ସ.ଅଙ୍କ ପାଇଁ ଜେବାହ୍ କଲେ ଏବଂ ସେ ହଜୁର ସ.ଅଙ୍କ ପାଇଁ କଲିଜା ଓ ଓଟ କୁଦର ମାଂସ ପ୍ରସ୍ତୁତ କରୁଥିଲେ । ମୁଁ ହଜୁର ସ.ଅଙ୍କୁ କହିଲି ହେ ଅଲ୍ଲାଃଙ୍କ ରସୁଲ! ମୋତେ ସୌନ୍ୟବାହିନୀ ମଧ୍ୟରୁ ୧୦୦ଜଣଙ୍କୁ ବାଛିବାକୁ ଅନୁମତି ପ୍ରଦାନ କରନ୍ତୁ । କାରଣ ମୁଁ ସେ ଡ଼କାୟତମାନଙ୍କ ପିଛା କରି ସେମାନଙ୍କୁ ନିହତ କରିଦେବି । ହଜୁର ସ.ଅ ଏଭଳି ଉଚ୍ଚ ଶ୍ୱରରେ ହସିଲେ କି ଆପଣଙ୍କ ପବିତ୍ର ଦାନ୍ତ ଅଗ୍ନି ଶିଖା ପରି ଉଜ୍ଜ୍ୱଳିତ ଦିଶୁଥିଲା । ହଜୁର ସ.ଅ କହିଲେ ହେ ସଲମା କଣ ତୁମେ ଭାବୁଛ ଯେ ତୁମେ ଏପରି କରିପାରିବ? ମୁଁ ଉତର ଦେଲି ହଁ, ସେହି ସର୍ବଶକ୍ତିମାନ ପ୍ରଭୁଙ୍କର ଅସ୍ତିତ୍ୱର ଶପଥ କରି କହୁଅଛି ଯେ ଆପଣଙ୍କୁ ସମ୍ମାନର ସହ ପ୍ରେରଣ କରିଛନ୍ତି । ହଜୁର ସ.ଅ କହିଲେ ହେ ଇବନେ ଅକୱା! ଯେତେବେଳେ ତୁମେ ତୁମ ବିଜୟ ଲାଭ କରିସାରିଛ ତେବେ ସେମାନଙ୍କୁ ଛାଡ଼ିଦିଅ ଓ ତାଙ୍କୁ ଯିବାକୁ ଦିଅ । ସେମାନଙ୍କ ପଛରେ ଧାଇଁବା ଓ ବଧ କରିବାରେ କଣ ସୁଫଳ ମିଳିବ? ହଜୁର ସ.ଅ କହିଲେ ଅତଏବ ଏହା ଥିଲା ହଜୁର ସ.ଅଙ୍କ ନମୁନା, ଯେ ଶତ୍ରୁମାନଙ୍କୁ କିପରି କ୍ଷମା କରିଦେଉଥିଲେ ଏବଂ ହଜୁର ସ.ଅ କେବେହେଲେ ଯୁଦ୍ଧକୁ ପସନ୍ଦ କରୁନଥିଲେ ଓ ନା ହଜୁର ସ.ଅଙ୍କ ଯୁଦ୍ଧ, ହତ୍ୟା କରିବାର ଅଭିପ୍ରାୟ ଥିଲା ।

ସେ ଜାହା ହେଉ ହଜରତ ମହମ୍ମଦ ସ.ଅ ଯେତେବେଳେ ସେମାନଙ୍କ ସହ କଥାବାର୍ତା ହେଉଥିଲେ କି ଯେତେବେଳେ ସେ ପଳାୟନ କଲେ ତେବେ ସେମାନଙ୍କୁ ଛାଡ଼ିଦିଅ । ଏହି ସମୟରେ ବନି ଗତଫାନର ଜଣେ ବ୍ୟକ୍ତି ଆସି କହିଲେ କି ଅମକ ବ୍ୟକ୍ତି ଆପଣଙ୍କ ପାଇଁ ଓଟ ଜେବାଃ କରିଛନ୍ତି । ଯେତେବେଳେ ସେମାନେ ତାହାର ଚମଡ଼ା କାଢୁଥିଲେ ସେତେବେଳେ ଏକ ଧୂଳି ଉଠୁଥିବାର ସେମାନେ ଦେଖିବାକୁ ପାଇଲେ ଏବଂ କହିଲେ ଉକ୍ତ ଲୋକମାନେ ଆସୁଛନ୍ତି । ସେମାନେ ସେଠାରୁ ମଧ୍ୟ ପଳାୟନ କଲେ । ସକାଳ ହେବାରୁ ହଜୁର ସ.ଅ କହିଲେ- ଆଜି ଆମର ସର୍ବୋତମ ଅଶ୍ୱାରୋହି ଅବୁ କତାଦାଃ ର.ଅ ଅଟନ୍ତି ଏବଂ ସର୍ବଶ୍ରେଷ୍ଠ ପଦବ୍ରଜ ଅର୍ଥାତ ପାଦରେ ଗମନକାରୀ ସୈନିକ ହଜରତ ସଲମା ର.ଅ ଅଟନ୍ତି । ସଲମା ସେମାନଙ୍କୁ ସମସ୍ୟା ବଳୟ ମଧ୍ୟରେ ନିକ୍ଷେପ କରିଦେଇଥିଲେ । ସେ କୁହନ୍ତି ହଜୁର ସ.ଅ ମୋତେ ଦୁଇଟି ଭାଗ ପ୍ରଦାନ କରିଥିଲେ ଗୋଟିଏ ବାହନ ଉପରେ ଆରୋହଣ କରିବାର ଆଉ ଗୋଟିଏ ପଦବ୍ରଜର । ତାପରେ ହଜୁର ସ.ଅ ମଦିନା ପତ୍ୟାବର୍ତନ କରିବା ସମୟରେ ମୋତେ ଅଜବା ଓଟ ଉପରେ ନିଜ ପଛରେ ବସାଇ ଦେଲେ । ସେ କୁହନ୍ତି ଆମେ ଯାତ୍ରା କରିବା ସମୟରେ ଅନସାରମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଯେ ଦୌଡ଼ିବାରେ ସମସ୍ତଙ୍କୁ ପଛରେ ଛାଡ଼ି ଦେଉଥିଲେ, କହିବା ଆରମ୍ଭ କରିଦେଲେ କି କିଏ ଅଛି ଯେ ମଦିନା ପର୍ଯ୍ୟନ୍ତ ମୋ ସହ ଦୌଡ଼ ପ୍ରତିଯୋଗୀତାରେ ମୁକାବିଲା କରିବ । ତେବେ ଯୁଦ୍ଧ ଓ ଶତ୍ରୁ ପକ୍ଷ ସହ ମୁକାବିଲା କରିବା ସୂକ୍ଷ୍ମ ପରିସ୍ଥିତିରେ ମଧ୍ୟ ସାହାବା ପରସ୍ପର ସହ ପରିହାସ ମଧ୍ୟ କରୁଥିଲେ । ପରସ୍ପରକୁ ଏଭଳି ଛୋଟମୋଟ ମୁକାବିଲା କରିବାର ଚ୍ୟାଲେନଞ୍ଜ ଦେଉଥିଲେ, ଯଦ୍ୱାରା ସମୟ ଅତିବାହିତ ହୋଇଯିବ ଏବଂ ଶତ୍ରୁମାନଙ୍କ ଯୋଗୁଁ ଯେଉଁ ମାନସିକ ଚାପ ରହିଛି ତାହା କିଛି ମାତ୍ରାରେ ହାଲୁକା ହୋଇଯିବ । ସେ ଜାହା ହେଉ ଉକ୍ତ ବ୍ୟକ୍ତି ଜଣକ କହିଲେ କିଏ ଅଛନ୍ତି ଯେ ମୋ ସହ ଦୌଡ଼ ପ୍ରତିଦ୍ୱନ୍ଦିତା କରିବ? ସେ କୁହନ୍ତି ଉକ୍ତ ବ୍ୟକ୍ତି ଜଣକ ଅନେକ ଥର ଏହି ଘୋଷଣା କରିଥିବେ, ଏକଥା ଶୁଣିବା ପରେ ମୁଁ ଅନ୍ୟ ସାହାବାକୁ ଉତ୍ତେଜିତ କରି କହିଲି କଣ ତୁମେ କୌଣସି ସମ୍ମାନସ୍ୱଦ ବ୍ୟକ୍ତିଙ୍କୁ କିଭଳି ସମ୍ମାନ ପ୍ରଦାନ କରନ୍ତି, ଜାଣି ନାହିଁ । ବୟୋଜେଷ୍ଠଙ୍କୁ ଭୟକରୁ ନାହିଁ? ସେ ଉତର ହଜୁର ସ.ଅଙ୍କୁ ବାଦ ଦେଇ ମୁଁ କାହାରିକୁ ଭୟ କରେ ନାହିଁ । ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ! ମୋ ପିତାମାତା ଆପଣଙ୍କ ପାଇଁ ଉତ୍ସର୍ଗ ହୁଅନ୍ତୁ । ମୋତେ ଉକ୍ତ ବ୍ୟକ୍ତି ସହ ଦୌଡ଼ ମୁକାବିଲା କରିବାର ଅନୁମତି ପ୍ରଦାନ କରନ୍ତୁ । ହଜୁର ସ.ଅ କହିଲେ ଠିକ୍ ଅଛି ଯଦି ତୁମେ ଚାହୁଁଛ ତେବେ ତାଙ୍କୁ ପରାସ୍ତ କରିବାକୁ ଚେଷ୍ଟା କର । ମୁଁ ଉକ୍ତ ବ୍ୟକ୍ତିକୁ କହିଲି ଚାଲ ଦୌଡ଼ ଆରମ୍ଭ କରିବା । ସେ କୁହନ୍ତି ମୁଁ ନିଜ ପାଦ ମୋଡ଼ି ଡ଼େଇଁ ଦୌଡ଼ିବା ଆରମ୍ଭ କରିଦେଲି ଏବଂ ମୁଁ ଗୋଟିଏ କିମ୍ୱା ଦୁଇଟି ଘାଟି ତାହା ପଛରେ ଦୌଡ଼ିଲି ଏବଂ ନିଜ ଶକ୍ତି ବଂଚାଇ ରଖିଥିଲି, ଏପରି ମୁଁ ଧିରେ ଧିରେ ଦୌଡ଼ି ତୀବ୍ର ବେଗରେ ଦୌଡ଼ି ତାହା ସହ ମିସିଗଲି ତାପରେ ମୁଁ ତାହାର କାନ୍ଧକୁ ଏକ ମୁକା ମାରି କହିଲି ଅଲ୍ଲାଃଙ୍କ ରାଣ! ତୁ ମୋ ପଛରେ ରହିଗଲୁ ।

ବର୍ଣ୍ଣନାକାରୀ କୁହନ୍ତି- ସମ୍ଭବତଃ ସେ କହିଥିଲେ କି ସେ ମଦିନା ପର୍ଯ୍ୟନ୍ତ ତାହା ଠାରୁ ଆଗରେ ଥିଲେ ଏବଂ ତାପରେ ଆମେ କେବଳ ତିନି ରାତି ପର୍ଯ୍ୟନ୍ତ ଅପେକ୍ଷା କଲୁ ଯେପର୍ଯ୍ୟନ୍ତ କି ହଜୁର ସ.ଅ ସହ ଖେବର ପର୍ଯ୍ୟନ୍ତ ଆମେ ଖୈବର ଆଡ଼କୁ ବାହାରିଲୁ । (ସହି ମୁସଲିମ୍ ଭାଗ-୯ ପୃ-୨୨୮ରୁ ୨୩୮)

ତିବରୀରେ ଉକ୍ତ ଯୁଦ୍ଧ ବାବଦରେ କିଛି ବିସ୍ତାର ବର୍ଣ୍ଣନା ଏଭଳି ଉଲ୍ଲେଖ ରହିଛି କି ହଜରତ ଆସିମ ବିନ୍ ଉମରୋ ବିନ୍ କତାଦା ବର୍ଣ୍ଣନା କରନ୍ତିକି ଜି'କରାଦ ଯୁଦ୍ଧରେ ଶତ୍ରୁମାନଙ୍କ ନିକଟରେ ସର୍ବପ୍ରଥମେ ହଜରତ ମୁହରିଜ୍ ବିନ ନଜଲାଃଙ୍କର ଘୋଡ଼ା ପହଁଚିଥିଲା । ହଜରତ ମୁହରିଜ୍ ବିନ ନଜଲାଃଙ୍କୁ ଅଖରମ ଓ କମିର ମଧ୍ୟ କୁହାଯାଏ । ଯେତେବେଳେ ଶତ୍ରୁ ପକ୍ଷରୁ ଲୁଟମାର ଓ ଭୟର ଆଶଙ୍କ ଉପୁର୍ଣ୍ଣ ହେଲା ସେତେବେଳେ ହଜରତ ମହକୁଦ୍ ବିନ୍ ମୁସେଲମାଃଙ୍କର ଘୋଡ଼ା ଯାହାକି ତାଙ୍କ ବଗିଚାରେ ବନ୍ଧା ହୋଇଥିଲା ଯେତେବେଳେ ଅନ୍ୟ ଘୋଡ଼ାଙ୍କ ଶ୍ୱର ଶୁଣିଲା ସେତେବେଳେ ସେ ନିଜ ସ୍ଥାନରେ ଦେଇଁବା ଆରମ୍ଭ କରିଦେଲା । ତାହା ଏକ ଉତ୍କୃଷ୍ଟ ଓ ପ୍ରଶିକ୍ଷିତ ଘୋଡ଼ା ଥିଲା ସେତେବେଳେ ବନୁ ଅବଦୁଲ୍ ଅସହଲ୍ଙ୍କ ମହିଳାମାନଙ୍କ ମଧ୍ୟରୁ କେତେକ ମହିଳା ଘୋଡ଼ାକୁ ଏଭଳି ବ୍ୟସ୍ତବିବ୍ରତ ଦେଖି ହଜରତ ମୁହରିଜ୍ ବିନ ନଜଲାଃଙ୍କୁ କହିଲେ କଣ ଆପଣ ନିଜ ଘୋଡ଼ାକୁ କାବୁ କରିବାର କ୍ଷମତା ରଖୁଛନ୍ତି । ତେବେ ଏହି ଘୋଡ଼ାରେ ଆରୋହଣ କରି ଯାଇ ମୁସଲମାନ ଓ ହଜୁର ସ.ଅଙ୍କ ସହ ମିଳିତ ହୋଇଯାଅ । ସେ କହିଲେ ହଁ ମୁଁ ଏଥିନିମନ୍ତେ ପ୍ରସ୍ତୁତ! ଆପଣ ଉକ୍ତ ଘୋଡ଼ା ଉପରେ ବସି ତାହାର ଲଗାମ ଢିଲା ଛାଡ଼ିଦେଲେ ଏପରିକି ଆପଣ ମୁସଲମାନ ସମୁହ ସହ ମିଳିତ ହୋଇଗଲେ । ସେତେବେଳେ ଆପଣ କହିଲେ ହେ ହେ ମୁସଲମାନଗଣ! ରହିଯାଅ, ଏପରିକି ତୁମ ପଛରେ ଆସୁଥିବା ଅନ୍ୟ ମୁହାଜିର୍ ଓ ଅନସାର ଆସି ତୁମ ସହ ମିଳିତ ହୋଇଯାନ୍ତୁ । ବର୍ଣ୍ଣନାକାରୀ କୁହନ୍ତି ଜଣେ ଶତ୍ରୁ ଆପଣଙ୍କ ଉପରେ ଆକ୍ରମଣ କଲା ଓ ଆପଣ ଶହିଦ୍ ହୋଇଗଲେ । ତାପରେ ଉକ୍ତ ଘୋଡ଼ା ବେକାବୁ ହୋଇ ଦୌଡ଼ିଲା ଏପିକି କୌଣସି ବ୍ୟକ୍ତି ତାହାକୁ ନିଜ ବଶିଭୁତ କରି ପାରିଲେ ନାହିଁ । ଏପରିକି ସେ ଆସି ବନି ଅସହଲ୍ ସାହିରେ ସେହି ରସି ନିକଟରେ ଛିଡ଼ା ହୋଇଗଲା ଯେଉଁଠାରେ ସେ ବନ୍ଧା ହୋଇଥିଲା । ସେହି ଦିନ ମୁସଲମାନମାନଙ୍କ ମଧ୍ୟରୁ ଆପଣଙ୍କ ବ୍ୟତୀତ ଅନ୍ୟ କେହି ଶହିଦ୍ ହୋଇନଥିଲେ । ହଜରତ ମହେମୁଦ୍ ର.ଅଙ୍କ ଘୋଡ଼ାର ନାମ ଜୁଲ୍ଲମ୍ମା ଥିଲା । ଆଉ ଏକ ବର୍ଣ୍ଣନା ମୁତାବକ ହଜୁର ସ.ଅ ନିଜ ସ୍ଥାନରୁ ବାହାରି ଜିକରଦ ଯୁଦ୍ଧ କ୍ଷେତ୍ରରେ ପହଁଚିଲେ ଏବଂ ସେଠାରେ ଅଟକି ଯାଇଥିଲେ ଯେଉଁଠାରେ କି ଅନ୍ୟ ସାହାବାମାନେ ଆସି ଆପଣ ସହ ମିଳିତ ହୋଇଥିଲେ । ଆପଣ ସେଠାରେ ଗୋଟିଏ ଦିନ ଓ ଗୋଟିଏ ରାତି ରହିଥିଲେ । ସଲମା ବିନ୍ ଅକୱା ର.ଅ ହଜୁର ସ.ଅଙ୍କୁ କହିଲେ ହେ ଅଲ୍ଲାଃଙ୍କ ରସୁଲ ଆପଣ ମୋ ସହିତ ୧୦୦ଜଣ ଲୋକଙ୍କୁ ଛାଡ଼ନ୍ତୁ ମୁଁ ବାକି ଜୀବଯନ୍ତୁଙ୍କୁ ଶତ୍ରୁ କବଳରୁ ଛଡ଼ାଇ ସେମାନଙ୍କ ବିନାସ କରି ଆସିବି । ହଜୁର ସ.ଅ ତାଙ୍କୁ ଏହାର ଅନୁମତି ପ୍ରଦାନ କରିଥିଲେ । ସେତେବେଳେ ଶତ୍ରୁମାନେ ଗତଫାନର ମଦ ପାନ କରୁଥିଲେ । ହଜୁର ସ.ଅ ସାହାବାଙ୍କୁ ଶହେ ଶହେର ଦଳରେ ବିଭାଜିତ କରି ସେମାନଙ୍କ ମଧ୍ୟରେ ଖାଇବା ନିମନ୍ତେ ଓଟ ବଣ୍ଟନ କରିଥିଲେ, ଯାହାକି ସାହାବା ସେଗୁଡ଼ିକୁ ଖାଇବାରେ ବ୍ୟବହାର କରିଥିଲେ । ତାପରେ ହଜୁର ସ.ଅ ମଦିନା ପତ୍ୟାବର୍ତନ କରିଥିଲେ । (ତବରୀ ଭାଗ ତୃତୀୟ ପୃ-୧୧୫ରୁ ୧୧୬)

**ସେହିପରି ପ**ରବର୍ତୀ ଯେଉଁ ସାହାବାଙ୍କର ଚର୍ଚ୍ଚା କରିବି ସେ ହେଲେ ହଜରତ ସୁଏବତ୍ ବନ୍ ସାଆଦ୍ ର.ଅ । ହଜରତ ସୁଏବତ୍ ର.ଅ ବନୁ ଅଦ୍ଦେ ସମ୍ପ୍ରଦାର ଥିଲେ । ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ଇସଲାମ ଧର୍ମରେ ଦିକ୍ଷିତ ହୋଇଥିଲେ । ଅଧିକାଂଶ ଜୀବନୀ ଲେଖକମାନେ ତାଙ୍କୁ ହବଶାର ପ୍ରବାସକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିଛନ୍ତି । (ଅସଦୁଲ ଗାବା ଭାଗ-୨ ପୃ-୩୫୪)

ହଜରତ ସୁଏବିତ୍ ର.ଅ ମଦିନା ପ୍ରବାସ କରିଥିଲେ । ପ୍ରବାସ କରିବା ଅନ୍ତେ ହଜରତ ଅବଦୁଲ୍ଲାଃ ବିନ୍ ସଲମା ଅଜଲାନ୍ ର.ଅଙ୍କ ଘରେ ସରଣ ନେଇଥିଲେ । ହଜରତ ମହମ୍ମଦ ସ.ଅ ହଜରତ ସୁଏବିତ୍ ଓ ହଜରତ ଆଇଜ୍ ବିନ୍ ମାଅସ ର.ଅଙ୍କ ମଧ୍ୟରେ ମୌତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ହଜରତ ସୁଏବିତ୍ ବଦର ଓ ଓ୍ୱହଦ୍ ଯୁଦ୍ଧରେ ଶାମିଲ୍ ଥିଲେ । (ତବକାତୁଲ୍ କୁବରା ଭାଗ-୩ ପୃ-୬୫)

ହଜରତ ଉମ୍ମେ ସୁଲୈମ ବର୍ଣ୍ଣନା କରନ୍ତି- ହଜରତ ଅବୁବକର ର.ଅ ହଜୁର ସ.ଅଙ୍କ ବିୟୋଗର ଏକ ବର୍ଷ ପୂର୍ବେ ବସରା (ପ୍ରଦେଶକୁ) ବାଣିଜ୍ୟ କରିବା ପାଇଁ ଯାଇଥିଲେ । ତାଙ୍କ ସହ ଇନଆମ୍ ଓ ସୁଐବତ୍ ବିନ୍ ହରମଲାହ୍ ମଧ୍ୟ ଯାତ୍ରା କରିଥିଲେ । ଉଭୟ ସାହାବି ବଦର ଯୁଦ୍ଧରେ ସାମିଲ ଥିଲେ । ଇନଆମ୍ ଖାଦ୍ୟ ସାମଗ୍ରୀର ତତ୍ୱାବଧାନରେ ମୁତୟନ ଥିଲେ ଏବଂ ସୁଐବତ୍ ର.ଅ ସ୍ୱଭାବରେ ବୁନମ୍ରତା ଥିଲା । ସେ ଇନଆମ୍ଙ୍କୁ କହିଲେ ମୋତେ ଖାଦ୍ୟ ଖାଇବାକୁ ଦିଅ । ସେ ଉତର ଦେଲେ ଯେପର୍ଯ୍ୟନ୍ତ ହଜରତ ଅବୁବକର ର.ଅ ନଆସିଛନ୍ତି ସେପର୍ଯ୍ୟନ୍ତ ମୁଁ ଖାଇବା ବାଢିବି ନାହିଁ । ପୁନଶ୍ଚ ସେ କହିଲେ ଯଦି ତୁମେ ମୋତେ ଖାଇବା ନଦିଅ ତେବେ ମୁଁ ତୁମକୁ କ୍ରୋଧିତ କରେଇବି । ଯେତେବେଳେ ସେମାନେ ଯାତ୍ରା କରୁଥିଲେ ବାଟରେ ଏକ ସମ୍ପ୍ରଦାୟ ନିକଟରୁ ଅତିକ୍ରମ କଲେ ଏବଂ ସୁଐବତ୍ ର.ଅ ସେମାନଙ୍କୁ କହିଲେ କଣ ତୁମେ ମୋଠାରୁ ଏକ ଦାସ କ୍ରୟ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

କରିବ ? ସେମାନେ ଉତର ଦେଲେ ହଁ, କିଣିବୁ । ସୁଐବତ୍ ସେମାନଙ୍କୁ କହିଲେ ମୋର ଏହି ଦାସ ଭାରି ଗପୁଡ଼ା । ତେଣୁ ତୁମେମାନେ ମନେରଖ, ସେ ସର୍ବଦା କହିବ ଯେ ମୁଁ ସ୍ୱାଧୀନ କ୍ରିତଦାସ ନୁହେଁ । କିନ୍ତୁ ତୁମେମାନେ ତାହାକୁ ସ୍ୱାଧୀନ କରିବ ନାହିଁ । ଅତଃ ସେମାନେ ତାଙ୍କଠାରୁ ଦଶଟି ଓଟ ବଦଳରେ କିଣି ଇନଆମଙ୍କ ନିକଟକୁ ଆସି ତାଙ୍କ ବେକରେ ଦଉଡ଼ି ପକାଇଲେ । ଇନଆମ ତାଙ୍କୁ କହିଲେ ଉକ୍ତ ବ୍ୟକ୍ତି ତୁମ ସହ ଥଟ୍ଟା କରୁଛନ୍ତି । ମୁଁ ସ୍ୱାଧୀନ, କ୍ରିତଦାସ ନୁହେଁ । କିନ୍ତୁ ସେମାନେ କହଲେ ଆମେ ତୁମ ମାଲିକଙ୍କ ଠାରୁ ତୁମ ସଂକ୍ରାନ୍ତରେ ସବୁ କିଛି ଶୁଣି ସାରିଛୁ । ଅତଏବ ସେମାନେ ତାଙ୍କୁ ଧରି ନିଜ ସାଥିରେ ନେଇଗଲେ । ଯେତେବେଳେ ହଜରତ ଅବୁବକର ର.ଅ ଫେରିଲେ ଲୋକମାନେ ଉକ୍ତ ଘଟଣା ସମ୍ପର୍କରେ ଅବଗତ କଲେ ସେତେବେଳେ ସେ ସେହି ସମ୍ପ୍ରଦାୟ ପଛରେ ପଡ଼ି ସେମାନଙ୍କୁ ସେମାନଙ୍କ ଉଟ ଫେରାଇ ଇନଆମ୍‌ଙ୍କୁ ଫେରାଇ ଆଣିଲେ । ହଜୁର ଅନଓ୍ୱର ଅ:ବ କହିଲେ- ସେ ଜାହା ହେଉ ନା କାହିଁକି ସାହାବାଙ୍କ ମଧ୍ୟରେ ଥଟ୍ଟା ପରିହାସ ରହିଥିଲା । ଯେତେବେଳେ ଏହି ଲୋକମାନେ ଅର୍ଥାତ ସାହାବାମାନେ ନବୀ ସ.ଅଙ୍କ ନିକଟକୁ ଆସିଲେ ଏବଂ ହଜୁର ସ.ଅଙ୍କୁ ଉକ୍ତ ଘଟଣା ସକ୍‌ରାନ୍ତରେ ଅବଗତ କଲେ । ସେତେବେଳେ ହଜୁର ସ.ଅ ନିଜ ସାହାବାଙ୍କ ସହ ଦିର୍ଘ ଏକ ବର୍ଷ ପର୍ଯ୍ୟନ୍ତ ଏହି ଘଟଣାକୁ ମନେ ପକାଇ ଆନନ୍ଦିତ ହେଉଥିଲେ । (ସନନ ଇବନେ ମାଜା ହଦିସ୍ ନଂ-୩୭୧୯)

ହଜରତ ମହମ୍ମଦ ସ.ଅ ମଧ୍ୟ ଏହି କଥାରେ ଅତ୍ୟନ୍ତ ପ୍ରସନ୍ନିତ ହେଲେ ଏବଂ ଦିର୍ଘ ଏକ ବର୍ଷ ପର୍ଯ୍ୟନ୍ତ ଉକ୍ତ ହାସ୍ୟସ୍ପଦ ଘଟଣା ଖ୍ୟାତି ଅର୍ଜନ କରିଥିଲା । ସେ ଜାହା ହେଉ ଉକ୍ତ ଘଟଣା ଗୋଟିଏ ଫରକ୍‌ର ସହ କେତେକ ପୁସ୍ତକରେ ମଧ୍ୟ ଦରଜ ରହିଛି । ବର୍ଣ୍ଣିତ ଅଛି କି ବିକ୍ରି କରିଥିବା ସାହାବି ହଜରତ ସୁଏତ ର.ଅ ନଥିଲେ ବରଂ ହଜରତ ନଇମାନ୍ ର.ଅ ଥିଲେ

ସାହାବାଙ୍କ ଉପରିକ୍ତ ଚର୍ଚ୍ଚା କରିବା ପରେ ମୁଁ ଯେଉଁ କଥାକୁ ସଂକ୍ଷିପ୍ତ ଭାବରେ କହିବାକୁ ଚାହେଁ ତାହା ଏହି କି ଯେ ହଜରତ ମସିହ ମଉଦ ଅ.ସଙ୍କୁ ଏକ ଐଶ୍ୱିବାଣୀ ହୋଇଥିଲା । **ଓ୍ୱସ୍‌ସି ମକାନକା** ଉକ୍ତ ଐଶ୍ୱିବାଣୀ ହଜୁର ଅ.ସଙ୍କୁ ବିଭିନ୍ନ ସମୟରେ ହୋଇଛି । ପ୍ରାରମ୍ଭରେ ଅଲ୍ଲାଃତାଲା ଆପଣଙ୍କୁ ଯେତେବେଳେ ଉକ୍ତ ଐଶ୍ୱିବାଣୀ ପ୍ରଦାନ କରିଲେ, ସେଥିସମ୍ବନ୍ଧରେ ହଜୁର କୁହନ୍ତି ସେତେବେଳେ ସମ୍ଭବତଃ ୨/୩ଜଣ ଲୋକ ମୋ ବୈଠକରେ ଆସି ବସୁଥିଲେ ଏବଂ କେହି ମୋତେ ଜାଣି ନଥିଲେ । (ସିରାଜେ ମୁନିର ଭାଗ-୧୨ ପୃ-୭୩)

ତାପରେ ବିଭିନ୍ନ ସମୟରେ ଅନ୍ୟ ଐଶ୍ୱିବାଣୀ ସହ **ଓ୍ୱସ୍‌ସି ମକାନକାର** ଐଶ୍ୱିବାଣୀ ମଧ୍ୟ ହେଉଥିଲା ଅର୍ଥାତ ନିଜ ଘରକୁ ପ୍ରଶସ୍ତ କର ଏବଂ ଏଥିସହ ଅନ୍ୟ ଯେଉଁ ଐଶ୍ୱିବାଣୀ ହେଉଥିଲା ସେଥିରେ ଶୁଭ ସମ୍ବାଦ ଓ ଅଲ୍ଲାଃତାଲାଙ୍କ ବିଭିନ୍ନ କୃପାର ଚର୍ଚ୍ଚା ରହିଛି । ଆମମାନଙ୍କର ଅନୁଭୂତି ରହିଛି ଯେ ଯେତେବେଳେ ଅଲ୍ଲାଃତାଲା ନିଜ ଭକ୍ତମାନଙ୍କୁ କୌଣସି ଆଦେଶ ଦିଅନ୍ତି ସେତେବେଳେ ତାହାର ଅର୍ଥ ଅଲ୍ଲାଃତାଲା ଉକ୍ତ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିଜ ସହାୟତା ଓ ସମର୍ଥନର ପ୍ରଶସ୍ତ ହାତ ମଧ୍ୟ ଆଗକୁ ବଢ଼ାଇ ଦେଇଥାନ୍ତି । ତଥା ସେଥିନିମନ୍ତେ ସାଧନର ମଧ୍ୟ ବ୍ୟବସ୍ଥା କରିଦେଇଥାନ୍ତି ଏବଂ ଏହିପରି ଭାବେ ଉକ୍ତ କାର୍ଯ୍ୟଟି ସାଫଲ୍ୟ ମଣ୍ଡିତ ହୋଇ ସମ୍ପର୍ଣ୍ଣ ହୋଇଥାଏ । ଜମାଅତର ଇତିହାସ ଆମକୁ ଦର୍ଶାଉଛି କି କିଭଳି ଭବ୍ୟତାର ସହ ଉକ୍ତ ଭବିଷ୍ୟବାଣୀକୁ ପୂରଣ କଲେ ଏବଂ ଏବେ ମଧ୍ୟ ପୂରଣ କରି ଚାଲିଛନ୍ତି । ଆମେ ଯେ ହଜରତ ମସିହ ମଉଦ ଅ.ସଙ୍କ ତୁଚ୍ଛ ଦାସ ଅଟୁ ଆମେ ମଧ୍ୟ ବିଭିନ୍ନ ସମୟରେ ତାହା ପୂରଣ ହେବାର ନିଦର୍ଶନ ସ୍ୱଚକ୍ଷୁରେ ଅବଲୋକନ କରୁଅଛୁ ହଜରତ ମସିହ ମଉଦ ଅ.ସଙ୍କର ଏହି ଭବିଷ୍ୟବାଣୀ ଓ ଅଲ୍ଲାଃତାଲାଙ୍କର ଆପଣଙ୍କୁ କୌଣସି ମାମଲାରେ ନିର୍ଦ୍ଦେଶ ଦେବା ଅବା ଭବିଷ୍ୟବାଣୀ ଆକାରରେ ଅବଗତ କରିବା ଅସଲରେ ଆପଣଙ୍କ ମାଧ୍ୟମରେ ହଜୁର ସ.ଅଙ୍କ ଧର୍ମ ଅର୍ଥାତ ଇସଲାମର ପ୍ରଚାର ପ୍ରସାରର ଶୁସମ୍ବାଦ ଅଟେ । ଅତଃ ଆମର ପ୍ରତି ପାଦ ଆଗକୁ ବଢିଚାଲିଛି ଅବା ଯେଉଁ ବିକାଶ ରହିଛି ତାହା ବାସ୍ତବରେ ଅଲ୍ଲାଃତାଲାଙ୍କର ଯୋଜନାର ଅଂଶବିଶେଷ ଯାହାକି ଅଲ୍ଲାଃତାଲା ସଂସାରରେ ଇସଲାମକୁ ପ୍ରସାର କରିବା ନିମନ୍ତେ ପ୍ରସ୍ତୁତ କରିଛନ୍ତି ।

ଏହି ମୁଖବନ୍ଧ ଚର୍ଚ୍ଚ କରିବା ଅନ୍ତେ ମୁଁ ପିନଶ୍ଚ ହଜରତ ମସିହ ମଉଦ ଅ.ସଙ୍କ ଐଶ୍ୱିନବାଣୀ **ଓ୍ୱସ୍‌ସି ମକାନକା** ଆଡ଼କୁ ଫେରୁଅଛି । ଖିଲାପତ୍‌ର ଏଠାକୁ ଅର୍ଥାତ୍ ଇଂଲଣ୍ଡ ପ୍ରବାସ କରିବା ପରେ ଇଂଲଣ୍ଡ, ୟୁରୋପ, ଆମେରିକା, ଆଫ୍ରିକା ଏବଂ ଅନ୍ୟ ଦେଶମାନଙ୍କରେ ଜମାଅତ ପ୍ରସାର ଲାଭ କରିବା ସହ ଅଟ୍ଟାଳିକା ମଧ୍ୟ ପ୍ରଶସ୍ତ ହୋଇଚାଲିଛି ।

ଲଣ୍ଡନକୁ ଯେତେବେଳେ ଚତୁର୍ଥ ଖଲିଫା ପାକିସ୍ତାନରୁ ପ୍ରବାସ କରି ଆସିଥିଲେ ସେତେବେଳେ ଅଲ୍ଲାଃତାଲା ନିଜର ଅସାଧାରଣ, ବିଚିତ୍ର ଲିଳା ପ୍ରଦର୍ଶନ କରିଥିଲେ ଏବଂ ବର୍ତମାନ ମଧ୍ୟ ସମାନ ସାହାଯ୍ୟ ସହଯୋଗ ପ୍ରଦର୍ଶନ କରି ସେ ଜମାଅତ ଅମଦିୟାକୁ ଇସଲାବାଦ୍ ଠାରେ ୨୫ହେକ୍ଟର ଜମି କିଣିବାର ଅବସର ପ୍ରଦାନ କଲେ । ଏଥିଅନ୍ତେ ଅତିରିକ୍ତ ୬ହେକ୍ଟର ଜମି ଯାହାକି ଉକ୍ତ ଜମି ସହ ସଂଲଗ୍ନିତ ଥିଲା କିଣିବାକୁ ଶକ୍ତି ପ୍ରଦାନ କଲେ । ଯେଉଁଠାରେ ଜଲସା ସାଲାନା ମଧ୍ୟ ହୋଇଆସଅଛି । ଚତୁର୍ଥ ଖଲିଫା ଏଠାରେ ନିତ୍ୟ ଓ ନୈମିତିକ ରୂପେ ଧାର୍ମିକ କେନ୍ଦ୍ର ସ୍ଥାପନ କରିବା ପାଇଁ ମନ ବଳାଇଥିଲେ । ସେ ଯାହା ହେଉ ନା କାହିଁକି ଅଲ୍ଲାଃତାଲା ପ୍ରତ୍ୟେକ କାର୍ଯ୍ୟ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିଛନ୍ତି । ବର୍ତମାନ ଅଲ୍ଲାଃତାଲା ଜମାଅତକୁ ଇସଲାମାବାଦ ଠାରେ ଜମାଅତର ନୂତନ ଅଟ୍ଟାଳିକା ଓ କାର୍ଯ୍ୟାଳୟ ନିର୍ମାଣ କରିବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି । ନିୟମିତ ଭାବରେ ନମାଜ ପାଠ ନିମନ୍ତେ ଏକ ସୁନ୍ଦର ମସଜିଦ୍ ନିର୍ମିତ ହୋଇଛି । ମୋର ରହିବା ନିମନ୍ତେ ମଧ୍ୟ ବ୍ୟବସ୍ଥା କରାଯାଇଛି ତଥା ଜୀବନ ଉତ୍ସର୍ଗୀ ଓ କର୍ମଚାରୀମାନଙ୍କ ପାଇଁ ମଧ୍ୟ କ୍ୱାର୍ଟର ନିର୍ମିତ ହୋଇଛି । ତେବେ ଅଲ୍ଲାଃତାଲା ଯୋଜନା ବଦ୍ଧ ରୂପେ ଆମମାନଙ୍କ ପାଇଁ ସେଠାରେ ଦୁଇ ମହଲା ବିଶିଷ୍ଟ ପକ୍କା ଘରର ବ୍ୟବସ୍ଥା କରିଦେଇଛନ୍ତି । ସେଠାରେ ବର୍ତମାନ ଛପାକଳ ମଧ୍ୟ କାର୍ଯ୍ୟ କରୁଅଛି । ଉକ୍ତ ଅଟ୍ଟାଳିକା ଓ କେତେକ କାର୍ଯ୍ୟାଳୟ ଦୁଇ ଅବା ତିନି ମାଇଲର ବ୍ୟବସଧାନରେ ଅବସ୍ଥିତ । ସେହିପରି ସେଠାରେ ଖୁଦ୍ଦାମୁଲ୍ ଅହମଦିୟାକୁ ମଧ୍ୟ ଏକ ପ୍ରଶସ୍ତ ଭବନ କିଣିବାକୁ ସୌଭାଗ୍ୟ ପ୍ରାପ୍ତ ହୋଇଅଛି । ଅଲ୍ଲାଃତାଲା ଏହା ପୂର୍ବରୁ ଜମାଅତକୁ ନିକଟସ୍ଥ ଜଲସା ସ୍ଥଳି ପାଇଁ ହଦିକତୁଲ୍ ମେହଦି ପରି ବିସ୍ତୃତ ଜମି କିଣିବାକୁ ସାମର୍ଥ୍ୟ ପ୍ରଦାନ କରିଥିଲେ । ପୁନଶ୍ଚ ଜମିୟା ଅହମଦିୟା ଯାହାକି ଲଣ୍ଡନ ଠାରେ ଥିଲା ତାହାକୁ ଏଠାରୁ ସ୍ଥାନାନ୍ତରିତ କରାଯାଇଛି ଏବଂ ଅଲ୍ଲାଃତାଲା ଅସାଧାରଣ ରୂପେ ସ୍ୱଳ୍ପ ମୂଲ୍ୟରେ, ଉପଯୁକ୍ତ ଓ ଅନୁକୂଳ ପରିବେଶ ତଥା ନୂତନ ସୁବିଧା ସହ ଉପସ୍ଥିତ ଭୂମି ଜମାଅତକୁ ପ୍ରଦାନ କରିଛନ୍ତି । ଯାହାକି ୩୦ହେକ୍ଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଅଟେ । ସୁତରାଂ ଉପରୋକ୍ତ ଜମିଗୁଡ଼ିକ ଇସଲାମାବାଦ୍ ଠାରୁ ପ୍ରାୟ ୧୦କିମ୍ବା ୨୦ମିନିଟର ବ୍ୟବସଧାନରେ ଅବସ୍ଥିତ । ଉପରୋକ୍ତ ସମସ୍ତ ଜମିଗୁଡ଼ିକ କିଣିବା ପାଇଁ ପୂର୍ବରୁ କୌଣସି ଯୋଜନା ନଥିଲା । ଏହା କେବଳ ଅଲ୍ଲାଃତାଲାଙ୍କର ହିଁ ଆଦୃଷ୍ଟ ଯୋଜନା, ଯେ ଉପରୋକ୍ତ ସମସ୍ତ ଜମି ଏକତ୍ର ଗୋଟିଏ ସ୍ଥାନରେ ପ୍ରଦାନ କରିଦେଲେ ଏବଂ ଅଲ୍ଲାଃତାଲା ମରକଜ୍ ସଙ୍ଗେସଙ୍ଗେ ଅନ୍ୟ ସମସ୍ତ ସୁବିଧାମାନ ଉପଲବ୍ଧ କରି ଚାଲିଥିଲେ । ଜାମିୟା ଅହମଦିୟା ମଧ୍ୟ ନିକଟରେ ରହିବା ଉଚିତ୍ । ଦୁଆ କରନ୍ତୁ ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିକୋଣରୁ ଉପରୋକ୍ତ ସମସ୍ତ ଭୂମିର ଗୋଟିଏ ସ୍ଥାନରେ ଓ ଗୋଟିଏ ଅଂଚଳରେ ଏକତ୍ରିତ ହେବାକୁ ମଙ୍ଗଳମୟ କରନ୍ତୁ । ଯେପରିକି ମୁଁ କହିଅଛି ଯେ, ମୋର ନିବାସ ସ୍ଥାନ ଓ କାର୍ଯ୍ୟାଳୟ ମଧ୍ୟ ସେଠାରେ ନିର୍ମିତ ହୋଇଅଛି । ସୁତରାଂ ମୁଁ ମଧ୍ୟ ବର୍ତମାନ ଲଣ୍ଡନରୁ ଇନଶା ଅଲ୍ଲାଃ ଇସଲାମାବାଦ ସ୍ଥାନାନ୍ତରିତ ହୋଇଯିବି । ଅଲ୍ଲାଃତାଲା ଇସଲାମାବାଦରୁ ଇସଲାମର ପ୍ରଚାର କାର୍ଯ୍ୟକୁ ବିସ୍ତୃତ ଓ ତ୍ୱରାନ୍ୱିତ କରନ୍ତୁ । ଆମିନ୍ । ଦୁଆ କରିବେ ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିରୁ ଏହି ପୌନଃପୁନିକ ଉଦ୍ଦେଶ୍ୟ ଓ ସ୍ଥାନାନ୍ତରଣକୁ ମଙ୍ଗଳମୟ କରନ୍ତୁ । ଆମିନ୍ ।

ଯେପରିକି ମୁଁ କହିଲି ଖଲିଫାଙ୍କ ରହିବା ନିମନ୍ତେ ଭବନ ଓ କାର୍ଯ୍ୟାଳୟ ଆଦି ସେଠାରେ ନିର୍ମାଣ ହୋଇସାରିଛି । ବେଶ୍ ବଡ଼ ମସଜିଦ୍ ମଧ୍ୟ ନିର୍ମାଣ କରାଯାଇଛି । ତେଣୁ କିଛି ଦିନରେ ମୁଁ ଲଣ୍ଡନରୁ ଇସଲାମାବାଦ ପ୍ରସ୍ଥାନ କରିବି । ସେଠାକୁ ମୋର ସ୍ଥାନାନ୍ତରିତ ହେବା ମଙ୍ଗଳମୟ ହେବା ନିମନ୍ତେ ଦୁଆ କରିବେ । ଅଲ୍ଲାଃତାଲା ସର୍ବଦା ନିଜ କୃପା ବର୍ଷଣ କରିଚାଲିଥାନ୍ତୁ । ଅଲ୍ଲାଃତାଲା ଇସଲାମାବାଦ ଠାରୁ ଇସଲାମର ପ୍ରଚାର କାର୍ଯ୍ୟ ପୂର୍ବ ଅପେକ୍ଷା ଅଧିକ ତୀବ୍ରତର କରନ୍ତୁ ଏବଂ **ଓ୍ୱସ୍‌ସି ମକାନକା** କେବଳ ଭବନକୁ ପ୍ରଶସ୍ତ କରିବାରେ ସୀମିତ ରହି ନଯାଉ ବରଂ ଅଲ୍ଲାଃଙ୍କ ଯୋଜନା ସମ୍ପର୍ଣ୍ଣ ହେବାର ମାଧ୍ୟମ ସାଜୁ । ଏଠାରେ ଏହା ମଧ୍ୟ ସ୍ପଷ୍ଟ ହେଉ ଯେ ମସଜିଦ୍ ଫଜଲରେ ରହୁଥିବା ପଡ଼ୋଶି ରହୁଛନ୍ତି ସେମାନଙ୍କୁ ଅହମଦିଙ୍କ ମସଜିଦ୍ ଆସିବା ଦ୍ୱାରା ଗାଡ଼ି ପାରକିଙ୍ଗ କରିବା ଦ୍ୱାରା ସର୍ବଦା ଯେଉଁ ଅସୁବିଧା ଓ ଆଭିଯୋଗ ରହୁଥିଲା । ତେଣୁ ନୂତନ ସ୍ଥାନ ଓ ଅଂଚଳର ଲୋକମାନଙ୍କୁ ଯେଭଳି ଉକ୍ତ ଅଭିଯୋଗ ନହେଉ । ସେମାନଙ୍କୁ ଏପରି ଅଭିଯୋଗ କରିବାର ଅବସର ଦେବେ ନାହିଁ । ଆଖପାଖର ଲୋକମାନେ (ନମାଜ ପାଠ) କରିବାକୁ ଆସିଲା ବେଳେ ଟ୍ରାଫିକ୍ ନିୟମକୁ ସର୍ବଦା ପାଳନ କରିବେ ।

ଯେଉଁ ପର୍ଯ୍ୟନ୍ତ ଜୁମାର ପ୍ରଶ୍ନ ରହିଲା ସାଧାରଣତଃ ମୁଁ ଏହିଠାରେ ଆସି ଜୁମା ପାଠ କରେଇବି । ଅମିର ସାହେବଙ୍କୁ ମୁଁ କହିଦେଇଛି । ସେ ସଥାସମ୍ଭବ ଏକ ଯୋଜନା ପ୍ରସ୍ତୁତ କରି ଜମାଅତକୁ ମଧ୍ୟ ଅବଗତ କରିଦେବେ କି ଯେଉଁ ଲୋକମାନେ ଅବା ଜମାଅତ ଇସଲାମାବାଦରେ ଜୁମା ପଢିବାକୁ ଇଚ୍ଛୁକ ସେମାନେ କେଉଁମାନେ ଅଟନ୍ତି । ସେଠାକାର ଆଖପାଖରେ ଥିବା ଜମାଅତ ଯଦି ସେମାନଙ୍କ ମଧ୍ୟରୁ କେହି ଯାଇ ସେଠାରେ ଜୁମା ପଢିବାକୁ ଇଚ୍ଛା କରନ୍ତି ତେବେ କରିପାରିବେ । ଅନ୍ୟ କେଉଁ କେଉଁ ଅଂଚଳର ଲୋକ ପଢିପାରିବେ ? ଇସଲାମାବାଦର ୨୦ମିଲ ବ୍ୟାସାର୍ଦ୍ଧ ମଧ୍ୟରେ ବାସ କରୁଥିବା ଅଂଚଳର ଅଧିବାସୀ ସେମାନେ ସେଠାରେ ଜୁମା ପଢିପାରିବେ । ତେବେ ବିସ୍ତାର ରୂପେ ଜମାଅତମାନଙ୍କୁ ଅମିର ସାହେବଙ୍କ ନିକଟରୁ ପତ୍ର ସଦରମାନଙ୍କୁ ହସ୍ତଗତ ହୋଇଯିବ । ୨୦ମିଲ୍ ବାହାରେ ଯେଉଁ ଲୋକମାନେ ରହୁଥିବେ ସେମାନେ ସେଠାରେ ଜୁମା ପାଠ କରିବା ନିମନ୍ତେ ଯେ ଜୁମା ପାଠ କରିପାରିବେ ସେମାନଙ୍କ ସମ୍ବନ୍ଧରେ ମଧ୍ୟ ଖୁବ୍ ଶିଘ୍ର ଜଣାଇ ଦିଆଯିବ କି ସେମାନେ କେଉଁ କେଉଁ ଜମାଅତ ଅଟନ୍ତି ଅବା କିଭଳି ରୂପେ ସେମାନଙ୍କୁ କ୍ରମାନୟରେ ରଖାଯିବ । ତେବେ ପୁନଶ୍ଚ ମୁଁ ଏହା କହିବି କି ଦୁଆ କରିବେ ଅଲ୍ଲାଃତାଲା ଏହି ଯୋଜନା ଓ ସେଠାକୁ ଆମର ସ୍ଥାନାନ୍ତରିତ ହେବା ସମସ୍ତ ଦିଗରୁ ମଙ୍ଗଳମୟ ସାବ୍ୟସ୍ତ ହେଉ ।


**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahemadiya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahemadiya, Kerang (Odisha)*


ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 09-16 May 2019 Issue No. 19-20

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅଃବଃଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

**୨୭ ଅକ୍ଟୋବର ୨୦୧୮(ଶନିବାର)**

ହଜୁର ଅନଓ୍ୱର ଅ.ବ ସକାଳ ୬.୩୦ଟାରେ ମସଜିଦ୍ ବୟତୁଲ୍ ସମିରେ ଆସି ନମାଜ ଫଜର ପାଠ କରାଇଲେ । ନମାଜ ପାଠ କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ ନିଜ ରହିବା ସ୍ଥଳିକୁ ପ୍ରସ୍ଥାନ କଲେ ।

କାର୍ଯ୍ୟସୂଚି ଅନୁଯାୟୀ ୧୦.୩୦ରେ ହଜୁର ଅନଓ୍ୱର ଅ.ବ ମସଜିଦ୍‌ର ପୁରୁଷଙ୍କ ପାଇଁ ନିର୍ମିତ ହଲକୁ ଆଗମନ କଲେ ଏବଂ ସେଠାରେ ହେଓଷ୍ଟନ ଜମାଅତର ନିମ୍ନ ମଜଲିସ୍ ଆମିଲାର ସଦସ୍ୟଙ୍କ ସହ ଗ୍ରୁପ ଫଟୋ ଉତ୍ତ୍ୱଳନ କରିବାର ସୌଭାଗ୍ୟ ପ୍ରଦାନ କଲେ ।

* ଲୋକଲ୍ ମଜଲିସ୍ ଆମିଲା ଜମାଅତ ଅହମଦିୟା ହେଓଷ୍ଟନ ସାଉଥ୍ * ମଜଲିସ୍ ଆମିଲା ଜମାଅତ ଅହମଦିୟା ହେଓଷ୍ଟନ ନରଥ୍ * ମଜଲିସ୍ ଆମିଲା ଜମାଅତ ଅହମଦିୟା ହେଓଷ୍ଟନ ସାଇପ୍ରେସ୍ * ହେଓଷ୍ଟନ୍ ଜମାଅତର ସେବାକର୍ମୀଙ୍କ ଗ୍ରୁପ ଯେ ବିଭିନ୍ନ ସ୍ତରରେ ସେବା ସମ୍ପାଦନ କରୁଛନ୍ତି ।

ଏଥିଅନ୍ତେ ହଜୁର ଅନଓ୍ୱର ଅ.ବ ନିଜ କାର୍ଯ୍ୟାଳୟ ଆଡ଼କୁ ପ୍ରସ୍ଥାନ କଲେ, ଯୋଉଁଠାରେ କିଛି ଫେମିଲିଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଥିଲା ।

**ସପରିବାରଙ୍କ ସହ ସାକ୍ଷାତ**

ଆଜି ସକାଳର ଏହି ବୈଠକରେ ୭୪ଗୋଟି ପରିବାରର ମୋଟ ୩୯୬ଜଣ ସଦସ୍ୟ ହଜୁର ଅନଓ୍ୱର ଅ.ବଙ୍କ ସହ ସାକ୍ଷାତ କରିବାର ସୌଭାଗ୍ୟ ଅର୍ଜନ କଲେ । ସେ ସମସ୍ତ ସଦସ୍ୟଗଣ ନିଜ ପ୍ରିୟ ଆକାଙ୍କ ସହ ଫଟୋ ଉତ୍ତ୍ୱଳନ କରିବାର ସୌଭାଗ୍ୟ ଲାଭ କଲେ । ହଜୁର ଅନଓ୍ୱର ଅ.ବ ଜ୍ଞାନ ଆହରଣ କରୁଥିବା ଛାତ୍ରଛାତ୍ରିମାନଙ୍କୁ କଲମ ପ୍ରଦାନ କଲେ ଏବଂ କୁନି କୁନି ପିଲାମାନଙ୍କୁ ଚକଲେଟ୍ ପ୍ରଦାନ କଲେ ।

ଆଜି ହଜୁର ଅନଓ୍ୱର ଅ.ବଙ୍କ ସହ ସାକ୍ଷାତ କରିଥିବା ଉକ୍ତ ଲୋକମାନେ ଆମେରିକା ବିଭିନ ପ୍ରାନ୍ତରେ ଅବସ୍ଥିତ ୨୮ଗୋଟି ଜମାଅତରୁ ଆସିଥିଲେ । ସେଗୁଡ଼ିକ ଯଥାକ୍ରମେ ସେଣ୍ଟପାଓଲ୍, ଜାରଜିୟା, କେରୋଲେନା, ଫୋନକସ୍, ଏରିଜୋନା, କାନସାସ୍ ସିଟି, ଲାସ ଓ୍ୱେଗସ୍, ମୟାମି, ଅଓ୍ୱରଲ୍ୟାଣ୍ଡ, ପୋଟ୍ ଲ୍ୟାଣ୍ଡ,ସେଟଲ୍, ଯିଆନ୍ ଇତ୍ୟାଦି । ଉକ୍ତ ଜମାଅତର ପରିବାରବର୍ଗ ଓ ଲୋକମାନେ ସୁଦୂର ଯାତ୍ରା ଅତିକ୍ରମ କରି ଆସିଥିଲେ । କେତେକ ପରିବାର ଓ ଲୋକମାନେ ତ ୧୧୮୨ମିଲର ଦିର୍ଘ ଦୂରତା ସାଢେ ସତର ଘଣ୍ଟାର ଯାତ୍ରା କରି ପହଂଚିଥିଲୋ

**ସାକ୍ଷାତ କରିଥିବା ସଦସ୍ୟଙ୍କର ବିଶ୍ୱାସ ବର୍ଦ୍ଧକ ପ୍ରତିଲକ୍ରିୟା**

ଗେମ୍ବିୟା ଦେଶରୁ ଆସିଥିବା ଜଣେ ବନ୍ଧୁ ଏବୋ ଜୋଫୋ ସାହେବ ଯେ ଆଜିକାଲି ଆମେରିକାରେ ମିନେସୋଟାରେ ବାସ କରୁଛନ୍ତି, ନିଜ ସାକ୍ଷାତର ଅବସ୍ଥା ଶୁଣାଇ କହିଲେ- ଏହା ମୋ ଜୀବନର ପ୍ରଥମ ସାକ୍ଷାତ ଥିଲା ମୋ ନିକଟରେ ଉକ୍ତ ସାକ୍ଷାତର ଅବସ୍ଥା ବର୍ଣ୍ଣନା କରିବା ପାଇଁ ଶବ୍ଦ ନାହିଁ । ଅଲ୍ଲାଃତାଲାଙ୍କ କୃପାରୁ ମୋର ଶ୍ୱର ବନ୍ଦ ହେଲା ନାହିଁ ଏବଂ ମୁଁ ନିଜ ଅତି ପ୍ରିୟ ହଜୁର ଅନଓ୍ୱରଙ୍କ ସହ କଥାଭାଷା ହୋଇପାରିଲି । ମୁଁ ହଜୁର ଅନଓ୍ୱରଙ୍କ ଚର୍ତୁପାର୍ଶ୍ୱରେ ଏକ ବିଶେଷ ଆଲୋକ ଘେରି ରହିଥିବାର ଅବଲୋକନ କଲି । ମୁଁ ହଜୁର ଅନଓ୍ୱରଙ୍କୁ ନିବେଦନ କଲି କି ମୁଁ ଇନସୋରନସ୍‌ର କାରବାର କରେ ଏଥିନିମନ୍ତେ କୌଣସି ନାମ ଚୟନ କରିଦିଅନ୍ତୁ । ହଜୁର ଅନଓ୍ୱର ଅତ୍ୟନ୍ତ ସହାନୁଭୂତିର ସହ ମୋ କାରବାରର ନାମ ମୋ ନାମରେ ରଖିଦେଲେ ।

ଜଣେ ବନ୍ଧୁ ଶ୍ରୀମାନ ମୁସଓ୍ୱିର ସାହେବ ଯେ ଆନଟୋନିଓ ଜମାଅତରୁ ଆସିଥିଲେ ବର୍ଣ୍ଣନା କରନ୍ତି କି ଖଲିଫାଙ୍କ ସହ ପ୍ରଥମ ସାକ୍ଷାତ ଏଭଳି ଘଟଣା ଅଟେ । ଯାହାକୁ କୌଣସି ବ୍ୟକ୍ତି ଶବ୍ଦ ମାଧ୍ୟମରେ ବର୍ଣ୍ଣନା କରିପାରିବ ନାହିଁ । ଏକ ଭିନ୍ନ ରକମର ଶାନ୍ତି ଅନୁଭବ କରୁଅଛି ।

ସୋଏବ ଅହସନ ସାହେବ ଯେ ଅଓଷ୍ଟନ ଜମାଅତରୁ ସାକ୍ଷାତ ନିମନ୍ତେ ଆସିଥିଲେ, କୁହନ୍ତି ହଜୁର ଅନଓ୍ୱରଙ୍କ କାର୍ଯ୍ୟାଳୟ ଐଶ୍ୱି ଆଲୋକରେ ବିମଣ୍ଡିତ ଥିଲା ଯାହାକୁ ପ୍ରତ୍ୟେକ ଚକ୍ଷୁ ଅବଲୋକନ କରିପାରିବ । ମୋ ପତ୍ନୀ ଭିଷଣ ଭାବରେ ଡ଼ରି ଯାଇଥିଲେ କିନ୍ତୁ ହଜୁର ଅନଓ୍ୱର ତାଙ୍କୁ ଆଶ୍ୱସନା ଦେଲେ ଏବଂ କହିଲେ ଭୟ କରିବାର କୌଣସି କାରଣ ନାହିଁ । ତା’ପରେ ମୁଁ କହିଲି ଆମ ପୁତ୍ର ଓ୍ୱକଫେ ନୋରେ ଅନ୍ତର୍ଭୁକ୍ତ ଅଛି ଏବଂ ଆମର ଆଶା କି ସେ ବଡ଼ ହୋଇ ଜଣେ ସଫଳ ମୁବଲିଗ୍ ଓ ଓ୍ୱକଫେ ଜିନ୍ଦେଗୀ (ଜୀବନ ଉତ୍ସର୍ଗୀ) ହେଉ । ଏଥିରେ ହଜୁର ଅନଓ୍ୱର ଆମ ପୁତ୍ରକୁ କହିଲେ ଯେତେବେଳେ ତୁମେ ଏକାଦଶରେ ପହଂଚିବ ଏବଂ ତୁମ ଅନ୍ତର ଆତ୍ମା ମୁରବୀ ହେବାକୁ କୁହେ ତେବେ ତୁମେ ନିଶ୍ଚିତ ମୁରବୀ ହେବାକୁ ଚେଷ୍ଟା କରିବ । ନିଜ ପିତାମାତାଙ୍କ ଚାପରେ କୌଣସି ନିଷ୍ପତି କରିବ ନାହିଁ ବରଂ ସ୍ୱୟଂ ନିଷ୍ପତି ନେବ କି ମୋର କଣ ହେବା ଉଚିତ୍ । ଯଦି ଡ଼ାକ୍ତର ହେବାକୁ ଇଚ୍ଛା କର ତେବେ ତାହା ହିଁ ହେବ ତାହା ତୁମର ଅଭିରୁଚି ହେବ ।

ସବା ରୋଫ୍ ସାହେବାଃ ନିଜ ପରିବାରଙ୍କ ହଜୁର ଅନଓ୍ୱରଙ୍କ ସହ ସାକ୍ଷାତ ଅନ୍ତେ ପ୍ରତିକ୍ରିୟା ପ୍ରକାଶ କରି କହିଲେ ହଜୁର ଅନଓ୍ୱରଙ୍କ କାର୍ଯ୍ୟାଳୟରେ ପାଦ ଦେଲା ମାତ୍ରେ ଯେତେବେଳେ ମୋର ଦୃଷ୍ଟି ହଜୁର ଅନଓ୍ୱରଙ୍କ ମୁଖମଣ୍ଡଳରେ ପଡ଼ିଲା ସେତେବେଳ ଠାରୁ ବର୍ତମାନ ପର୍ଯ୍ୟନ୍ତ ମୋତେ ଏକ ସହାନୁଭୂତି ଆସ୍ୱାଦନ କରି ରଖିଛି । ମୁଁ ହଜୁର ଅନଓ୍ୱରଙ୍କୁ କିଛି ହେଲେ କହିପାରିଲି ନାହିଁ । ସର୍ବପ୍ରଥମେ ହଜୁର ଅନଓ୍ୱର ନିଜ ସହାନୁଭୂତି ପୂର୍ଣ୍ଣ ହସ୍ତ ମୋ ପିଲାମାନଙ୍କ ମୁଣ୍ଡରେ ରଖିଲେ ତାପରେ ମୋତେ ଡ଼ାକି ଜଣେ ସହାନୁଭୂତି ପୁର୍ଣ୍ଣ ପିତାଙ୍କ ପରି ମୋ ମୁଣ୍ଡ ଉପରେ ମଧ୍ୟ ନିଜ ପବିତ୍ର ହସ୍ତ ରଖିଲେ । ମୁଁ ସେହି ଅବସରକୁ ବର୍ଣ୍ଣନା କରିପାରିବି ନାହିଁ । ତାହା ମୋ ଚକ୍ଷୁ ସମ୍ମୁଖରେ ଝଲକି ଉଠୁଲେ ମୋ ଚକ୍ଷୁରୁ ଅଶ୍ରୁ ଧାର ଧାର ହୋଇ ବହିପଡୁଛି । ଏପରି ଅଣୁଭବ ହେଉଛି ଯେପରି ହଜୁର ଅନଓ୍ୱରଙ୍କ ସହ ସାକ୍ଷାତ କରିବା ପରେ ସମୟ ଅଟକି ଯାଇଛି ଏବଂ ଯେପରି ଈଶ୍ୱର ଆଜି ଏକ ନୂତନ ଆତ୍ମା ଆମ ମଧ୍ୟରେ ଫୁଙ୍କି ଦେଇଛନ୍ତି । ବର୍ଷବର୍ଷ ଧରି ନିଜ ପ୍ରିୟ ଆକାଙ୍କ ସହ ସାକ୍ଷାତ କରିବାର ଯେଉଁ ଅଭିଳାଷା ଥିଲା ସେହି ତୃଷ୍ଣା ଆଜି ଦୂର ହୋଇଛି

ତାଙ୍କର ଜଣେ ୧୫ବର୍ଷିୟ କନ୍ୟା ନୁରୁଲ୍ ଇରଫାନ୍ ରବାନୀ କୁହନ୍ତି ମୁଁ ହଜୁର ଅନଓ୍ୱରଙ୍କ କାର୍ଯ୍ୟାଳୟରେ ପ୍ରବେଶ କରିବା ମାତ୍ରେ ମୋର ଦୃଷ୍ଟି ହଜୁର ଅନଓ୍ୱରଙ୍କ ଉଜ୍ଜ୍ୱଳମୟ ମୁଖମଣ୍ଡଳ ଉପରେ ପଡ଼ିଗଲା ସେତେବେଳ ଠାରୁ ବାହାରକୁ ଆସିବା ପର୍ଯ୍ୟନ୍ତ କ୍ରମାଗତ ଭାବରେ ମୋ ଚକ୍ଷୁରୁ ଲୋତକ ଝରିଚାଲିଥିଲା । ହଜୁର ଅନଓ୍ୱର ଅତ୍ୟନ୍ତ ସହାନୁଭୂତି ଓ ସେହ୍ନ ଆଦରତାର ସହ ମୋ ଭାଇ ଭଉଣୀମାନଙ୍କ ମୁଣ୍ଡ ଉପରେ ନିଜ ପବିତ୍ର ହାତ ବୁଲାଇ ଆଣିଲେ ଏବଂ ଆମ ତିନି ଜଣକୁ କଲମ ପ୍ରଦାନ କଲେ ଏବଂ ଚକଲେଟ୍ ମଧ୍ୟ ପ୍ରଦାନ କଲେ ।

ଡ଼ାଇନେଲ୍ ବୌକ୍ ସାହେବ ଯେ ଅଷ୍ଟିନ୍ ଜମାଅତରୁ ଆସିଥିଲେ । କୁହନ୍ତି ଆଜି ଜୀବନର ହଜୁର ଅନଓ୍ୱରଙ୍କ ସହ ପ୍ରଥମ ସାକ୍ଷାତ ଥିଲା । ଅଧମ ୧୧ବର୍ଷ ପୂର୍ବେ ଜମାଅତ ଅହମିଦୟାରେ ଅନ୍ତର୍ଭୁକ୍ତ ହୋଇଥିଲା । ଆଜି ମୋ ଜୀବନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ ଅଟେ । ମୋ ଆନନ୍ଦର ସୀମା ନାହିଁ । ଯେହେତୁ ବର୍ତମାନ ମୁଁ ଅବସର ପ୍ରାପ୍ତି ଅଟେ ତେଣୁ ହଜୁର ମୋତେ ଆରବୀ ଓ ଉର୍ଦ୍ଦୁ ସିଖିବା ସହ ନିଜ ଆଧ୍ୟାତ୍ମିକ ଉନ୍ନତି ପ୍ରତି ବିଶେଷ ମନନିବେଶ ଦେବାକୁ ନିର୍ଦେଶ ଦେଇଛନ୍ତି ।

ଆଉ ଜଣେ ବନ୍ଧୁ ଶ୍ରୀମାନ ଅଓ୍ୱସାଫ ମଲକ ସାହେବ ବର୍ଣ୍ଣନା କରନ୍ତି କି ସାକ୍ଷାତ ପୂର୍ବରୁ ଆମେ ଅତ୍ୟଧିକ ଭୟଭିତ ହୋଇଯାଇଥିଲୁ କିନ୍ତୁ ଯେମିତି ହଜୁରଙ୍କ ନିକଟରେ ଉପସ୍ଥିତ ହେଲୁ ଭୟ ଆପଣଛାଏଁ ଉଭେଇ ଗଲା । ମୋ ପୁତ୍ରିର ହାତ ପ୍ରକମ୍ପିତ ଅବସ୍ଥାରେ ଥିଲା କିନ୍ତୁ ତାହା କୌଣସି ଭୟରେ ନୁହେଁ ବରଂ ଅତ୍ୟନ୍ତ ଆନନ୍ଦ ହେବା ଯୋଗୁଁ ଥିଲା ।

ଆଉ ଜଣେ ସାହେବ ଶ୍ରୀମାନ ମହମୁଦ୍ ଅସଲମ୍ ସାହେବ କ୍ୟାଲିଫରନିଆରୁ ସାକ୍ଷାତ କରିବା ନିମନ୍ତେ ଆସିଥିଲେ, ସେ କହିଲେ ମୁଁ ଚାରି ବର୍ଷ ପୂର୍ବରୁ ସପରିବାର ଆମେରିକା ପ୍ରବାସ କରିଆସିଛି ଏବଂ ଆଜି ଆମର କିଭଳି ସୌଭାଗ୍ୟ କି ଆମେ ହଜୁର ଅନଓ୍ୱରଙ୍କ ସହ ସାକ୍ଷାତ କଲୁ । ଯେତେବେଳେ ଆମେ ହଜୁର ଅନଓ୍ୱରଙ୍କୁ ନିକଟରୁ ଦେଖିଲୁ ତାହା ଏକ ଏଭଳି ହୃଦୟସ୍ପର୍ଷି କ୍ଷଣ ଥିଲା କି ଅନୁଭବ ହେଉଥିଲା ଯେପରି ଈଶ୍ୱରଙ୍କ ଦେବଦୂତ ହଜୁର ଅନଓ୍ୱରଙ୍କୁ ଘେରି ରହିଛନ୍ତି ।

ହୁସେନ ତାହେର ସାହେବ କୁହନ୍ତି ଖଲିଫାଙ୍କ ସହ ସାକ୍ଷାତର ସେହି କିଛି ମୃହୁର୍ତ ନିଃସନ୍ଦେହ ମୋ ଜୀବନର ସାରାଂଶ ଓ ସର୍ବୋତ୍କୃଷ୍ଟ ମୃହୁର୍ତ ଅଟେ ।

ଖୁରମ ସହଜାଦ ସାହେବ ଉଥା ରାଜ୍ୟରୁ ଆସିଥିଲେ । ହଜୁର ଅନଓ୍ୱରଙ୍କ ସାକ୍ଷାତ କରିବା ପରେ ନିଜ ପ୍ରତିକ୍ରିୟା ପ୍ରକାଶ କରି କହିଲେ ଆମେ ହଜୁର ଅନଓ୍ୱରଙ୍କୁ ଟି.ଭିରେ ଦେଖୁଥିଲୁ । ଆଜି ଯେତେବେଳେ ସ୍ୱଚକ୍ଷୁରେ ନିଜ ସମ୍ମୁଖରେ ଦେଖିଲୁ ସେତେବେଳେ ଏପରି ଅନୁଭବ ହେଉଥିଲା ଯେପରି କୌଣସି ସ୍ୱପ୍ନ ଦେଖୁଅଛୁ । ବର୍ତମାନ ସୁଧା ବିଶ୍ୱାସ ହେଉ ନାହିଁ କି ହଜୁର ଅନଓ୍ୱରଙ୍କୁ ସାକ୍ଷାତ କରି ଆସିଛୁ । ମୁଁ ହଜୁର ଅନଓ୍ୱରଙ୍କୁ ନିବେଦନ କଲି ଆମେ ରବଓାରୁ ଆସିଛୁ ଏଥିରେ ହଜୁର ଅନଓ୍ୱର କହିଲେ ଅଲ୍ଲାଃଙ୍କ କୃତଜ୍ଞ କି ଆପଣମାନେ ସୁରକ୍ଷିତ ଭାବରେ ଏଠାରେ ପହଂଚିଗଲେ । କିନ୍ତୁ ବର୍ତମାନ ଜମାଅତ ସହ ଏକ ସକ୍ରିୟ ସମ୍ପର୍କ ସ୍ଥାପନ କରିବାକୁ ପୂର୍ଣ୍ଣ ପ୍ରୟାସ କରନ୍ତୁ ।

ସାକ୍ଷାତ କରିଥିବା ସଦସ୍ୟଙ୍କ ମଧ୍ୟରେ ଜଣେ ବନ୍ଧୁ ଶ୍ରୀମାନ ମିର୍ଜା ମହମ୍ମଦ ଆରିଫା ସାହେବ ବର୍ଣ୍ଣନା କରନ୍ତି କି ଏହା ଆମର ହଜୁର ଅନଓ୍ୱରଙ୍କ ସହ ପ୍ରଥମ ସାକ୍ଷାତ ଥିଲା । ଯଦିଓ ସାକ୍ଷାତର ସମୟ ଖୁବ୍ କମ ଥିଲା କିନ୍ତୁ ଏପରି ମନେହେଉଥିଲା ଯେମିତି ଆମେ ଏକ ଗୁପ୍ତଧନ ପ୍ରାପ୍ତ କରି ଫେରିଛୁ । ମୋ ପୁତ୍ର ବର୍ତମାନ ସୁଧା କଥା କହିପାରୁନି, ମୁଁ ହଜୁର ଅନଓ୍ୱରଙ୍କୁ ତାହା ପାଇଁ ଦୁଆ କରିବା ନିମନ୍ତେ ନିବେଦନ କରିବାରୁ ହଜୁର ଅନଓ୍ୱର କହିଲେ ବିନ୍ରତା ଓ ସ୍ନେହର ସହ ତାହା ସହିତ କଥା ହୁଅ । ଅଲ୍ଲାଃତାଲା ନିଜ କରୁଣା ପ୍ରଦାନ କରିବେ । ଇନ୍ନଶା ଅଲ୍ଲାଃ

ସାଉଥ ପେସିଫିକ୍‌ର ଦ୍ୱୀପ ମଲକ ମାରସଲ ଦ୍ୱୀପପୁଞ୍ଜରୁ ଅନେକ ଅହମଦି ପ୍ରବାସ କରି ଆମେରିକାର ଆର୍କାନସାସ୍ ସହରେ ବସତି ସ୍ଥାପନ କରିଛନ୍ତି । ଆଜି ସେଠାରୁ ୧୮ଜଣ ସଦସ୍ୟ ବିଶିଷ୍ଟ ଏକ ଦଳ ୯୧୮କି.ମି ଦୂରତା ସଡ଼କ ପଥ ମାଧ୍ୟମରେ ଦିର୍ଘ ୧୨ ଘଣ୍ଟା ଯାତ୍ରା କରି ପହଂଚିଥିଲେ । ସେହି ଭାଗ୍ୟବନ୍ତ ଲୋକମାନେ ପ୍ରଥମ ଥର ହଜୁର ଅନଓ୍ୱରଙ୍କ ସହ ସାକ୍ଷାତ କଲେ । ସେମାନେ ହଜୁର ଅନଓ୍ୱରଙ୍କ ପଛରେ ସାମୁହିକ ନମାଜ ପାଠ କଲେ ଏବଂ ନମାଜ ଜୁମା ମଧ୍ୟ ପାଠ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେମାନେ ବୁଧବାର ଦିନ ରାତିରେ ଏଠାରେ ପହଂଚିଥିଲେ । ଆଜି ସେମାନଙ୍କର ହଜୁର ଅନଓ୍ୱରଙ୍କ ସହ ସାକ୍ଷାତ ମଧ୍ୟ ହୋଇଗଲା । ତାଙ୍କ ଅଂଚଳର ମୁବଲିଗ୍ ସାହେବ କୁହନ୍ତି ଯେତେବେଳେ ହଜୁର ଅନଓ୍ୱରଙ୍କ ସହ ସାକ୍ଷାତ କରିବାର ସମୟ ପାଖେଇ ଆସିଲା ସେମାନଙ୍କ ମୁଖମଣ୍ଡଳ ଆନନ୍ଦରେ ଉଜ୍ଜ୍ୱଳମୟ ହୋଇ ଉଠୁଥିଲା । ମାରଶଲେଜ୍ ଜାତିର ଏହି ଲୋକମାନେ ମଧ୍ୟ ଅଜି ପ୍ରଥମ ଥର ପାଇଁ ହଜରତ ମସିହ ମଉଦ ଅ.ସଙ୍କ ଝରଣାରୁ ଜଳ ପାଳ କରିବାର ସୌଭାଗ୍ୟ ଲାଭ କରିଥିଲେ ।

ହଜୁର ଅନଓ୍ୱର ସମସ୍ତଙ୍କ ଖବର ପାଚରି ବୁଝିଲେ ଏବଂ ସେମାନଙ୍କ ସହ କଥୋପକଥନ ହେଲେ ଏବଂ ସେମାନଙ୍କ ସ୍ଥାନାନ୍ତରିତ ହେବା ସମ୍ପର୍କରେ ପ୍ରଶ୍ନ କଲେ । ସେ ସମସ୍ତ ସଦସ୍ୟବୃନ୍ଦ ନିଜ ଆକାଙ୍କ ସହ ଫଟୋ ଅବତ୍ତ୍ୱଳନ କରିବାର ସୌଭାଗ୍ୟ ଅର୍ଜନ କଲେ ।

ସାକ୍ଷାତ କରିବା ପରେ ଜଣେ ମହିଳା ଲିନ୍

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan